ପୃଷ୍ଠା–୮+୮ 48 ଧରିତ୍ରୀ DHARITRI ୪୮

ଢେଙ୍କାନାଳ, ଶନିବାର, ଡିସେମ୍ବର ୧୧/୨୦୨୧ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Dhenkanal, Saturday, December 11/2021 ★★★★★

୧୭ଶ ଭାଗ ୨୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ସୁନା କଏନ ଗିଫ୍ଟ ଦେଲେ ଅଲ୍ଲୁଅର୍ଜୁନ**

ଫିଲ୍ମ 'ପୁଷ୍ପା: ଦ ରାଇଜ୍' ରିଲିଜ ହେବା ପୂର୍ବରୁ ଟେକ୍ନିସିଆନଙ୍କ ଟିମ୍‌ର କାମରେ ପ୍ରଭାବିତ ହୋଇ ସେମାନଙ୍କୁ ସୁନା କଏନ ଗିଫ୍ଟ ଦେଇଛନ୍ତି ସାଉଥ୍ ଷ୍ଟାର ଅଲ୍ଲୁ ଅର୍ଜୁନ। ୦୭

୦୮ **ରୁଟ୍‌ଙ୍କ ରେକର୍ଡ**

ବ୍ରିସ୍‌ବେନଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ କ୍ରିକେଟ ଟେଷ୍ଟରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍।



ବିତରକଙ୍କଠାରୁ ୮ ପୃଷ୍ଠାର 'ପିଲାଙ୍କ ଧରିତ୍ରୀ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।




ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।

# ବୋହିନେଲେ ଲୁହାପଥର

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ଖଣି ରାଜସ୍ୱରେ ବ୍ୟାପକ ହେରଫେର ଓ ଅନିୟମିତତା ହୋଇଛି। ଲିଜ୍‌ଧାରୀ ଅନୁମୋଦିତ ପରିମାଣଠାରୁ ଅଧିକ ପରିମାଣର ଲୁହାପଥର ଉତ୍ତୋଳନ କରିଥିଲେ ମଧ୍ୟ ଖଣି ଯୁଗ୍ମ ନିର୍ଦ୍ଦେଶକ ସେମାନଙ୍କଠାରୁ ବଳକା ମୂଲ୍ୟ ଆଦାୟ କରିନାହାନ୍ତି। ଫଳରେ ସରକାରଙ୍କୁ ଖଣି ଟିକସ ବାବଦରେ ୪୫୬.୪୬ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। କେବଳ ସେତିକି ନୁହେଁ, ନିର୍ଦ୍ଧାରିତ ସମୟରେ କୋଇଲାର ରନ ଅଫ୍ ମାଇନ୍ସ (ଆର୍‌ଓଏମ୍) ମୂଲ୍ୟରେ ସାଇଜିଂ ଦେୟକୁ ଅନ୍ତର୍ଭୁକ୍ତ ନ କରିବା ଯୋଗୁ ୪୧.୫ କୋଟିର ରୟାଲ୍‌ଟି କ୍ଷତି ମଧ୍ୟ ସରକାରଙ୍କୁ ସହିବାକୁ ପଡ଼ିଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ଅଡିଟ୍ ରିପୋର୍ଟରେ ଏକଥା ଦର୍ଶାଇଛନ୍ତି। ବିଧାନସଭାରେ ଶୁକ୍ରବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୧୯–୨୦ ଆର୍ଥିକ ବର୍ଷର ରାଜସ୍ୱ, ସାଧାରଣ କ୍ଷେତ୍ର ଓ ସାମାଜିକ କ୍ଷେତ୍ର ସିଏଜି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିଛନ୍ତି।

ସିଏଜି ରାଜସ୍ୱ କ୍ଷେତ୍ର ରିପୋର୍ଟରେ ଦର୍ଶାଇଛନ୍ତି ଯେ ଯୋଡ଼ା ଖଣି ମଣ୍ଡଳ ଅଧୀନରେ ଥିବା ଉଞ୍ଚାବାଲି ଲହାପଥର ଓ ମାଙ୍ଗାନିଜ ଖଣିର ଲିଜ୍‌ଧାରୀ ଇନ୍ଦ୍ରାଣୀ ପଟ୍ଟନାୟକ ୮,୨୦,୭୯୭ ମେଟ୍ରିକ ଟନ୍ ଅଧିକ ଲୁହାପଥର



ଉତ୍ତୋଳନ କରିଛନ୍ତି। ଏହି ଖଣିର ରନ୍ ଅଫ୍ ମାଇନ୍ସର ସୀମା ୩୭,୯୯,୯୨୩ ମେଟ୍ରିକ ଟନ୍ ଥିବାବେଳେ ସେଥିରୁ ୨୯,୬୬,୩୩୩ ମେଟ୍ରିକ ଟନ୍ ଲୁହାପଥର ଏବଂ ୮,୩୩,୫୯୦ ମେଟ୍ରିକ ଟନ୍ ଖଣିଜ ବର୍ଜ୍ୟବସ୍ତୁ ଅନ୍ତର୍ଭୁକ୍ତ। ତେବେ ମାସିକ ବିବରଣୀ ଯାଞ୍ଚରୁ ଜଣାପଡ଼ିଲା ଯେ ଉକ୍ତ ଲିଜଧାରୀ ୨୦୧୮–୧୯ରେ ୩୭,୮୭,୧୩୦ ଏମ୍‌ଟି ଲୁହପଥର ଉତ୍ପାଦନ କରିଥିଲେ। ସେଥିରେ ଆଦୌ ଖଣିଜ ବର୍ଜ୍ୟବସ୍ତୁ ନ ଥିଲା। ଅନୁମୋଦିତ ମାଇନିଂ ପ୍ଲାନ୍ ସହ ଏହି ପରିମାଣର ଲୁହାପଥରକୁ ତୁଳନା କଲେ ଲିଜ୍‌ଧାରୀ ୮,୨୦,୭୯୭ ଏମ୍‌ଟି ଲୁହପଥର ଅଧିକ ଉତ୍ତୋଳନ କରିଛନ୍ତି, ଯାହାର ମୂଲ୍ୟ ୪୫୬.୪୬ କୋଟି ହେବ ବୋଲି ସିଏଜି ଦର୍ଶାଇଛନ୍ତି।

ଟିକସ ଏବଂ ଅଣ ଟିକସ ଆଦାୟରେ ମଧ୍ୟ ବ୍ୟାପକ ଅନିୟମିତତା ଓ ହେରଫେର ହୋଇଛି। ଖଣି ଟିକସ, ଅବକାରୀ ଟିକସ, ଷ୍ଟାମ୍ପ ଡ୍ୟୁଟି, ମୋଟର ଯାନ ଟିକସ, ମୂଲ୍ୟଯୁକ୍ତ ଟିକସ, ପ୍ରବେଶ କର ଇତ୍ୟାଦି କ୍ଷେତ୍ରରେ ସରକାରୀ ବାବୁମାନଙ୍କର ଉଦାସୀନତା ଜଳଜଳ ହୋଇ ଦିଶୁଛି। ଠିକ୍ ଢଙ୍ଗରେ ମୂଲ୍ୟାୟନ କରା ନ ଯିବା ଯୋଗୁ ରାଜକୋଷକୁ ବହୁ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ରାଜକୋଷକୁ ୧୫୯୨.୯୬ କୋଟି ଟଙ୍କାର ଟିକସ ଓ ଅଣଟିକସ କ୍ଷତି ହୋଇଛି। ଏ ସମ୍ପର୍କିତ ନଥିପତ୍ର ଗାଏବ ହୋଇଯାଇଛି।

## ସିଏଜି ରିପୋର୍ଟ

- ଖଣି ରାଜସ୍ୱରେ ହେରଫେର
- ସରକାରଙ୍କୁ ୪୫୬.୪୬ କୋଟି କ୍ଷତି

ଅଡିଟ୍ ସମୟରେ ବାଣିଜ୍ୟ କର କମିଶନରଙ୍କ ପକ୍ଷରୁ ଯାଞ୍ଚ ପାଇଁ ୫୯୯ ନଥି, ରିଟର୍ନ, ଅର୍ଥ ଫେରସ୍ତ ରେଜିଷ୍ଟର ଏବଂ ଅନ୍ୟାନ୍ୟ ଦସ୍ତାବିଜ ପ୍ରଦାନ କରାଯାଇ ନାହିଁ। ଫଳରେ ୨୦୧୯–୨୦ ଆର୍ଥିକ ବର୍ଷର ୧୨୯୫.୪୭ କୋଟି ଟଙ୍କାର ବାଣିଜ୍ୟ କର ହିସାବ ମିଳୁନି।

୨୦୨୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାଟ୍, ପ୍ରବେଶ କର ଏବଂ ଖଣି ଟିକସ ବାବଦରେ ୧୩,୧୬୫.୬୧ କୋଟି ଟଙ୍କା ବକେୟା ପଡ଼ି ରହିଥିଲା। ସେଥିରୁ ୧୮୬୦.୦୭ କୋଟି ଟଙ୍କା ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ିରହିଛି। ଓଡ଼ିଶା ମୂଲ୍ୟଯୁକ୍ତ ଟିକସ(ଭାଟ୍) ହାର ନିର୍ଦ୍ଧାରଣରେ ତ୍ରୁଟି ଯୋଗୁ ରାଜକୋଷକୁ ୧.୬୩ କୋଟି ଟଙ୍କା କ୍ଷତି ହେବା ସହ ୩.୨୬ କୋଟି ଟଙ୍କାର ଜରିମାନା ☞ପୃଷ୍ଠା–୪

# ମାସ୍କ ବ୍ୟବହାର କମୁଛି: ସତର୍କ କରାଇଲା କେନ୍ଦ୍ର

- ମହାରାଷ୍ଟ୍ରରେ ଆଉ ୭, ଗୁଜରାଟରେ ୨ ସଂକ୍ରମିତ
- ୩୨ରେ ପହଞ୍ଚିଲା ଓମିକ୍ରନ୍ ମାମଲା

**ନୂଆଦିଲ୍ଲୀ/ଜାମନଗର, ୧୦।୧୨**

ମହାରାଷ୍ଟ୍ରରେ ଶୁକ୍ରବାର ଆଉ ୭ ଜଣ ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଗୁଜରାଟରେ ପୂର୍ବରୁ ପଜିଟିଭ୍ ଚିହ୍ନଟ ହୋଇଥିବା ପ୍ରବାସୀ ଭାରତୀୟଙ୍କ ସ୍ତ୍ରୀ ଓ ଶାଳକ ମଧ୍ୟ ଉକ୍ତ ଭାରିଆଣ୍ଟରେ ସଂକ୍ରମିତ ଥିବା ଜଣାପଡ଼ିଛି। ଫଳରେ ଭାରତରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ମହାରାଷ୍ଟ୍ରରେ ଚିହ୍ନଟ ୭ ନୂଆ ସଂକ୍ରମିତଙ୍କ ମଧ୍ୟରେ ଜଣେ ୩ ବର୍ଷର ଶିଶୁ ରହିଛି। ସେହିପରି ମୁମ୍ବାଇର ଧାରାବୀ ଅଞ୍ଚଳରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଉକ୍ତ ୪୯ ବର୍ଷୀୟ ବ୍ୟକ୍ତି ଜଣକ ତାଞ୍ଜାନିଆରୁ ଗତ ୪ ତାରିଖରେ ଫେରିଥିଲେ। ସେ କୋଭିଡ୍ ଟିକା ନେଇ ନ ଥିବା ଜଣାପଡ଼ିଛି। ଗୁଜରାଟରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୩ରେ ପହଞ୍ଚିଥିବାବେଳେ ମହାରାଷ୍ଟ୍ରରେ ୧୭ ହୋଇଛି। ତେବେ କୌଣସି ରୋଗୀଙ୍କଠାରେ ଗୁରୁତର ଲକ୍ଷଣ ଦେଖାଯାଇ ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୋଟ ଓମିକ୍ରନ୍ ସଂକ୍ରମଣର ୦.୦୪ ପ୍ରତିଶତରୁ କମ୍ ଭାରତରେ ଦେଖାଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି।

ଡିସେମ୍ବର ୧ରୁ ଇତିମଧ୍ୟରେ ୯୩ ଅନ୍ତର୍ଜାତୀୟ ବିମାନ ଯାତ୍ରୀ କୋଭିଡ୍–୧୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮୩ ଜଣ ଓମିକ୍ରନ୍ ସଂକ୍ରମିତ ଦେଶର। ବର୍ତ୍ତମାନ ସୁଦ୍ଧା ଓମିକ୍ରନ୍ ୫୯ ଦେଶକୁ ବ୍ୟାପିଲାଣି ଓ ମୋଟ ମାମଲା ସଂଖ୍ୟା ୨,୯୩୬ରେ ପହଞ୍ଚିଛି। ଏହା ବ୍ୟତୀତ ଅନ୍ୟ ୭୮,୦୫୪ ସନ୍ଦିଗ୍ଧ ମାମଲାର ଜିନୋମ ସିକ୍ୱେନ୍ସିଂ ଚାଲିଛି। ନୂଆ ଭାରିଆଣ୍ଟ ସହ କୋଭିଡ୍ ସଂକ୍ରମଣ ବଢୁଥିବାବେଳେ ମାସ୍କ ବ୍ୟବହାର କମୁଥିବା ନେଇ କେନ୍ଦ୍ର ସରକାର ସତର୍କ କରାଇଛନ୍ତି। ମାସ୍କ ବ୍ୟବହାର ହ୍ରାସକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଉଦ୍‌ବେଗ ପ୍ରକାଶ କରିଛି। ଏବେ ବି ସଂକ୍ରମଣ ବିପଦ ରହିଛି। ଏଭଳି ସମୟରେ ଟିକା ଓ ମାସ୍କ ଉଭୟ ଗୁରୁତ୍ୱପୂର୍ଣ୍ଣ ବୋଲି ନୀତି ଆୟୋଗର ସ୍ୱାସ୍ଥ୍ୟ ସଚିବ ଡ. ଭି.କେ. ପଲ୍ କହିଛନ୍ତି। ଓମିକ୍ରନ୍ ପାଇଁ ଚିକିତ୍ସା ପ୍ରୋଟୋକଲ୍ କୋଭିଡ୍ ଭଳି ସମାନ ରହିଛି। ମହାମାରୀକୁ ଭୁଲିଯାଇ ଲୋକେ ଉତ୍ସବ ଆୟୋଜନ କରୁଛନ୍ତି। ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ବହୁସଂଖ୍ୟାରେ ଜନ ସମାଗମ ହେଉଛି। ଏଭଳି ଉତ୍ସବଗୁଡ଼ିକରେ ଶତ ପ୍ରତିଶତ କୋଭିଡ୍ ନିରାପତ୍ତା ନିୟମ ପାଳନ ଲାଗି ଅନୁରୋଧ କରାଯାଉଛି ବୋଲି ଲବ ଅଗ୍ରୱାଲ କହିଛନ୍ତି। ଦ୍ୱିତୀୟ ଲହର ଆସିବା ପୂର୍ବରୁ ଲୋକମାନେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଛାୟା ଯୁଦ୍ଧ**

## ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ଶୁକ୍ରବାର ବିଧାନସଭାରେ ୨୦୨୧–୨୨ ଆର୍ଥିକବର୍ଷ ପାଇଁ ୧୯ ହଜାର ୮୩୩ କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍‌କୁ ଅନୁମୋଦନ ମିଳିଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଲ୍‌କୁ ପାରିତ କରିବା ଲାଗି ଉପସ୍ଥାପନ କରିଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ଏହାକୁ ବାଚନିକ ମତଦାନରେ ଅନୁମୋଦନ କରାଯାଇଛି। ୨୦୨୧–୨୨ ଆର୍ଥିକବର୍ଷର ମୂଳ ବଜେଟ ୧. ୭୦ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ଅତିରିକ୍ତ ବଜେଟର ଆକାର ମୂଳ ବଜେଟର ୧୧.୬୭% ହୋଇଛି। ବଜେଟରେ ପ୍ରଶାସନିକ ଖର୍ଚ୍ଚ ପାଇଁ ୪,୫୭୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୧୩,୫୬୮ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୬୮୨ କୋଟି ବ୍ୟୟବରାଦ କରାଯାଇଛି। ଏହି ଅତିରିକ୍ତ ବଜେଟର ମୋଟ ବ୍ୟୟ ମଧ୍ୟରୁ ୬,୧୩୭ କୋଟି ସହବନ୍ଧିତ ସମ୍ବଳ ଏବଂ ୭,୪୩୧ କୋଟି ଅତିରିକ୍ତ ନିଜସ୍ୱ ରାଜସ୍ୱରୁ ଭରଣା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବଜେଟରେ ପ୍ରଶାସନିକ ବ୍ୟୟ ମଧ୍ୟରେ ଋଣ ଭରଣା ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

# ବିଧାନସଭା ଅଧାରୁ ବନ୍ଦ

- ହଟ୍ଟଗୋଳରେ ସରିଲା
- ୨୬ ବଦଳରେ ୯ ଦିନ ଚାଲିଲା

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ବିଧାନସଭାର ଶୀତ ଅଧିବେଶନ ଅଧାରୁ ବନ୍ଦ ହୋଇଛି। ଲଗାତର ଗୃହ ଅଚଳ ହେବା ପରେ ଶୁକ୍ରବାର ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ କରାଯାଇଛି। ଶୁକ୍ରବାର ଅପରାହ୍ନରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଧାନସଭା ଅଧିବେଶନକୁ ବନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଶାସକ ଦଳ ସଦସ୍ୟମାନେ ସମର୍ଥନ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଚଳିତ ଅଧିବେଶନ ଡିସେମ୍ବର ୩୧ ତାରିଖ ଯାଏ ଚାଲିଥାଆନ୍ତା। ଏଥିରେ ୨୬ଟି କାର୍ଯ୍ୟ ଦିବସ ରହିଥିଲା। ମାତ୍ର ୯ ଦିନ ପରେ ଗୃହକୁ ବନ୍ଦ କରାଯାଇଛି। ୯ ଦିନ ମଧ୍ୟରେ ୮ଟି ସରକାରୀ ଦିବସ ରହିଥିବା ବେଳେ ଗୋଟିଏ ବେସରକାରୀ ଦିବସ ରହିଥିଲା।

ଚଳିତ ଅଧିବେଶନର ପ୍ରଥମ ଦିବସରେ ହଟ୍ଟଗୋଳ ମଧ୍ୟରେ ୨୦୨୧–୨୨ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହୋଇଥିଲା। ଏହି ଅଧିବେଶନରେ ଦୁଇଟି ଶୋକ ପ୍ରସ୍ତାବ ଆଗତ ହୋଇଥିବା ବେଳେ ୧୧ଟି ବାର୍ଷିକ ରିପୋର୍ଟ, ୩୫ଟି ପେପର, ଗୋଟିଏ କମିଟି ରିପୋର୍ଟ, ୧୪୭୮ ଅଣତାରକା ପ୍ରଶ୍ନ, ୭୮୬ ତାରକା ପ୍ରଶ୍ନୋତ୍ତର ଏବଂ ଗୋଟିଏ ବିଲ୍ ଆଗତ କରାଯାଇଛି। ସେହିପରି ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ମାନ୍ୟତା ଦେବା ସଂକଳ୍ପ ସହିତ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା। ଏହାଛଡ଼ା ବିଭିନ୍ନ ବିଭାଗର ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ଅଚଳ ହୋଇଯାଇଥିଲା। ଶୁକ୍ରବାର ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। ବିରୋଧୀ କଂଗ୍ରେସ ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଭୋଟ ହାସଲ ପାଇଁ ନିର୍ବାଚନରେ ଉଭୟେ ଧର୍ମଭିତ୍ତିକ ରାଜନୀତି କରିଥାନ୍ତି।

**–ଅଧୀର ରଞ୍ଜନ ଚୌଧୁରୀ, କଂଗ୍ରେସ ନେତା**




# ସିଡିଏସ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ

- ଗୋଟିଏ ଚିତାରେ ଜଳିଲେ ବିପିନ୍ ଓ ମଧୁଲିକା
- ଶୋକାକୁଳ ପରିବେଶରେ ମୁଖାଗ୍ନି ଦେଲେ ଦୁଇଝିଅ

**ନୂଆଦିଲ୍ଲୀ,୧୦।୧୨**

ତାମିଲନାଡୁର କୁନ୍ନୁର ନିକଟରେ ବୁଧବାର ଭାରତୀୟ ବାୟୁସେନାର ଏମ୍‌ଆଇ–୧୭ଭି୫ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ , ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍ ଓ ବ୍ରିଗେଡିୟର ଏଲ୍.ଏସ୍. ଲିଡ୍ଡର ଶୁକ୍ରବାର ସନ୍ଧ୍ୟାରେ ପଞ୍ଚତତ୍ତ୍ୱରେ ବିଲୀନ ହୋଇଛନ୍ତି। ସ୍ୱର୍ଗତ ସିଡିଏସ୍‌ଙ୍କ ଦୁଇଝିଅ କ୍ରିତିକା ଓ ତାରିଣୀ ମା'ବାପାଙ୍କୁ ଦିଲ୍ଲୀର କ୍ୟାଣ୍ଟସ୍ଥିତ ବ୍ରାର ସ୍କୋୟାର ଶ୍ମଶାନ ଘାଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖାଗ୍ନି ଦେଇଛନ୍ତି। ପୂଜକଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ଓ ସେନାର ତୋପ ସଲାମୀ ସହ ରାୱତ୍ ଓ ମଧୁଲିକାଙ୍କୁ ଗୋଟିଏ ଚିତାରେ ଦାହ କରାଯାଇଛି। ଜେନେରାଲ ରାୱତ୍‌ଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ଦେଶବିଦେଶରୁ ବହୁ ସାମରିକ ଅଧିକାରୀ ଆସିଥିଲେ। ସ୍ୱର୍ଗତ ରାୱତ୍ ଓ ମଧୁଲିକାଙ୍କ ଚିତାଭସ୍ମ ଶନିବାର ସକାଳେ ନେଇ ହରିଦ୍ୱାର ନିକଟ ଗଙ୍ଗାରେ ବିସର୍ଜନ କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

ଭାରତର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍, ସ୍ତ୍ରୀ ମଧୁଲିକା ଓ ଅନ୍ୟ ପ୍ରତିରକ୍ଷା ଅଧିକାରୀମାନଙ୍କ ପାର୍ଥିବ ଶରୀରଗୁଡ଼ିକୁ ଗୁରୁବାର ରାତିରେ ଦିଲ୍ଲୀର ପାଲମ ଏୟାରପୋର୍ଟକୁ ଅଣାଯାଇଥିଲା। ଶୁକ୍ରବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଓ ତିନିସେନା ମୁଖ୍ୟ ବାୟୁସେନା ଏୟାରବେସ୍‌କୁ ଯାଇ ସିଡିଏସ୍ ରାୱତ୍‌ଙ୍କ ସମେତ ୧୩ ମୃତକଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ରାୱତ୍, ମଧୁଲିକା ଓ ଲିଡ୍ଡରଙ୍କ ପାର୍ଥିବ ଶରୀରକୁ ସେଠାରୁ ସିଡିଏସ୍‌ଙ୍କ ନୂଆଦିଲ୍ଲୀସ୍ଥିତ ୩ କାମରାଜ ମାର୍ଗ ଆବାସିକ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ସିଜେଆଇ ଏନ୍.ଭି. ରମନା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ରାୱତ୍‌ଙ୍କ ଶେଷଦର୍ଶନ କରିଥଲେ। ସେଠାରୁ କଡ଼ା ସୁରକ୍ଷା ବଳୟରେ ବ୍ରାର ସ୍କୋୟାର ଶ୍ମଶାନ ଘାଟକୁ ପାର୍ଥିବ ଶରୀରଗୁଡ଼ିକୁ ନିଆଯାଇଥିଲା। ସ୍ଥଳସେନା, ବାୟୁସେନା ଓ ନୌସେନାର ୯୯ ଅଧିକାରୀ ଏବଂ ତ୍ରାଇ ସର୍ଭିସ୍‌ର ୩୩ ସଦସ୍ୟ ମରଶରୀରକୁ ରେଡ୍ ଏସ୍କର୍ଟ ଦେଇ ଶ୍ମଶାନକୁ ନେଇଥିଲେ। ପ୍ରାୟ ୮୦୦ ଯବାନ ସୁରକ୍ଷା ଦାୟିତ୍ୱରେ ଥିଲେ। ରାୱତ୍‌ଙ୍କ ଶେଷଯାତ୍ରା ବେଳେ ଲୁଟିଏନ୍ସ ରାସ୍ତାରେ ଜନସମୁଦ୍ର ଦେଖିବାକୁ ମିଳିଥିଲା। ଦଳ ମତ ନିର୍ବିଶେଷରେ ବହୁ ରାଜନେତା ରାୱତ୍‌ଙ୍କୁ ବିଦାୟ ଜଣାଇଥିଲେ। ଅନେକ ସରକାରୀ କର୍ମଚାରୀ ସିଡିଏସ୍‌ଙ୍କ ସମ୍ମାନ ଜଣାଇବା ପାଇଁ ଛୁଟି ନେଇ ଏଥିରେ ସାମିଲ ହୋଇଥିଲେ। ଏପରି କି ଶ୍ରୀଲଙ୍କା, ଭୁଟାନ, ନେପାଳ, ବାଂଲାଦେଶରୁ ସାମରିକ କମାଣ୍ଡରମାନେ ଶେଷ ସମ୍ମାନ ଜଣାଇବା ପାଇଁ ଆସିଥିଲେ। ରାୱତ୍ ଓ ତାଙ୍କ ସ୍ତ୍ରୀଙ୍କ ମୃତଦେହକୁ ଦୁଇଟି ସୁସଜ୍ଜିତ ଭ୍ୟାନ୍‌ରେ ନିଆଯିବାବେଳେ ଲୋକେ ପୁଷ୍ପବୃଷ୍ଟି କରିଥିଲେ। 'ବନ୍ଦେ ମାତରଂ', 'ଭାରତ ମାତା କୀ ଜୟ' ଓ 'ଜେନେରାଲ ରାୱତ୍ ଅମର ରହେ' ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ତ୍ରିରଙ୍ଗାରେ ଘୋଡ଼ାଯାଇଥିବା ରାୱତଙ୍କ ପାର୍ଥିବ ଶରୀରକୁ ଶ୍ମଶାନ ଘାଟକୁ ନେଇ ୧୭ ତୋପ ସଲାମୀ ଦେବା ପରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷକୃତ୍ୟ ବେଳେ ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ, ବାୟୁସେନା ମୁଖ୍ୟ ମାର୍ଶଲ ଭି.ଆର୍. ଚୌଧୁରୀ ଏବଂ ନୌସେନା ମୁଖ୍ୟ ଆଡ୍‌ମିରାଲ ଆର୍. ହରି କୁମାର ମଧ୍ୟ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀର ବ୍ରାର୍ ସ୍କୋୟାର ଶ୍ମଶାନରେ ମା'ବାପାଙ୍କୁ ମୁଖାଗ୍ନି ଦେବା ପରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ଦୁଇଝିଅ ତାରିଣୀ ଓ କ୍ରିତିକା।

# କୋଏମ୍ବାଟୁରରେ ଓଡ଼ିଆ ଠିକା ଶ୍ରମିକଙ୍କୁ ହତ୍ୟା

**ବାହାନଗା, ୧୦।୧୨(ଡି.ଏନ.ଏ.)**

ତାମିଲନାଡୁର କୋଏମ୍ବାଟୁରରେ ଠିକା ଶ୍ରମିକ ଭାବେ କାମ କରୁଥିବା ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଟାସପୁର ଗ୍ରାମର ବସନ୍ତ ମଲିକ(୪୭)ଙ୍କୁ ସେଠାରେ ହତ୍ୟା କରାଯାଇଛି। ଜଣେ ମାଂସ ଦୋକାନୀ ମାରଣାସ୍ତ୍ର ଦ୍ୱାରା ତାଙ୍କୁ ହତ୍ୟା କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଯୋଗେନ୍ଦ୍ର ମଲିକଙ୍କ ମଝିଆ ପୁଅ ବସନ୍ତ ଏକ ଘରୋଇ କମ୍ପାନୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୬ତାରିଖ ସକାଳେ ସେ ମାଂସ ଆଣିବା ପାଇଁ ପାଖ ଦୋକାନକୁ ଯାଇଥିଲେ। ସେଠାରେ ସେ ମାଂସ ମାଗିବା ସମୟରେ ଦୋକାନୀ ପୁରୁଣା ବାକି ଟଙ୍କା ଦେଲେ ମାଂସ ଦେବି ବୋଲି କହିବାରୁ ଉତ୍ତ୍ୟକ୍ତ ହୋଇ ବସନ୍ତ ନିକଟରେ ଥିବା ଏକ ହାତୁଡି ଦ୍ୱାରା ଦୋକାନୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଦୋକାନୀଙ୍କ ପୁଅ ଦିନେଶ କୁମାର ରାଗିଯାଇ ମାଂସ କଟା ଅସ୍ତ୍ର ଦ୍ୱାରା ବସନ୍ତଙ୍କ ପେଟକୁ ଭୁଶି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ବସନ୍ତଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନେଇଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସିଙ୍ଗାନାଲୋର ପୋଲିସ୍ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ୍ ନିଜ ଆଡୁ ମାମଲା (ନଂ.୧୧୨୫/୨୧) ରୁଜୁ କରି ମାଂସ ଦୋକାନୀଙ୍କ ପୁଅ ଦିନେଶ କୁମାରଙ୍କୁ ଗିରଫ କରିଛି। କାମ କରୁଥିବା କମ୍ପାନୀ ମାଲିକ ମୃତ ବସନ୍ତଙ୍କ ପରିବାରକୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ତେବେ ଗୋଟିଏ ଘରେ ରହୁଥିବା ୩ଜଣ ଯୁବକଙ୍କ ସହାୟତାରେ ଶୁକ୍ରବାର ଗ୍ରାମରେ ମୃତଦେହ ପହଞ୍ଚିଥିଲା। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ବସନ୍ତଙ୍କର ୪ଟି ସନ୍ତାନ ଅଛନ୍ତି।






# ୨୨୦୦ କୋଟିର ଉଦ୍‌ଘାଟନ, ଶିଳାନ୍ୟାସ

## ୧୨ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

**ଛତ୍ରପୁର,୧୦।୧୨(ଡି.ଏନ୍.ଏ.)**

ଆସନ୍ତା ୧୨ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗଞ୍ଜାମ ଜିଲା ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି । ଉକ୍ତ ଦିନ ଗଞ୍ଜାମ ଜିଲାବାସୀଙ୍କୁ ସେ ୨୨୦୦ କୋଟି ଟଙ୍କାର ଭେଟି ଦେବେ । ସେଥିମଧ୍ୟରେ ୫୭୦ କୋଟି ଟଙ୍କାର ୬୫୯ ପ୍ରକଳ୍ପର ଉଦ୍‌ଘାଟନ, ୧୫୮୨ କୋଟି ଟଙ୍କାର ୬୪୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୧୨୭ କୋଟି ଟଙ୍କାର ନୂଆ ଯୋଜନାର ଶୁଭାରମ୍ଭ କରାଯିବ ବୋଲି ଜଣାପଡିଛି। ଏଥିସହ ମୁଖ୍ୟମନ୍ତ୍ରୀ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ କରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁଠାରେ ସମସ୍ତ ପ୍ରସ୍ତୁତି କରାଯାଇଛି। ହିଞ୍ଜିଳିକାଟୁ କାର୍ଯ୍ୟକ୍ରମ ପରେ ପୁରୁଷୋତ୍ତମପୁର ନିକଟ ମା' ତାରାତାରିଣୀ ପୀଠକୁ ଆସିବେ। ମା'ଙ୍କ ପୀଠର ଉନ୍ନତୀକରଣ ଓ ବିକାଶ କାର୍ଯ୍ୟ ସରିଥିବାରୁ ତାହାକୁ ଲୋକାର୍ପଣ କରିବେ। କରୋନା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସହ ମିଶି ମୁଖ୍ୟମନ୍ତ୍ରୀ ମା'ଙ୍କ ପୀଠ ନିକଟରେ ପ୍ରସାଦ ସେବନ କରିବେ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପାହାଡ଼ ତଳେ ସମସ୍ତ ବ୍ୟବସ୍ଥା ହୋଇଛି। ଜିଲାର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ୬୯ଜଣ ଜିଲା ପରିଷଦ ସଭ୍ୟ, ଜିଲା ପରିଷଦ ସଭାନେତ୍ରୀ, ୨୨ ବ୍ଲକ ଅଧ୍ୟକ୍ଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ନିୟୋଜିତ ହେବାକୁ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ଏବଂ ଖବର ସଂଗ୍ରହ ପାଇଁ ଯିବାକୁ ଥିବା ଜିଲାର ଖବରଦାତା, ଫଟୋଗ୍ରାଫରମାନେ ମଧ୍ୟ ଏଥିରେ ସାମିଲ ହେବେ। ଏମାନଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଆରଟି-

## ଜନ ପ୍ରତିନିଧି, ଖବରଦାତାଙ୍କ କରୋନା ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ



ସ୍ୱାବ୍ ସଂଗ୍ରହ କରାଯାଉଛି।

ପିସିଆର୍ ଟେଷ୍ଟ କରି କରୋନା ନେଗେଟିଭ୍ ରିପୋର୍ଟ ଦେଖାଇଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜିଲା ପ୍ରଶାସନ ଗାଇଡଲାଇନ୍ ଜାରି କରିଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାରଠାରୁ ଖବରଦାତା ଓ ଫଟୋଗ୍ରାଫରମାନଙ୍କର ସ୍ୱାବ ସଂଗ୍ରହ ହୋଇଥିଲା । ଶୁକ୍ରବାର ଜିଲାର ସମସ୍ତ ୨୨ ବ୍ଲକ କାର୍ଯ୍ୟାଳୟ, ଛତ୍ରପୁର, ବ୍ରହ୍ମପୁର, ଭଞ୍ଜନଗର, ଆସିକାଠାରେ ପୋଲିସ ଅଧିକାରୀ ଓ କର୍ମଚାରୀ ଏବଂ ସମସ୍ତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। ଶନିବାର ସୁଦ୍ଧା ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିବାଦ ମାମଲା

# ପ୍ରତିପକ୍ଷଙ୍କୁ ଜବାବ ତଲବ

**କଟକ ଅଫିସ,୧୦।୧୨**

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିବାଦ ସମ୍ପର୍କିତ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ଆସନ୍ତା ୧୩ ସୁଦ୍ଧା ଜବାବ ତଲବ ପାଇଁ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସମସ୍ତ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୩ ତାରିଖରେ ମାମଲାର ଚୂଡ଼ାନ୍ତ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବ ନାରାୟଣ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସ୍‌ଲାମଙ୍କ ପକ୍ଷରୁ ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୧୯ର ସମସ୍ତ ନିୟମ ଉଲ୍ଲଂଘନ କରାଯାଇ ଯୋଗ୍ୟତା ନ ଥିବା ଓ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କୁ ଚୟନ ବିଭାଗରେ କିପରି ନିଆଯାଇଛି



ବୋଲି ପ୍ରଶ୍ନ ଉଠାଇଥିଲେ। ୨୮ଟି କାଟେଗୋରିରେ ପୁରସ୍କାର ପ୍ରଦାନ କରାଯିବ। ସେଥିରେ ଓଡ଼ିଆ ଓ ଆଦିବାସୀ ଚଳଚ୍ଚିତ୍ର ବିଭାଗରେ ଗୋଟିଏ କାଟେଗୋରି ରହିଛି। ବିଦେଶୀ ଚଳଚ୍ଚିତ୍ରକୁ ଅନୁକରଣ କରି ନିର୍ମାଣ କରାଯାଇଥିବା ଚଳଚ୍ଚିତ୍ରକୁ ପୁରସ୍କାର ଦିଆଯିବାକୁ ଥିବାବେଳେ ମୌଳିକ କାହାଣୀ ଉପରେ ପର୍ଯ୍ୟବସିତ ଚଳଚ୍ଚିତ୍ର 'ଛବିରାଣୀ'କୁ ଏଥିରୁ ବାଦ୍ ଦିଆଯାଇଛି। ଏହାଦ୍ୱାରା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ ୨୦୧୦ରେ ଧାରା ୩ ବି ଉଲ୍ଲଂଘନ କରାଯାଇଛି। ସେହିପରି ବିଜ୍ଞାପନରେ ଦିଆଯାଇଥିବା ୨ ନମ୍ବର ନିୟମାବଳୀକୁ ଉଲ୍ଲଂଘନ କରାଯାଇଛି। ଏନେଇ ଆବେଦନକାରୀ ବବି ଇସଲାମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ରାଜ୍ୟ ସରକାର, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଓ ପୁରସ୍କାର ଚୟନ କମିଟି ସଦସ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ୧୪ ଓ ୧୫ ତାରିଖରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ।











































**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୯୧,୦୫,୫୯୫ | ୫୩,୦୭,୭୬୭ | ୨୪,୨୧,୦୨,୩୨୫ |
| ଭାରତ | ୩,୪୬,୭୪,୭୪୪ | ୪,୭୪,୭୩୫ | ୩,୪୧,୦୫,୦୬୬ |
| ଓଡ଼ିଶା | ୧୦,୫୧,୨୪୧ | ୮୪୩୧(+୫୩) | ୧୦,୪୦,୯୨୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଡିବିରି ନିଆଁରେ ଜଳିଗଲେ ଦମ୍ପତି



**ପାଟଣା,୧୦।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଜଡ଼ିଚାତର ଗାଁ ଉପରସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଡିବିରିରୁ ନିଆଁ ଲାଗି ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲାଲମୋହନ ମହାନ୍ତ(୬୨) ଓ ତାଙ୍କ ସ୍ତ୍ରୀ ଲବଙ୍ଗ(୫୫)। ସୂଚନା ଅନୁଯାୟୀ, ବୁଧବାର ରାତିରେ ଉକ୍ତ ଦମ୍ପତି ଶୋଇଥିବା ବେଳେ ଡିବିରିରୁ ନିଆଁ ଲାଗି ପୋଡ଼ି ଯାଇଥିଲେ। ଘଟଣାସ୍ଥଳରେ ଲବଙ୍ଗଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକେ ଲାଲମୋହନଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁବାର ରାତିରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୫/୨୧)ରୁଜୁ ହୋଇଛି।

## ବନ୍ଧୁଗାଁରେ ଲାଗିଲା ମାଓବାଦୀ ପୋଷ୍ଟର

**ବନ୍ଧୁଗାଁ,୧୦।୧୨(ଡି.ଏନ.ଏ.):** ସିପିଆଇ ମାଓବାଦୀ କୋରାପୁଟ ଶ୍ରୀକାକୁଲମ ଡିଭିଜନ କମିଟି ପକ୍ଷରୁ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର ମରାଯାଇଛି। ଚିଡିଲସା ଆର୍‌ଏମ୍‌ସି ଫାଟକ,ବନ ବିଭାଗ କାର୍ଯ୍ୟାଳୟ ପାଚେରି , କାତୁଲପେଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚେରି ଏବଂ ଲୋପେଟା ଗ୍ରାମ ଓ କାବିଟି ଗ୍ରାମ ମୁଖ୍ୟ ରାସ୍ତାରେ ଏହି ପୋଷ୍ଟର ଲାଗିଛି। ପୋଷ୍ଟରରେ କୋରାପୁଟ ଶ୍ରୀକାକୁଲମ ଡିଭିଜନ କମିଟି ନେତା ଅରୁଣା ଦ୍ୱାରା ସ୍ଥାନୀୟ ଚାଷୀଙ୍କୁ ଧମକ ଦେଇଥିବା ଜଣାପଡିଛି। ପୂର୍ବରୁ ଚାଷୀ ମୂଲିଆ ଆଦିବାସୀ ସଂଘର ଦଖଲ ଜମିଗୁଡିକ ତୁରନ୍ତ ଫେରାଇବା, ଚାଷୀ ମୂଲିଆ ଆଦିବାସୀ ସଂଘର ଜମି କାତୁଲପେଟା ଗ୍ରାମର ଜମିଦାରମାନେ ନିଜ ଇଚ୍ଛାରେ ଗରିବ ଆଦିବାସୀଙ୍କୁ ଦେଇଥିବା ପୋଷ୍ଟରରେ ଉଲ୍ଲେଖ ଅଛି। ତେବେ ଆଦିବାସୀଙ୍କୁ ପ୍ରଦତ୍ତ ଏହି ଜମିକୁ ଜମିଦାରମାନେ ହାତମୁଠାକୁ ନେଇ ଚାଷ କରୁଛନ୍ତି। ଏହାକୁ ମାଓବାଦୀ ସଙ୍ଗଠନ ବିରୋଧ କରିଛି। ଯେଉଁ ଚାଷୀଙ୍କ ଜମି ସେମାନଙ୍କୁ ତୁରନ୍ତ ନ ଫେରାଇଲେ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇ ଏଥିରେ କେତେ ଜଣ ଜମିମାଲିକଙ୍କ ନାମ ରହିଛି। ସମ୍ପୃକ୍ତ ଜମିମାଲିକମାନେ ହେଲେ ଏସଡା ଗ୍ରାମର ଏଙ୍କାଟି ରାବଣା, ହାଟସରପାଲି ଗ୍ରାମର ତରୁ ସୁନାମୁଦି, ମିନିକେଶ୍ୱର,ତୁମ୍ଭେଶୁ ସାହୁକାର, ବୁଡ଼ି ଦୁର୍ଗା, ଭାଗି ଗୌରୀ ଶଙ୍କର ଏବଂ ଭାଗି ଶ୍ରୀନିଭାସ, ଅଲମଣ୍ଡା ଗ୍ରାମର ଗୁଡ,ମଦ ବ୍ୟବସାୟୀ ସାହୁକାରଙ୍କ ନାମ ମଧ ଉଲ୍ଲେଖ ରହିଛି। ବ୍ଲକର ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଜଣାପଡିବା।

## ଭିତରକନିକାରେ ଡଲଫିନ୍ ଗଣନା ୧୬ରେ

**ରାଜନଗର,୧୦।୧୨(ଡି.ଏନ.ଏ.):** ଭିତରକନିକା ଅଞ୍ଚଳରେ ଚଳିତମାସ ୧୬ରୁ ୧୮ ତାରିଖ ଯାଏ ଡଲଫିନ୍ ଗଣନା କରାଯିବ। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ସମୁଦ୍ର ଓ ଭିତରକନିକା ମଧରେ ଥିବା କ୍ରିକ୍ ଓ ନଦୀରେ ଡଲଫିନ ଗଣନା କରାଯିବ ବୋଲି ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଶୁକ୍ରବାର ସୂଚନା ଦେଇଛନ୍ତି। ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ ମସିହାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲରରୁ ଚିଙ୍ଗୁରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଲାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆଁ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ଯାଏ ୯ଟି ଗ୍ରୁପରେ ବିଭକ୍ତ ହୋଇ ଡଲ୍‌ଫିନ୍ ଗଣନା କରାଯିବ। ପ୍ରତି ଗ୍ରୁପରେ ୩ ରୁ ୫ ଜଣ ଲେଖାଏ ଗଣନାକାରୀ ରହିବେ। ସମୁଦ୍ର ମଧରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନର ଗଣନା କରିବେ। ୧୫ ତାରିଖରେ ଡଲ୍‌ଫିନ୍ ଗଣନା କିପରି ଓ କେଉଁ ତରିକାରେ କରାଯିବ ସେ ନେଇ ଟ୍ରେନିଂ ଦିଆଯିବ। ୩ଦିନ ଧରି ୯ଟି ଗ୍ରୁପ ଏହି ଗଣନା କରିବେ। ଗତବର୍ଷ ଭିତରକନିକାରେ ୩୪୨ ଡଲଫିନ ଗଣନା ବେଳେ ଚିହ୍ନଟ କରାଯାଇଥିଲା।

# ମୃତବ୍ୟକ୍ତିଙ୍କ ନାମରେ କାମ, ଉଠୁଛି ରାଶନ

**ଡେରାବିଶ, ୧୦।୧୨(ସ୍ୱ.ପ୍ର.)** ଦୀର୍ଘ ୧୭ବର୍ଷ ତଳୁ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଲାଣି। ଅଥଚ, ସମ୍ପୃକ୍ତ ମୃତବ୍ୟକ୍ତିଙ୍କ ନାମରେ କାର୍ଯ୍ୟକ୍ଷମ ରହିଛି ଜବ୍‌କାର୍ଡ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ସେ ନିୟମିତ କାମ କରୁଛନ୍ତି ଏବଂ ଖାଉଟି ସାମଗ୍ରୀ ମଧ ଉଠାଉଥିବା ସରକାରୀ ନଥିପତ୍ର କହୁଛି। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ କୁଆଁରପୁର ଗ୍ରାମରୁ ଏଭଳି ଏକ ଅନିୟମିତତା ପଦାକୁ ଆସିଛି। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ତନାଘନା।

ଅଭିଯୋଗ ଅନୁଯାୟୀ, ସ୍ୱର୍ଗତ ରାମଚନ୍ଦ୍ର ମହାନ୍ତିଙ୍କ ପୁଅ ବିଜୟ (୨୧)ଙ୍କ ଗତ ୨୦୦୩ ଅଗଷ୍ଟ ୨୪ରେ ଚଣ୍ଡିଖୋଲଠାରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପୁଅ ମୃତ୍ୟୁଚିନ୍ତାରେ ଶଯ୍ୟାଶାୟୀ ହୋଇପଡ଼ିଥିବା ମା’ ସୁନାମଣି ମଧ ୯ମାସ ପରେ ଆଖି ବୁଜିଲେ। ଏହାପରେ ତାଙ୍କ ପୁତୁରା ବଳଭଦ୍ର ମହାନ୍ତି ଡେରାବିଶ ତହସିଲ କାର୍ଯ୍ୟାଳୟରୁ ଉତ୍ତରାଧିକାରୀ ପ୍ରମାଣପତ୍ର ଆଣିଥିଲେ। ସେ ସୁନାମଣିଙ୍କ ଜମିବାଡି, ବ୍ୟାଙ୍କ ଜମା ଅର୍ଥର ମାଲିକାନା ହାସଲ କରି ଆସୁଛନ୍ତି। ତେବେ ସ୍ୱର୍ଗତ ରାମଚନ୍ଦ୍ରଙ୍କ ନାମରେ ଥିବା ରାଶନ କାର୍ଡ (ନଂ.୧୭୦୨୧୦୧୧୦୯୨)ରେ ବିଜୟଙ୍କୁ ଜୀବିତ ଦର୍ଶାଯାଇଛି। ରାଶନ ବାବଦକୁ ପ୍ରତି ମାସରେ ୨ କି.ଗ୍ରା. ଚାଉଳ ଓ ୩ କି.ଗ୍ରା. ଗହମ ଉଠାଣ ହେଉଛି। ରାମଚନ୍ଦ୍ରଙ୍କ ନାମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଖୋଲା ଯାଇଥିବା ଜମାଖାତାରେ ଫେବୃୟାରୀ ୧୬ ଓ ଏପ୍ରିଲ ୯ରେ ଦୁଇକିସ୍ତିରେ କାଳିଆ ଟଙ୍କା ଜମା ହୋଇଥିବା ଜଣାପଡ଼ିଛି। ଗ୍ରାମର ଶାରଦା ପ୍ରସାଦ ମହାନ୍ତି ଏଭଳି ଅନିୟମିତତା ସମ୍ପର୍କରେ ପିଡି ଡିଆର୍‌ଡିଏ, ବିଡିଓ, ଜିଲା ଖାଉଟି କଲ୍ୟାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗର କୁହନ୍ତି, ଅଭିଯୋଗର ତଦନ୍ତ କରିବାକୁ ବ୍ଲକ ଯୋଗାଣ ନିରୀକ୍ଷିକାଙ୍କୁ ପଠାଯାଇଥିଲା। ଯୋଗାଣ ଅଧିକାରୀ ରଶ୍ମିତା ସାହୁଙ୍କଠାରୁ ରିପୋର୍ଟ ମିଳିବା ପରେ ଉକ୍ତ ରାଶନ କାର୍ଡକୁ ରଦ୍ଦ କରାଯାଇଛି। ଅନ୍ୟ ଅଭିଯୋଗ ଉପରେ ତଦନ୍ତ ଚାଲିଛି।



ସରକାରୀ ମାନ୍ୟତା ସହ ସର୍ବନିମ୍ନ ମାସିକ ଭତ୍ତା ୧୮ହଜାର ଟଙ୍କା, ଅବସରକାଳୀନ ପେନ୍‌ସନ, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଦ୍ ଦେବା ଆଦି ୭ ଦଫା ଦାବି ନେଇ ଶୁକ୍ରବାର ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଚାଇଲ୍ଡ ଲାଇନର ଚଢ଼ାଉ: ୨ ସ୍ଥାନରୁ ୨୧ ଉଦ୍ଧାର

- କାମ କରୁଥିବା ବେଳେ ୧୦ ଶିଶୁ ଶ୍ରମିକ ଉଦ୍ଧାର
- ତେଲଙ୍ଗାନା ଯାଉଥିବା ୧୧ ମହିଳା, ଯୁବତୀ ବସ୍‌ରୁ ଉଦ୍ଧାର
- ଠିକାଦାର, ଦଲାଲ ଫେରାର

**ମାଲକାନଗିରି,୧୦।୧୨ (ଡି.ଏନ୍.ଏ.)** ମାଲକାନଗିରି ଜିଲା ଚାଇଲ୍ଡ ଲାଇନ ପକ୍ଷରୁ ଶୁକ୍ରବାର ୨ଟି ସ୍ଥାନରୁ କାର୍ଯ୍ୟରେ ନିୟୋଜିତ ଥିବା ୧୦ ଶିଶୁଶ୍ରମିକ ଏବଂ ତେଲଙ୍ଗାନାକୁ ଶ୍ରମିକ ଭାବେ କାମ କରିବାକୁ ଯାଉଥିବା ୧୧ ଜଣଙ୍କୁ ଉଦ୍ଧାର କରାଯାଇଛି। ମାଲକାନଗିରିସ୍ଥିତ ସଂସ୍କୃତି ଭବନ କାର୍ଯ୍ୟାଳୟ ପାଚେରି ନିର୍ମାଣରେ ଜଣେ ଠିକାଦାର ଜିଲାର ବିଭିନ୍ନ ଗ୍ରାମରୁ ୧୦ ଜଣ ନାବାଳିକା ଶିଶୁଙ୍କୁ ଆଣି ଶ୍ରମିକ ଭାବେ ନିୟୋଜିତ କରିଥିଲେ। ଖବର ପାଇ ଚାଇଲ୍ଡଲାଇନ ସଦସ୍ୟାସଦସ୍ୟ, ଶ୍ରମ ବିଭାଗ, ପୋଲିସ ଓ ବିଭାଗୀୟ ଅଧିକାରୀମାନେ ପହଞ୍ଚି ସେଠାରେ କାମ କରୁଥିବା ୧୦ ଜଣ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର ପରେ ସେମାନଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ଦାସ ଓ ଅନ୍ୟମାନେ କାଉନସେଲିଂ କରିଥିଲେ। ନାବାଳିକାଙ୍କୁ ସ୍ୱାଧାର ଗୃହରେ ରଖାଯାଇଛି। ତେବେ ସେମାନଙ୍କୁ କାର୍ଯ୍ୟରେ ଲଗାଇଥିବା ଠିକାଦାର ଫେରାର ହୋଇଯାଇଛନ୍ତି।

ସେହିପରି ମାଲକାନଗିରି ବସ୍‌ଷ୍ଟାଣ୍ଡଠାରୁ ଗୁପ୍ତା ନାମକ ଏକ ଘରୋଇ ବସରେ ୧୧ ଜଣ ତେଲଙ୍ଗନାର ଭଦ୍ରାଚଳମକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଉଥିବା ଖବର ପାଇ ଚାଇଲ୍ଡ ଲାଇନ କର୍ମକର୍ତ୍ତା ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧରେ ୩ଜଣ ମହିଳା ଓ ୮ଜଣ ଯୁବତୀ ଅଛନ୍ତି। ଚଢାଉରେ ଚାଇଲ୍ଡ ଲାଇନର ଆଦିତ୍ୟ ପ୍ରସାଦ ବେହେରା, ହୃଷୀକେଶ ସାହୁ, ବିଷ୍ଣୁ ଡାକୁଆଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।




ତେଲଙ୍ଗାନା ଯାଉଥିବା ବସ୍‌ରୁ ମହିଳା ଓ ଯୁବତୀଙ୍କୁ ଉଦ୍ଧାର କରାଯାଉଛି।

# ଜିକେ ଭଞ୍ଜ ହସ୍‌ପିଟାଲରେ ଅଗ୍ନିକାଣ୍ଡ



ନିଆଁ ଲିଭିବା ପରେ ଅଗ୍ନିଶମ ଅଧିକାରୀମାନେ ତଦାରଖ କରୁଛନ୍ତି।

**ପୋଡ଼ିଗଲା ରକ୍ତ ସଂରକ୍ଷଣ ୟୁନିଟ୍**

**ଜଳେଶ୍ୱର, ୧୦।୧୨(ଡି.ଏନ.ଏ.)** ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଜିକେ ଭଞ୍ଜ ହସ୍‌ପିଟାଲରେ ଶୁକ୍ରବାର ମଧ୍ୟାହ୍ନରେ ନିଆଁ ଲାଗି ରକ୍ତ ସଂରକ୍ଷଣ ୟୁନିଟ୍ ପୋଡିଯାଇଛି। ଫଳରେ ରୋଗୀ ଓ କର୍ମଚାରୀମାନେ ଆତଙ୍କିତ ହୋଇପଡିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ।

ଜଳେଶ୍ୱରସ୍ଥିତ ଜିକେ ଭଞ୍ଜ ଡାକ୍ତରଖାନା ଏକ ରେଫେରାଲ ୟୁନିଟ୍ ଭାବେ କାର୍ଯ୍ୟ କରିଥାଏ। ୬୦ ନଂ. ଜାତୀୟ ରାଜପଥ ଓ ୫୭ ନଂ. ରାଜ୍ୟ ରାଜପଥର ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଜରୁରୀ ଚିକିତ୍ସା ଓ ପ୍ରସୂତିମାନଙ୍କୁ ଆବଶ୍ୟକ ରକ୍ତଯୋଗାଣ ଲାଗି ଏହି ଡାକ୍ତରଖାନାରେ ଏକ ରକ୍ତ ସଂରକ୍ଷଣ କେନ୍ଦ୍ର ରହିଛି। ଗତ କିଛିମାସ ପୂର୍ବରୁ ଏଥିରେ ଥିବା ଫ୍ରିଜ୍‌ଟି ଅକାମୀ ହୋଇପଡିବାରୁ ରକ୍ତ ସଂରକ୍ଷଣ ହୋଇପାରୁ ନ ଥିଲା। ଜଳେଶ୍ୱରର ବହୁ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ରକ୍ତ ସଂରକ୍ଷଣ ମେଶିନ ଲାଗି ଦାବି କରିଆସୁଥିଲେ। ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶରେ ଗତ ୨ଦିନ ଧରି କିଲୋସ୍କର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ନାମକ କମ୍ପାନୀ ଆସି ମରାମତି କରିଥିଲା। ଗତ ଗୁରୁବାର ଏଥିରେ ବିଦ୍ୟୁତ୍ ସରବରାହ କରାଯାଇଥିଲା। କିନ୍ତୁ ଅପରାହ୍ଣ ୨ଟାରେ ସେହି ଘରୁ ଧୂଆଁ ବାହାରି ସମଗ୍ର ଡାକ୍ତରଖାନାକୁ ଆଚ୍ଛାଦିତ କରିଥିଲା। ଫଳରେ ରୋଗୀ, କର୍ମଚାରୀ ଓ ସେଠାରେ ଥିବା ରୋଗୀଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇ ଦୌଡାଦୌଡି କରିଥିଲେ। ଦମକଳ କେନ୍ଦ୍ରକୁ ଖବର ପଠାଯାଇଥିଲେ ମଧ ଆସିବାରେ ବିଳମ୍ବ ଦେଖି ଡାକ୍ତରଖାନା ପରିସରରେ ଥିବା ଅଗ୍ନି ନିରୋଧକ ଯନ୍ତ୍ର ବ୍ୟବହାର କରାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା।

# ବ୍ୟବସାୟୀଙ୍କଠାରୁ ୩.୭୦ ଲକ୍ଷ ଲୁଟ୍

**ଗଞ୍ଜାମ,୧୦।୧୨(ଡି.ଏନ.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳରେ ଶୁକ୍ରବାର ମଧ୍ୟାହ୍ନରେ ଜଣେ ବ୍ୟବସାୟୀଙ୍କଠାରୁ ୩ ଲକ୍ଷ ୭୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ଅଞ୍ଚଳରୁ ମଧ୍ୟାହ୍ନରେ ବ୍ୟବସାୟୀ ରବୀନ୍ଦ୍ର ସାହୁ ଏକ ପିକଅପ୍ ଭ୍ୟାନରେ ବ୍ରହ୍ମପୁର ଯାଉଥିଲେ। ରମ୍ଭା ଥାନା ଅଞ୍ଚଳର ପ୍ରୟାଗୀ-ଅରୁଣପୁର ରାସ୍ତା ମଧରେ ଦୁର୍ବୃତ୍ତମାନେ ପିଛା କରି ରାସ୍ତା ମଧରେ ଗାଡ଼ିକୁ ଅଟକାଇ ରବୀନ୍ଦ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ପରେ ତାଙ୍କ ନିକଟରେ ଥିବା ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଖବର ପାଇ ରମ୍ଭା ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ହରିଣ ମାଂସ ଜବତ, ପ୍ରଧାନଶିକ୍ଷକ ଗିରଫ

**ରାଜନଗର,୧୦।୧୨(ଡି.ଏନ.ଏ.)** ଭିତରକନିକା ଜାତୀୟ ଉଦ୍ୟାନ ପେଣ୍ଠ ବେଳାଭୂମି ସଂଲଗ୍ନ ବରୁଣେଇ ସଂରକ୍ଷିତ ଜଙ୍ଗଲରୁ ହରିଣ ଶିକାର କରି ଶୁକ୍ରବାର ୨ଜଣ ଶିକାରୀ ଗିରଫ ହୋଇଛନ୍ତି। ଗିରଫଙ୍କ ମଧରେ ଜଣେ ବଗପାଟିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଛନ୍ତି। ଗୁରୁବାର ସନ୍ଧ୍ୟାରେ ବରୁଣେଇ ହରିହଂସ ନିକଟରୁ ହରିଣ ଶିକାର କରିଥିଲେ। ହରିଣ ମାଂସକୁ ଭାଗ ବଣ୍ଟିବା ସମୟରେ ଖବରପାଇ ବନ ବିଭାଗ କର୍ମଚାରୀ ଶିକାରୀଙ୍କ ଘର ଉପରେ ଚଢ଼ାଉ କରିଥିଲେ। ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲିକ, ଫରେଷ୍ଟଗାର୍ଡ ପ୍ରଦୋଷ କୁମାର ମହାପାତ୍ର, ତ୍ରିଦୀପ ପ୍ରଧାନ, ନିରୁପମା ଷଡ଼ଙ୍ଗୀ ଓ ବନ କର୍ମଚାରୀ ମନୋଜ ପାତ୍ର, ସୁବୋଧ କୁମାର ଦାସ ପ୍ରମୁଖ ଜଙ୍ଗଲରେ ପହଞ୍ଚି କାଠୁଆଗଣ୍ଡ ଗାଁର ବୈକୁଣ୍ଠନାଥ ପରିଡ଼ାଙ୍କ ସହ ନୂଆଗାଁର ପ୍ରଧାନ ଶିକ୍ଷକ ଫକୀର ମୋହନ ନାୟକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅନ୍ୟ ଦୁଇଜଣ ସେଠାରୁ ଫେରାର ହୋଇଯାଇଥିଲେ। ସେମାନଙ୍କଠାରୁ ସଦ୍ୟ କଟା ହୋଇଥିବା ୫ କେଜି ହରିଣ ମାଂସ, ଗୋଟିଏ କତୁରି, ୩ଟି ଫାଶ ଓ ପଲିଥିନ ବ୍ୟାଗ ଜବତ କରାଯାଇଥିଲା। ହରିଣ ମୁଣ୍ଡ ଓ ଚମଡ଼ା ସେମାନେ ବନ ବିଭାଗକୁ ଦେଖି ନାଳକୁ ଫିଙ୍ଗି ଦେଇଥିଲେ। ଫେରାର ୨ଜଣଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଜାମିନ ନାମଞ୍ଜୁର ହେବାରୁ ଗିରଫ ଶିକାରୀ ଦ୍ୱୟଙ୍କୁ କେନ୍ଦ୍ରାପଡ଼ାର ବାରିମୂଳ ଜେଲ ପଠାଇ ଦିଆଯାଇଛି।



ଜବତ ହରିଣ ମାଂସ ସହ ଗିରଫ ପ୍ରଧାନ ଶିକ୍ଷକ।

# ୪ ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ

**ହିନ୍ଦୀ ଓ ଇଂଲିଶରେ ୮୦ ରାଇମ୍ସ ଗାଇପାରୁଛନ୍ତି ଭାନଭୀ**

**ଭଦ୍ରକ ଅଫିସ, ୧୦।୧୨** ବୟସ ମାତ୍ର ୪ ବର୍ଷ ୬ ମାସ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭା ଏବେଠାରୁ ବାସିଲାଣି। ହିନ୍ଦୀ ଓ ଇଂଲିଶରେ ୮୦ଟି ରାଇମ୍ସ ଗାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଧୀନ ଆଟୋ ଗ୍ରାମର କୁନିଝିଅ ଭାନଭୀ ଭାବ୍ୟାଂଶିଖା। ତାଙ୍କର ଏହି ସଫଳତା ଜିଲା ପାଇଁ ଗୌରବ ଆଣିଛି।

ନରେନ୍ଦ୍ର ଦାସ ଓ ଶାଶ୍ୱତୀ ସୌମ୍ୟା ମହାପାତ୍ରଙ୍କ ଝିଅ ଭାନଭୀ ଏବେ ଚରମ୍ପା ମିଶନ ପବ୍ଲିକ ସ୍କୁଲରେ ଏଲ୍‌କେଜିର ଛାତ୍ରୀ। ଖୁବ୍ ଚଞ୍ଚଳ ପ୍ରକୃତିର ଭାନଭୀଙ୍କ ପ୍ରତିଭା। ସ୍କୁଲରେ ପାଠପଢ଼ାରେ ଯେମିତି ଆଗରେ ଠିକ୍ ସେମିତି ନିଜ ପ୍ରତିଭା ପାଇଁ ଚର୍ଚ୍ଚାରେ ରହନ୍ତି। କେବଳ ରାଇମ୍ସ ନୁହେଁ ଅନେକ ଶ୍ଳୋକ ବି ମନେରଖି ଖୁବ୍ ପ୍ରାଞ୍ଜଳ ଭାବେ ଗାଇ ପାରନ୍ତି। ଦୁନିଆ ବିଷୟରେ ଠିକ୍ ଭାବେ ବୁଝି ପାରି ନ ଥିବା ଭାନଭୀ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଇଚ୍ଛା ରଖିଥିବା କହନ୍ତି। ଝିଅର ଏଭଳି ସଫଳତା ନେଇ ମା’ ବାପା ବେଶ୍ ଖୁସି ଥିବାବେଳେ ଆଗକୁ ଅନେକ ରେକର୍ଡ ପାଇଁ ପ୍ରଚେଷ୍ଟା କରୁଥିବା କହିଛନ୍ତି। ସ୍କୁଲ ତରଫରୁ ଭାନଭୀଙ୍କୁ ସମ୍ବର୍ଦ୍ଧନା ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ମା’ ବାପା କହନ୍ତି, ଭାନଭୀର ଶିଖିବାର ଇଚ୍ଛା ଓ ନିଶା, କ୍ୟାମେରା ସାମ୍ନାରେ ତାହା ପ୍ରକାଶ କରିବାର ଆଗ୍ରହ ତାକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ଦେଇଛି। ଏହା ବ୍ୟତୀତ ନାଚ ଓ ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ରହିଛି। ସମସ୍ତଙ୍କୁ ପୁରସ୍କାର ପାଇବାର ଦେଖି ସେ ଅଝଟ କରୁଥିଲେ। ଏଣୁ ସେମାନେ ତାଙ୍କୁ ଏଥିପାଇଁ ପ୍ରସ୍ତୁତ କରାଇଥିଲେ। ଆଉ ଏଥିରେ ଝିଅ ସଫଳତା ପାଇବା ପରେ ସେମାନେ ବହୁତ ଖୁସି ଥିବା କହିଛନ୍ତି।



ମା’ ବାପାଙ୍କ ସହ ଭାନଭୀ ଭାବ୍ୟାଂଶିଖା।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**ଯାଜପୁର ଟାଉନ,୧୦।୧୨(ଡି.ଏନ.ଏ.)** ଯାଜପୁର ଟାଉନ ଥାନା ରାହାସୋଇ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମରେ ପୂର୍ବ ଶତ୍ରୁତାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ବାବାଜୀ ଦାସଙ୍କ ପୁଅ ପ୍ରକାଶ ଦାସ(୩୫)ଙ୍କୁ ଉକ୍ତ ଗ୍ରାମର ଦେବ ମଲ୍ଲିକ(୨୯) ଓରଫ୍ ଦିପୁନା କତୁରିରେ ହାଣି ହତ୍ୟା କରିଛନ୍ତି। ଘଟଣା ପରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ଅଭିଯୁକ୍ତ ଦେବଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହିତ ତାଙ୍କ ଘରେ ଥିବା ୩ଟି କତୁରି ଜବତ କରିଛି। ସୂଚନା ମୁତାବକ, ପ୍ରକାଶ ଓ ଦେବଙ୍କ ମଲ୍ଲିକ ମଧରେ ବିଭିନ୍ନ କାରଣକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଶୁକ୍ରବାର ସକାଳେ ପ୍ରକାଶ ତାଙ୍କ ଘର ନିକଟରେ ଥିବା ଏକ ପୋଖରୀ କୂଳରେ ବସି ଦାନ୍ତ ଘସୁଥିଲେ। ଏହି ସମୟରେ ଅଭିଯୁକ୍ତ ଦେବ ଆସି ପ୍ରକାଶଙ୍କୁ ପଛପଟୁ ଗୋଇଠା ମାରିଥିଲେ। ଫଳରେ ସେ ତଳେ ପଡ଼ି ଯାଇଥିଲେ। ଏତିକିବେଳେ ଦେବ ପାଖରେ ଲୁଚାଇ ରଖିଥିବା ଏକ କତୁରିରେ ଅତର୍କିତ ଭାବେ ପ୍ରକାଶଙ୍କୁ ଚୋଟ ମାରିଥିଲେ। ଫଳରେ ପ୍ରକାଶ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଯାଜପୁର ଟାଉନ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ମାମଲା (ନଂ. ୪୫୦/୨୧) ରୁଜୁ ହୋଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଣ୍ଡାରି ମୁଠି
ହଲେଇ ହଲେଇ
ଯୋଉ ଛଅଟିକୁ
ସେଇ ଛଅଟି।**

ଅଳ୍ପ କାମକୁ ଅଳ୍ପ ଫଳ। ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ଥିବା ଅସୀମ ବ୍ୟାକୁଳତା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭାତହାଣ୍ଡିରୁ
ଗୋଟିଏ ଚିପିଲେ ଯାହା;
ସବୁ ସେଇଆ।**

ସାଧାରଣତଃ ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲେ ହାଣ୍ଡିକ ଭାତ ହୋଇଛି କି ନାହିଁ ତାହା ଜଣାପଡିଯାଇଥାଏ। ଏଥିପାଇଁ ସବୁ ଭାତକୁ ଚିପି ଦେଖିବାର କୌଣସି ଆବଶ୍ୟକତା ନ ଥାଏ। ଅଂଶବିଶେଷରେ ପରୀକ୍ଷା ଦ୍ୱାରା ସମୁଦାୟ ସତ୍ୟାସତ୍ୟ ନିରୂପଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ମିହିର ଦାସଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ | ଶରୀରର ଅନ୍ୟଅଙ୍ଗ ସଂକ୍ରମିତ ହେଉଛି

କଟକ ଅଫିସ, ୧୦।୧୨: ବରିଷ୍ଠ ଅଭିନେତା ମିହିର ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ସେ କଟକର ଏକ ଘରୋଇ ହସ୍ପିଟାଲରେ ଗତ ୭ ତାରିଖରୁ ଚିକିତ୍ସିତ ହେଉଛନ୍ତି। ଏବେ ସେ ଭେଣ୍ଟିଲେଟରରେ ରହିଥିବାବେଳେ ତାଙ୍କ ଶରୀରର ଅନ୍ୟାନ୍ୟ ଅଙ୍ଗଗୁଡିକ ମଧ୍ୟ ସଂକ୍ରମିତ ହେଉଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ତାଙ୍କର ହୃଦ୍‌ଘାତ ହୋଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୌମ୍ୟରାଜ ଘୋଷ କହିଛନ୍ତି ଯେ, ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ କିଛି ବି କହିହେବନି। ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ରହିଛି। ହସ୍ପିଟାଲ ପକ୍ଷରୁ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଉଛି।

# ସାନଲୁକୁଟିରେ ସେତୁ ନିର୍ମାଣ ହେବ

ରାୟଗଡ଼ା ଅଫିସ,୧୦।୧୨

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ରାୟଗଡ଼ା ସଦର ବ୍ଲକ ସାନଲୁକୁଟି ଗ୍ରାମ ନିକଟରେ ଫେବୃୟାରୀ ମାସରେ ଆନ୍ଧ୍ର ପ୍ରଦେଶର ବିଜୟନଗରମ୍ ଜିଲା ପ୍ରଶାସନ ପକ୍ଷରୁ ଜୋର ଜବରଦସ୍ତ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାୟଗଡ଼ା ଜିଲା ପ୍ରଶାସନର ଠିକ୍ ସମୟରେ ହସ୍ତକ୍ଷେପ ପରେ ଦୀର୍ଘ ଦିନ ଧରି ବନ୍ଦ କରି ଓଡ଼ିଶା ଅଧିକୃତ ଅଞ୍ଚଳରେ ଫଳକ ଲଗାଯାଇଥିଲା। ଶୁକ୍ରବାର ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ସୀମାନ୍ତ ସାନଲୁକୁଟି ଓ ବଡ଼ଲୁକୁଟି ଗ୍ରାମ ପରିଦର୍ଶନ କରି ଅର୍ଦ୍ଧନିର୍ମିତ ପୋଲର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଓଡ଼ିଶାକୁ ଲାଗି ରହିଥିବା ସ୍ଥାନରେ ସେତୁ ନିର୍ମାଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।ଉକ୍ତ ସୀମାନ୍ତ ଅଞ୍ଚଳର ଜମି ମାଲିକଙ୍କୁ ଜିଲାପାଳ ଡାକି ଜମି ଦେବା ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଜମିରେ ରାୟଗଡ଼ା ପ୍ରଶାସନ ପକ୍ଷରୁ ସେତୁ ନିର୍ମାଣ କଲେ କୌଣସି ଆପତ୍ତି ନ ଥିବା ଜମି ମାଲିକ କହିଥିଲେ। ଏହାକୁ ନେଇ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିବାକୁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଆନ୍ଧ୍ରରେ ପଞ୍ଚାୟତ ନିର୍ବାଚନ ସମୟରେ ଚତୁରତାର ସହ ସୀମାନ୍ତରେ ଏକ କଲଭର୍ଟ ନିର୍ମାଣ କରୁଥିବାବେଳେ ରାୟଗଡ଼ା ପ୍ରଶାସନ ଏ ବିଷୟରେ ଜାଣି ଆନ୍ଧ୍ରର ପ୍ରୟାସକୁ ଭଣ୍ଡୁର କରିଥିଲା। ଜିଲାପଳଙ୍କ ଗସ୍ତବେଳେ ରାୟଗଡ଼ା ଡିଆର୍‌ଡିଏ ଏପିଡି ଭୀମସେନ ଶବର, ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ସହକାରୀ ଯନ୍ତ୍ରୀ, ରାୟଗଡ଼ା ତହସିଲଦାର ଉପସ୍ଥିତ ଥିଲେ।


ସାନଲୁକୁଟି ଗ୍ରାମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଅଲାରନାଥଙ୍କ ଘୋଡ଼ଲାଗି ବେଶ

ବ୍ରହ୍ମଗିରି,୧୦। ୧୨(ଡି.ଏନ୍.ଏ.) : ମହାପ୍ରଭୁ ଅଲାରନାଥଙ୍କ ଘୋଡ଼ଲାଗି ବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶୀତର ପ୍ରକୋପରେ ଧରାପୃଷ୍ଠରେ ଥିବା ମାନବ ଥରୁଥିବା ସମୟରେ ଏଥିରୁ ମଧ୍ୟ ବାଦ ପଡି ନାହାନ୍ତି ସୃଷ୍ଟିକର୍ତ୍ତା। ଧରାପୃଷ୍ଠରେ ଶ୍ରୀଜିଉ ମାନବୀୟ ଲୀଳା କରିଥାନ୍ତି। ଏହି ମାନବୀୟ ଲୀଳା ମଧ୍ୟରୁ ମହାପ୍ରଭୁ ଅଲାରନାଥ ଓଢ଼ଣ ଷଷ୍ଠୀ ଠାରୁ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଘୋଡଲାଗି ହୋଇଥାନ୍ତି। ଏ ନେଇ ଶ୍ରୀଜିଉଙ୍କ ସର୍ବାଙ୍ଗ ଶରୀରକୁ ରେଶମ ଚଦରରେ ଆଚ୍ଛାଦିତ କରାଯାଇଛି। ଏହି ଘୋଡଲାଗି ବେଶ ବସନ୍ତ ପଞ୍ଚମୀ ପୂର୍ବଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ପାଇପ୍ କମ୍ପାନୀରେ ଅଗ୍ନିକାଣ୍ଡ

ଅନୁଗୋଳ ଅଫିସ, ୧୦।୧୨- ଅନୁଗୋଳ ଜିଲା ନିଶା ଥାନା ଅଧୀନ ମଝିକା ଛକସ୍ଥିତ ଗୁପ୍ତା ପିଭିସି ପାଇପ୍ କମ୍ପାନୀ ଓ ରାଇସ୍ ମିଲ୍‌ରେ ଶୁକ୍ରବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପାଇପ୍ ନଷ୍ଟ ହୋଇଯାଇଛି। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗର ୩ଟି ୟୁନିଟ୍ ଓ ଜିନ୍ଦଲ ଅଗ୍ନିଶମ ବିଭାଗର ୨ଟି ୟୁନିଟ୍ ପହଞ୍ଚି ଦୀର୍ଘ ୪ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। କମ୍ପାନୀରେ ନିଆଁ ଲାଗିଥିବା ନେଇ ଅପରାହ୍ଣ ୩ଟାରେ ଅନୁଗୋଳ ଅଗ୍ନିଶମ ବିଭାଗ ନିକଟକୁ ଫୋନ ଆସିଥିଲା। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିବା ପୂର୍ବରୁ ଜିନ୍ଦଲ ପ୍ଲାଣ୍ଟର ଅଗ୍ନିଶମ ୟୁନିଟ୍ ନିଆଁ ଲିଭାଉଥିଲେ। ପାଇପ୍‌ଗୁଡ଼ିକ ଗଦା ହୋଇଥିବା ସ୍ଥାନରେ ନିଆଁ ଲାଗିଥିଲା ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ କ୍ଷୟକ୍ଷତି ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ଏହି କମ୍ପାନୀ କର୍ତ୍ତୃପକ୍ଷ ଏକ ବ୍ୟାଙ୍କରୁ ୫ କୋଟିରୁ ଅଧିକ ଟଙ୍କା ଋଣ ନେଇଥିବାରୁ ଅଗ୍ନିକାଣ୍ଡ ଖବରପାଇ ଉକ୍ତ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ କମ୍ପାନୀ ମାଲିକ ପ୍ରମୋଦ କୁମାର ଗୁପ୍ତା କହିଛନ୍ତି, ବାହାରେ ଥିବାରୁ ଅଗ୍ନିକାଣ୍ଡ କିପରି ହେଲା ଜାଣିନାହିଁ। ସେଠାରେ ପହଞ୍ଚିବା ପରେ କ୍ଷୟକ୍ଷତି ସମ୍ପର୍କରେ କିହିପାରିବି।


ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

# ଶ୍ରୀମନ୍ଦିରରେ ନାବାଳକଙ୍କୁ ଯୌନ ନିର୍ଯାତନା

## ଅଭିଯୁକ୍ତ ସେବାୟତ ଗିରଫ

ପୁରୀ ଅଫିସ, ୧୦।୧୨

ଶ୍ରୀମନ୍ଦିରରେ ଜଣେ ନାବାଳକଙ୍କୁ ଜଣେ ବରିଷ୍ଠ ସେବାୟତ ଯୌନ ନିର୍ଯାତନା ଦେଇଥିବା ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଅନ୍ୟ ଜଣେ ବରିଷ୍ଠ ସେବାୟତ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସେ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ, ନିଯୋଗ ଏବଂ ଏସ୍‌ପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କହିଛନ୍ତି। ଏହାପରେ ପୋଲିସ ଶୁକ୍ରବାର ଅଭିଯୁକ୍ତ ସେବାୟତ ହରଚଣ୍ଡୀ ସାହିର ଲକ୍ଷ୍ମୀନାରାୟଣ ଖୁଣ୍ଟିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତ ନାବାଳକଙ୍କ ବାପା ଅଭିଯୋଗ କରିଛନ୍ତି, ସେ ଦୃଷ୍ଟିହୀନ। ତେଣୁ ତାଙ୍କ ନାବାଳକ ପୁଅ ତାଙ୍କୁ ଶ୍ରୀମନ୍ଦିରକୁ ନେବା ଆଣିବା କରନ୍ତି। ନାବାଳକ ଜଣକ ମହାପ୍ରଭୁଙ୍କ ପାଳି ଖଟୁଥିବାବେଳେ ସେ ନିର୍ମାଲ୍ୟ ଖଳାରେ କାମ କରନ୍ତି। ଦୁଇମାସ ତଳେ ନାବାଳକ ପୁଅ ଭୁବନେଶ୍ୱରୀ ମନ୍ଦିରରେ ଦର୍ଶନ କରୁଥିବାବେଳେ ସେବାୟତ ଲକ୍ଷ୍ମୀନାରାୟଣ ଖୁଣ୍ଟିଆ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ପ୍ରତିବାଦ କରିବାରୁ ଧମକ ଚମକ ଦେଇଥିଲେ। ଭୟଭୀତ ହୋଇ ପୁଅ ସେଠାରୁ ଯାଇ ଲକ୍ଷ୍ମୀଙ୍କ ମନ୍ଦିରରେ ଦର୍ଶନ କରୁଥିବା ସମୟରେ ପୁନର୍ବାର ଲକ୍ଷ୍ମୀନାରାୟଣ ଅସଦାଚରଣ କରିଥିଲେ। ପୁଅ କାନ୍ଦି କାନ୍ଦି ପଳାଇ ଆସିଥିଲେ। ସେହିଦିନଠାରୁ ପୁଅ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇଆସୁଥିବା ବାପା ଅଭିଯୋଗ କରିଛନ୍ତି। ଶ୍ରୀମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି କାର୍ଯ୍ୟକୁ ସେ ଦୃଢ଼ ନିନ୍ଦା କରିବା ସହ ନିଜ ପରିବାରର ସୁରକ୍ଷା ଲୋଡ଼ିଛନ୍ତି। ତଦନ୍ତରେ ସେ ସହଯୋଗ କରିବେ ଏବଂ ପୋଲିସ ଚାହିଁଲେ ପୁଅ ବୟାନ ରେକର୍ଡ କରିପାରିବ ବୋଲି ବାପା ତଥା ଅଭିଯୋଗକାରୀ ସେବାୟତ କହିଛନ୍ତି। ଏନେଇ ସିଂହଦ୍ୱାର ଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗ ଭିତ୍ତିରେ ପୋଲିସ ଆଇପିସି ଧାରା ୨୯୪, ୩୭୭, ୫୦୬ ଏବଂ ୬ ପୋକ୍ସୋ ଆକ୍ଟରେ ଏକ କେସ୍ (ନଂ. ୧୧୭/୨୧) ରୁଜୁ କରିବା ସହ ଅଭିଯୁକ୍ତ ସେବାୟତ ଲକ୍ଷ୍ମୀନାରାୟଣଙ୍କୁ ଗିରଫ କରିଛି। ତାଙ୍କୁ ଡାକ୍ତରୀ ମାଇନା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଆଡମିଟ୍ କରାଯାଇଥିଲା। ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେହିପରି ପୀଡ଼ିତଙ୍କ ଡାକ୍ତରୀ ମାଇନା କରାଯିବା ସହ ତାଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଧାନସଭା ଅଧାରୁ ...

ଓ ଭାଜପା ମମିତା ମେହେର ହତ୍ୟା ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଦସ୍ୟମାନେ ଘଣ୍ଟ ବାଡ଼େଇବା ବେଳେ ଭାଜପା ସଦସ୍ୟମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ହଟ୍ଟଗୋଳ କରିଥିଲେ। ଏପରି କି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବା ସହ ବ୍ୟାନର ଓ ପୋଷ୍ଟର ଫିଙ୍ଗିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୦ଟା ୩୧ରୁ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ପୁଣି ହଟ୍ଟଗୋଳ ହେବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ତେବେ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିଲା। ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟାରୁ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ଣରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ପାଟିତୁଣ୍ଡ ହୋହଲ୍ଲା ମଧ୍ୟରେ ବାଚସ୍ପତି ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲ୍‌କୁ ଆଗତ କରିବାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ କହିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚନିକ ମତଦାନରେ ବିଲ୍ ବିଧାନସଭାରେ ଗୃହୀତ ହୋଇଥିଲା।

### ବୋହିନେଲେ ...

ଆଦାୟ କରାଯାଇ ପାରି ନ ଥିଲା। ଜିଲା ଅବକାରୀ ଅଧିକାରୀ ଲାଇସେନ୍ସଧାରୀମାନେ ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣର ଦେଶୀ ମଦ, ଭାରତୀୟ ପ୍ରସ୍ତୁତ ଦେଶୀ ମଦ ଓ ବିୟର ଉଠାଣ କରିପାରି ନ ଥିଲେ,ସେମାନଙ୍କ ଉପରେ ହେଉଥିବା ୮.୩୧ କୋଟି ଟଙ୍କାର ଜରିମାନାକୁ ଆଦାୟ କରିପାରି ନ ଥିଲେ। ସେହିପରି ଭାରତୀୟ ଷ୍ଟାମ୍ପ ଅଧିନିୟମ ୧୮୯୯ ବ୍ୟବସ୍ଥାକୁ ଅନୁସରଣ ନ କରି ପଟ୍ଟା କବଲା କରାଯିବା ଯୋଗୁ ସରକାରଙ୍କୁ ୮.୨୮ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେଶନ ଫି' ହରାଇବାକୁ ପଡ଼ିଛି। ଅନ୍ୟପକ୍ଷରେ ମୋଟର ଯାନ ଟିକସରେ ମଧ୍ୟ ସରକାରଙ୍କୁ ଘାଟା ସହିବାକୁ ପଡିଛି। ଆଞ୍ଚଳିକ ପରିବହନ ଅଧିକାରୀମାନେ ପଞ୍ଜୀକୃତ ହୋଇଥିବା ୭୬୩୪ଟି ଯାନ ମାଲିକଙ୍କଠାରୁ ୯.୫୨ କୋଟି ଟଙ୍କା ମୋଟର ଯାନ ଟିକସ ଓ ୧୯.୦୪ କୋଟି ଟଙ୍କା ଜରିମାନା ଆଦାୟ କରି ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ଅଭିଳଷିତ କାର୍ଯ୍ୟ ସୁରୁଖୁରୁରେ ସମାପନ କରିବେ। ଟଙ୍କା ପଇସାକୁ କେନ୍ଦ୍ର କରି କିମ୍ବା ପର କଥା ଶୁଣି ଘରେ କଳହ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ବୃଷ** ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଓ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। କିନ୍ତୁ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ସହକର୍ମୀଙ୍କୁ ଅନୁରୋଧ କରିପାରନ୍ତି। ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ ଜିନିଷ ପ୍ରାପ୍ତି ଯୋଗ ରହିଛି।

**ମିଥୁନ** କାର୍ଯ୍ୟ ହାସଲ କରିବା ଦିଗରେ ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇ ପାରନ୍ତି। ପୁରାତନ ରୋଗର ପୀଡ଼ା କ୍ରମଶଃ ହ୍ରାସ ପାଇପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ପାଇବାର ଆଶା ଉଜ୍ଜ୍ୱଳତର ହେବ।

**କର୍କଟ** କୌଣସି କାମ କରିସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିର ରହିପାରନ୍ତି। ସନ୍ତାନଙ୍କ ସମସ୍ୟା ସମାଧାନ ସକାଶେ ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାକୁ ପଡ଼ିପାରେ। ନିଜ ଲୋକ କେହି ହଇରାଣ କରିବାକୁ ଚେଷ୍ଟା କଲେ ହେଁ ଆପଣଙ୍କୁ କିଛି ଫରକ ପଡ଼ିବ ନାହିଁ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ** କଥାବାର୍ତ୍ତାରେ ସଂଯମତା ଓ ଶାଳୀନତା ଅଭାବରୁ କିଛିନା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥ ସମ୍ପର୍କୀୟ କୌଣସି ଝାମେଲାରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପାରିବାରିକ ସ୍ତରରେ ନକାରାତ୍ମକ ଚିନ୍ତାଧାରା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କନ୍ୟା** କୌଣସି ବ୍ୟକ୍ତି ନିଜର ଫାଇଦା ପାଇଁ ଫନ୍ଦିଫିକର ଯୋଜନା କରିପାରନ୍ତି। ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ଅବହେଳାରୁ ଅନ୍ୟ ବାଟେ ବ୍ୟୟ ହୋଇଯିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇବେ।

**ତୁଳା** ଗତକାଲିର ଅସମ୍ପୂର୍ଣ୍ଣ ଘର କାମ ସାଙ୍ଗକୁ ଆଜିର ଅଫିସ୍ କାମର ଜଞ୍ଜାଳ ବଳିଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଅସୁବିଧା ଦୂର କରିବା ପାଇଁ ନିଜକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରକାଶନ, ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** ଆଜି କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ହାତକୁ ନେଇଥିବା କାମ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିବେ। ମାଲି ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ଧନୁ** କାମରେ ତତ୍ପରତା ନ ଦେଖାଇଲେ ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଏଥିପାଇଁ ଝିନ୍‌ଝଟ୍ ହେବାକୁ ପଡିବ। ସାମାଜିକସ୍ତରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ମକର** ମତଭେଦ କାରଣରୁ ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମ ହୋଇଯିବ। ଅଫିସିଆଲି କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବାର ସଦସ୍ୟଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିକାରକ ହେବ।

**କୁମ୍ଭ** ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ୱାସ୍ଥ୍ୟ ବ୍ୟାହତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ଉଦ୍ରେକ କରିବ।

**ମୀନ** ଆଜି କିଛି ଭଲ ଓ କିଛି ମନ୍ଦର ଅନୁଭୂତିକୁ ନେଇ ଦିନଟି କଟାଇବେ। ପ୍ରତ୍ୟେକ କ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ,ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଅନ୍ୟର କଥାକୁ ସତ ମନେ କରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

## ମାସ୍କ ବ୍ୟବହାର କମୁଛି...

ଏଭଳି ଖାମଖିଆଲି ମନୋଭାବ ଦେଖାଇଥିଲେ ବୋଲି ନୀତି ଆୟୋଗ ସଦସ୍ୟ କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଦେଶରେ ପଜିଟିଭିଟି ହାର ଗତ ସପ୍ତାହରେ ୦.୭୩ ରହିଥିଲା। ଗତ ୧୪ ଦିନରେ ୧୦,୦୦୦ରୁ କମ୍ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କେରଳ ଓ ମହାରାଷ୍ଟ୍ରରେ ସକ୍ରିୟ ମାମଲା ସର୍ବାଧିକ ରହିଛି। ଏବେ ଦିନକୁ ୮୦ ଲକ୍ଷ ପର୍ଯ୍ୟନ୍ତ କୋଭିଡ୍ ଟିକା ଡୋଜ୍ ଦିଆଯାଉଛି। ସମସ୍ତ ସାବାଳକ ଟିକା ନେବା ପର୍ଯ୍ୟନ୍ତ ଏହି ଧାରା ଜାରି ରହିବ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ମହାନିର୍ଦ୍ଦେଶକ ବଳରାମ ଭାର୍ଗବ କହିଛନ୍ତି।

## classifieds

**Everyday**
0674-2580101, 2549302




**SALE**

Luxurious 4&5 BHK Duplex units are available at Balianta. Land-1400 and Construction- 2200-2600. 9938219397, 9861022055. D-22508

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22395

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

Residential plot size1600sqft. near to Samantarapur, BBSR for sale. Contact-9437932367. D-70983

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388




Single Double rooms at sisupalgad, Tankapani, Bhubaneswar. Ph- 9437764734, 9556856822. D-70761

(Govt. Employee) 2Room (asbestos) at 486, Saheednagar for rent. Contact: 7978159401. D-22511

"3-Storey Building each Floor 1500 Sqft / 3 BHK with all Modern Amenities and Parking Available for Office, Commercial and residential. at Suobhagya Nagar, Puri, infront of the Puri Bus Stand, Near the Railway Station. Phone no: 7894082679, 9702804595, 9437231973". D-22499




Newly open full body massage ladies and gents. 8327740003. D-71828

@999 refreshing your mind, body with the best therapy - 7873794731. D-71918

Newly Open Saikrupa Panchakarma Spa positively health benefits with Expert. 8984068077. D-22470

One hour any therapy by expert therapist @800 only. 9078484455. D-71449




**Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers -9337987055, 9861223512.** D-22474

**LOST**

ମୁଁ ନମିତା ନାୟକ, ପିତା- ଏଯୁଧିଷ୍ଠି ପ୍ରସାଦ ନାୟକ, ଗ୍ରାମ- ରିଆ, ପୋ/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା ୨୭।୧୧।୨୧ରିଖ ସକାଳ ୮ଟା ୩୦ରେ ଘରୁ ମାର୍କୋଣା ବସ୍‌ଷ୍ଟାଣ୍ଡକୁ ଯିବା ବାଟରେ ମୋର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ ଜମିବାଡ଼ି ଖତିଆନ ମୌଜା ରିଆ ଖ. ନଂ.- ୧୦୪, ଖାତା ନଂ.- ୫୨୯/୩୦୩ ସମେତ ଭୋଟ ପରିଚୟ ପତ୍ର ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ମୋବାଇଲ ନମ୍ବର- ୯୪୩୭୪୫୦୯୪୦ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୨୫୦୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରିୟଙ୍କାଙ୍କ ଗସ୍ତବେଳେ ଗୋଆରେ ବହୁ ନେତାଙ୍କ ଇସ୍ତଫା

ନୂଆଦିଲ୍ଲୀ, ୧୦।୧୨(ପି.ଟି.)

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୋଆ ଗସ୍ତରେ ଯାଇଥିବାବେଳେ ବହୁସଂଖ୍ୟାରେ ନେତା ଇସ୍ତଫା ଦେବା ଦଳକୁ ଶକ୍ତ ଧକ୍କା ଦେଇଛି। ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ସମଭାବାପନ୍ନ ଦଳଗୁଡ଼ିକ ସହ ହେବାକୁ ଥିବା ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ପ୍ରିୟଙ୍କାଙ୍କ ନେତୃତ୍ୱରେ ଶୁକ୍ରବାର ଗୋଆରେ ବିରୋଧୀ ଦଳ କଂଗ୍ରେସର ଏକାଧିକ ବୈଠକ ବସିବାର ଥିଲା। ଏହା ପୂର୍ବରୁ ସକାଳେ ପୋରଭୋରିମ୍ ନିର୍ବାଚନ ମଣ୍ଡଳୀର ଗୋଟିଏ ଗୋଷ୍ଠୀ କଂଗ୍ରେସ ନେତା ଇସ୍ତଫା ଦେଇଥିଲେ। ଉକ୍ତ ନେତାମାନଙ୍କ ପ୍ରତି ସ୍ୱାଧୀନ ବିଧାୟକ ରୋହନ ଖୌନ୍ତେଙ୍କ ସମର୍ଥନ ରହିଛି। ଆସନ୍ତାବର୍ଷ ଆରମ୍ଭରେ ହେବାକୁ ଥିବା ନିର୍ବାଚନ ଲଢ଼ିବାକୁ କଂଗ୍ରେସ ଗୁରୁତର ସହ ନେଉ ନ ଥିବା ଏହି ନେତାମାନେ ଅଭିଯୋଗ କରିଛନ୍ତି। କେତେ ଜଣ ନେତାଙ୍କ ମନୋଭାବ ଦଳକୁ ନନ୍ ଷ୍ଟାର୍ଟରରେ ପରିଣତ କରିଛି ବୋଲି ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୁପେଶ ନାଏକ କହିଛନ୍ତି। ସବୁଠୁ ବଡ଼ ଝଟ୍‌କା ହେଲା ଦକ୍ଷିଣ ଗୋଆର ବରିଷ୍ଠ ନେତା ମୋରେନୋ ରେବେଲୋ ମଧ୍ୟ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ଦଳ ପାଇଁ କାମ କରୁଥିବା ସତ୍ତ୍ୱେ କୁର୍ଟୋରିମ୍ ଆସନର ବିଧାୟକ ଆଲେଇକ୍ସୋ ରେଗିନାଲ୍ଡୋ ଲୌରେନ୍‌କୋଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବାରୁ ରେବେଲୋ ଅସନ୍ତୁଷ୍ଟ ଥିଲେ।


ଗୋଆର ମୋରପିର୍ଲା ଗ୍ରାମରେ ଆଦିବାସୀ ମହିଳାଙ୍କ ପାରମ୍ପରିକ ନୃତ୍ୟରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାମିଲ ହୋଇଛନ୍ତି।

# ବିଜେଡି କାର୍ଯ୍ୟାଳୟରେ କ'ଣ ଝାଡୁ ମାରିବି

**ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଲାଗି ରହିଛି। ଗତ ସାଧାରଣ ନିର୍ବାଚନରେ ସେ ଏହି ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ତାଙ୍କୁ ପୁଣି ଜଗତ୍‌ସିଂହପୁରରେ ଦେଖିବାକୁ ମିଳୁଛି। କଂଗ୍ରେସ ଛାଡ଼ିବା ଓ ଅନ୍ୟ କେତେକ ପ୍ରସଙ୍ଗରେ ତାଙ୍କ ସହ ଧରିତ୍ରୀର ପ୍ରମୋଦ କୁମାର ନାୟକଙ୍କ ଆଲାପ।**


ଚିରଞ୍ଜୀବ ବିଶ୍ୱାଳ

***ପ୍ରଶ୍ନ: କଂଗ୍ରେସର କେତେଜଣ ଆଗଧାଡ଼ିର ନେତା ଓ କର୍ମୀ ବିଜେଡିରେ ମିଶିଥିବା ସମ୍ପର୍କରେ ଆପଣଙ୍କ ପ୍ରତିକ୍ରିୟା କ'ଣ ?***

ଉତ୍ତର: କିଏ କୁଆଡ଼େ ଯିବ କହିହେବ ନାହିଁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକଙ୍କର ସ୍ୱାଧୀନ ବିଚାର ଓ ନିଷ୍ପତ୍ତି ଅଛି।

***ପ୍ରଶ୍ନ: ଆପଣଙ୍କ କେତେଜଣ ପାଖଲୋକ ଦଳ ଛାଡୁଥିବାର କାରଣ?***

ଉତ୍ତର: କିଏ କାହାର ପାଖ ଲୋକ ହୋଇ ରହିବା ବାଧ୍ୟତାମୂଳକ ନୁହେଁ। ଦୁନିଆରେ କେତେକ କ୍ଷେତ୍ରରେ ସ୍ତ୍ରୀ ବି ପାଖରେ ରହୁନି। ରାହୁଲ ଗାନ୍ଧୀଙ୍କର ଅନେକ ପାଖଲୋକ ଏବେ ତୃଣମୂଳ କଂଗ୍ରେସରେ ଅଛନ୍ତି। ତେଣୁ କିଛି କହିହେବ ନାହିଁ।

***ପ୍ରଶ୍ନ: ଆପଣ ବିଜେଡିରେ ମିଶିବା ନେଇ ହେଉଥିବା ଆଲୋଚନା ଉପରେ କ'ଣ କହିବେ?***

ଉତ୍ତର: ମତେ କେହି ତ ଆପ୍ରୋଚ୍ କରି ନାହାନ୍ତି, ଦଳ କାହିଁକି ଛାଡ଼ିବି। ବିଜେଡି କାର୍ଯ୍ୟାଳୟରେ କ'ଣ ଝାଡୁ ମାରିବି। ସୀତାଙ୍କୁ ବି ଖରାପ କହିବାକୁ ଅନେକ ପଛାଇ ନ ଥିଲେ। ତେଣୁ ଲୋକେ ଅନେକ କଥା କହିବେ। ମୁଁ ୧୦ ବର୍ଷ କାଳ ସବୁଦିନ ନିର୍ବାଚନ ମଣ୍ଡଳୀ ଯାଇ ଖର୍ଚ୍ଚ କରି ଲାଭ ପାଇଲି ନାହିଁ। ୧୦ ଦିନରେ ଜଣେ ଆସି ବିଧାୟକ ହୋଇଗଲେ। ମୁଁ ମହାତ୍ମା ଗାନ୍ଧୀ ନୁହେଁ ଯେ ସ୍ୱାଧୀନତା ଆଣିବି, ଆଉ ନେହେରୁ ପ୍ରଧାନମନ୍ତ୍ରୀ ହୋଇଯିବେ।

***ପ୍ରଶ୍ନ: ଆଗକୁ ପଞ୍ଚାୟତ ନିର୍ବାଚନ ଅଛି, କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟ କିପରି ଚାଲିଛି ?***

ଉତ୍ତର: ମୁଁ ମୋର ନିର୍ବାଚନ ମଣ୍ଡଳୀ ଯାଉଛି, ଯାହା କରିବା କଥା କରୁଛି।

***ପ୍ରଶ୍ନ: ଆପଣ ନିର୍ବାଚନମଣ୍ଡଳୀ ସହ ସମ୍ପର୍କ କମାଇ ଦେଇଥିବାରୁ ସଙ୍ଗଠନ ଦୁର୍ବଳ ହେଉଛି ବୋଲି ଦଳୀୟ କର୍ମୀ ମହଲରେ ହେଉଥିବା ଆଲୋଚନା ସମ୍ପର୍କରେ କ'ଣ କହିବେ ?***

ଉତ୍ତର: ମୁଁ କ'ଣ ଠିକା ନେଇଛି ସଙ୍ଗଠନ କରୁଥିବି, ଆଉ ହାରୁଥିବି। ଅନ୍ୟମାନଙ୍କ ପଇସାର ମୂଲ୍ୟ ଅଛି, ମୋର ନାହିଁ। ପଞ୍ଚାୟତ ନିର୍ବାଚନ ତା' ବାଟରେ ହେବ। ମୁଁ ହନୁମାନ ହେବାର ନାହିଁ, କି ଲଙ୍କାରେ ନିଆଁ ଲଗାଇ କ'ଣ ପାଇଁ ଲଗାଇଲି ବୋଲି ଜାଣିବାର ନାହିଁ।

***ପ୍ରଶ୍ନ: ଆଗଧାଡ଼ିର କଂଗ୍ରେସ ନେତା ଆପଣଙ୍କ ଷ୍ଟାଣ୍ଡକୁ ନେଇ ସନ୍ଦେହରେ ରହୁଥିବା ସମ୍ପର୍କରେ କ'ଣ କହିବେ ?***

ଉତ୍ତର: ୧୦ବର୍ଷ କାଳ ସବୁ ଖୋଲିଦେଇ ନାମ ନେଇଗଲି। ଏଥର ସେଭଳି ହେବନି, ସନ୍ଦେହରେ ରୁହନ୍ତୁ।

# ମେଘାଳୟ କଂଗ୍ରେସକୁ ଡବଲ ଝଟ୍‌କା

## ୧୨ ବିଧାୟକଙ୍କ ପରେ ୧୧ କାଉନ୍‌ସିଲ୍ ସଦସ୍ୟ ଟିଏମ୍‌ସିରେ

ଗୁଆହାଟୀ, ୧୦।୧୨

ମେଘାଳୟରେ କଂଗ୍ରେସକୁ ପୁଣି ଝଟକା ଲାଗିଛି। କଂଗ୍ରେସର ୧୭ ବିଧାୟକଙ୍କ ମଧ୍ୟରୁ ୧୨ ଜଣ ଦଳ ଛାଡ଼ି ଟିଏମ୍‌ସିରେ ଯୋଗଦେବାର ଦିନ କେଇଟା ପରେ ଗୁରୁବାର ସନ୍ଧ୍ୟାରେ ଗାରୋ ହିଲ୍ସ ଅଟୋନମସ୍ ଡିଷ୍ଟ୍ରିକ୍ଟ କାଉନସିଲ (ଜିଏଚ୍‌ଏଡିସି)ର ସମସ୍ତ ୧୧ ଜଣ କଂଗ୍ରେସ ସଦସ୍ୟ ଟିଏମ୍‌ସିରେ ସାମିଲ ହୋଇଛନ୍ତି। ଫଳରେ ପ୍ରଥମ ଥର ପାଇଁ ଉକ୍ତ ପରିଷଦ କଂଗ୍ରେସ ଶୂନ୍ୟ ହୋଇଛି। ପୂର୍ବରୁ ୧୨ ଜଣ କଂଗ୍ରେସ ବିଧାୟକ ଟିଏମ୍‌ସିରେ ଯୋଗ ଦେବା ପରେ ଏହା ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ହାସଲ କରିଥିଲା। ଅବଶିଷ୍ଟ ୫ କଂଗ୍ରେସ ବିଧାୟକଙ୍କୁ ଟିଏମ୍‌ସିରେ ଯୋଗଦେବା ଲାଗି ଦଳର ରାଜ୍ୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସାଙ୍ଗମା ଦୁଇଦିନ ପୂର୍ବରୁ ପ୍ରସ୍ତାବ ଦେଇଥିଲେ। ଇତିମଧ୍ୟରେ ଯୁବକଂଗ୍ରେସରୁ ୪୦୦ ଏବଂ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆର ୬୦୦ ସଦସ୍ୟ ଦଳ ଛାଡ଼ିଛନ୍ତି। ସେମାନେ ମମତା ବାନାର୍ଜୀଙ୍କୁ ଦଳରେ ଯୋଗଦେବା ସମ୍ଭାବନା ରହିଛି।


ରାଜ୍ୟ ସଭାରୁ ନିଲମ୍ବିତ ୧୨ ସଦସ୍ୟ ପାର୍ଲାମେଣ୍ଟ ପରିସରସ୍ଥ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଛନ୍ତି।

# ନିର୍ବାଚନ ଲଢ଼ିବା ନେଇ ଦଳ ନିଷ୍ପତ୍ତି ନେବ: ଆଦିତ୍ୟନାଥ



ଲକ୍ଷ୍ନୌ, ୧୦।୧୨

ସମଗ୍ର ଉତ୍ତରପ୍ରଦେଶ ତାଙ୍କ ନିର୍ବାଚନ ମଣ୍ଡଳୀ ଓ ସେ ଯେକୌଣସି ସ୍ଥାନରୁ ଲଢ଼ିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ତେବେ ଆଗାମୀ ନିର୍ବାଚନରେ ଲଢ଼ିବେ କି ନାହିଁ ତାହା ଦଳ ନିଷ୍ପତ୍ତି ନେବ ବୋଲି ସେ ସୂଚନା ଦେଇଛନ୍ତି। ଏସ୍‌ବିଏସ୍‌ପି ଏବଂ ଆର୍‌ଏଲ୍‌ଡି ସହ ସମାଜବାଦୀ ପାର୍ଟିର ପ୍ରାକ୍ ନିର୍ବାଚନୀ ମେଣ୍ଟକୁ ଆଦିତ୍ୟନାଥ ସମାଲୋଚନା କରିଛନ୍ତି। ମହାରାଜା ସୁହେଲଦେବ ଏବଂ ସାଲାର ମାସୁଦଙ୍କ ଅନୁଗାମୀମାନେ କେବେ ଏକାଠି ହୋଇପାରିବେ ନାହିଁ। ସେହିପରି ମୁଜାଫରନଗର ଦଙ୍ଗାବେଳର ହତ୍ୟାକାଣ୍ଡ ଓ ଅପମାନକୁ ପଶ୍ଚିମ ଉତ୍ତରପ୍ରଦେଶର ଜାଠମାନେ ଭୁଲିପାରିବେ ନାହିଁ। ସମାଜବାଦୀ ପାର୍ଟି (ଏସ୍‌ପି) ଅର୍ଥ ଦଙ୍ଗା, ଆତଙ୍କ, ଅରାଜକତା, ଅପରାଧ ଓ ଦୁର୍ନୀତି ବୃଦ୍ଧି, ବଂଶଗତ ଶାସନ ବୋଲି ପ୍ରତ୍ୟେକେ ବିଶ୍ୱାସ କରିଥାନ୍ତି ବୋଲି ଆଦିତ୍ୟନାଥ କହିଛନ୍ତି।

# ହିଂସାରେ ଭାଜପା ସହ ପ୍ରତିଯୋଗିତା କରୁଛି କଂଗ୍ରେସ: ବିଜେଡି

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ):** ମମିତାଙ୍କୁ ନ୍ୟାୟ ଦେବା ନାଁରେ ରାସ୍ତାକୁ ଓହ୍ଲାଇଥିବା କଂଗ୍ରେସ ହିଂସାର ରାସ୍ତା ଆପଣାଇ ପୋଲିସ ଉପରେ ଆକ୍ରମଣ କରିବା ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। କଂଗ୍ରେସ କାର୍ଯ୍ୟକ୍ରମକୁ ଟାର୍ଗେଟକରି ଲେନିନ୍ କହିଛନ୍ତି, ଗୁରୁବାର ଭାଜପା ଯୁବମୋର୍ଚ୍ଚା ପୋଲିସକୁ ଆକ୍ରମଣକରି ଲହୁଲୁହାଣ କରିଥିବା ବେଳେ ଶୁକ୍ରବାର କଂଗ୍ରେସ ସେମାନଙ୍କ ସହ ପ୍ରତିଯୋଗିତା କରିବାକୁ ଯାଇ ପୋଲିସ ଉପରକୁ ପଚାଅଣ୍ଡା ଓ ଟମାଟୋ ଫିଙ୍ଗିଛନ୍ତି। ଏପରିକି ପୋଲିସ ଗାଡ଼ିରେ ପଟ୍ରୋଲ ଢାଳି ନିଆଁ ଲଗାଇବାକୁ ମଧ୍ୟ ଉଦ୍ୟମ କରିଛନ୍ତି। ତେବେ ସେମାନେ ଏଭଳି ହିଂସା ଘଟାଇବାରୁ ପୋଲିସ ସେମାନଙ୍କୁ ବିରୋଧକରି ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇଦେବାକୁ ସମର୍ଥ ହୋଇଛି। ଯେଉଁ ହିଂସାତ୍ମକ ଆଚରଣ ପାଇଁ ଦୀର୍ଘ ୨୨ ବର୍ଷ ହେଲା ରାଜ୍ୟବାସୀ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଆସୁଛନ୍ତି ଏବେ ବି ସେମାନେ ତାହା ଛାଡ଼ିପାରୁନାହାନ୍ତି। ସେମାନଙ୍କ ଆଜିର କାର୍ଯ୍ୟକଳାପରୁ ତାହା ପ୍ରମାଣିତ ହୋଇଯାଇଛି। ଏହାଛଡ଼ା ରାଜ୍ୟରେ କଂଗ୍ରେସ ଭିତରେ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଏପରିକି କଂଗ୍ରେସ ଭବନ ଭିତରେ ମଧ୍ୟ କଂଗ୍ରେସ କର୍ମୀ ଓ ନେତାମାନେ ପରସ୍ପର ମଧ୍ୟରେ ବାଡ଼ିଆପିଟା ହେଉଛନ୍ତି। ଦଳ ଦୟନୀୟ ଅବସ୍ଥାରେ ଥିଲେ ମଧ୍ୟ ନେତୃତ୍ୱକୁ ନେଇ ଟଣାଓଟରା ଲାଗି ରହିଛି। କଂଗ୍ରେସ ରାଜ୍ୟବାସୀଙ୍କ ଜନମାନସରୁ କ୍ରମଶଃ ହଜି ଚାଲିଥିବା ବେଳେ କେବଳ ସ୍ଥିତି ରକ୍ଷା ଲାଗି ସେମାନଙ୍କ କର୍ମୀମାନେ ଆନ୍ଦୋଳନ ନାଁରେ ରାଜରାସ୍ତାରେ ହିଂସା ପ୍ରଦର୍ଶନ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଏଭଳି ହୀନ ଉଦ୍ୟମ କରିଛନ୍ତି ବୋଲି ଲେନିନ୍ କହିଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ତୁରନ୍ତ ଆବଶ୍ୟକ**
ଭୁବନେଶ୍ୱରସ୍ଥିତ ଏକ ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଆବଶ୍ୟକ।
● TOURIST CAR DRIVER- 5 Nos. (with badge and heavy licence)
● ହାଉସ୍‌କିପର (ଅଭିଜ୍ଞ ମହିଳା/ ପୁରୁଷ)-5 ଜଣ
Residency 24x7, 13 West, Ashok Nagar, [Behind Khadi Niketan], BBSR (10 A.M. to 5 P.M.)
9938329002
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

**APPOINTMENT**
SP Academy, Bhubaneswar required MARKETING MANAGER- 2 Nos. OFFICE PERSONNEL: 1 No.
RP-14, Pandav Nagar
9556101210, 9337505150
Interview date & time: 12.12.2021 & 19.12.2021 at 11 A.M. to 1 P.M.

**Urgent Required**
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

**WALK-IN-INTERVIEW**
For following Posts in Bhubaneswar
1. Salesman for Kitchen & Home appliances store.
2. House Keeping Staff for Hotel for Day & Night Shift.
3. Receptionist for Night Shift.
CONTACT
0674-2533244 OR 8480699659

**REQUIRED**
MARKETING OFFICER,
Fixed Salary
Contact: 10 A.M. - 8 P.M.
AYURVEDIC MEDICINE
Near Balunkeswar Temple, Mahidharapada, Trinath Bazar, Fulnakhara, Bhubaneswar.

**WANTED**
FEMALE RECEPTIONISTS, MARKETING PERSONS (Male/Female)
for a Hospital near Bhubaneswar.
MOBILE
9337214020 | 7750893821

# ରାଜ୍ୟ ସ୍ଥିତି ସମ୍ପର୍କରେ ନଡ୍ଡାଙ୍କୁ ଜଣାଇଲେ ସମୀର

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି ଗତ ବୁଧବାର ନୂଆଦିଲ୍ଲୀଠାରେ ସାକ୍ଷାତ୍ କରିଛନ୍ତି। ଆଲୋଚନା ବେଳେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି, ଦଳର ସାଙ୍ଗଠନିକ କାର୍ଯ୍ୟ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ମହିଳାଙ୍କ ପ୍ରତି ନିର୍ଯାତନା ଓ ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିବା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଗୋଲକ କହିଛନ୍ତି, ରାଜ୍ୟ ସଭାପତି ସେଠାରେ ଅବଗତ କରିଛନ୍ତି, ରାଜ୍ୟରେ ଶାସକ ଦଳ ଏକଚ୍ଛତ୍ରବାଦ ଶାସନ ଚଲାଇଥିବା ବେଳେ ବିଶେଷ ଭାବେ ମହିଳା ଓ ଶିଶୁ ନିର୍ଯାତନାର ଶିକାର ହେଉଛନ୍ତି। ନୟାଗଡ଼ ଜିଲାର ଶିଶୁ ପରୀ ଘଟଣା ସହିତ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ନ୍ୟାୟ ପାଇଁ ଦଳ ପକ୍ଷରୁ ଗତ ୨ ମାସ ଧରି ଆନ୍ଦୋଳନ ଜାରି ରହିଛି। ଏହି ୨ ଘଟଣାରେ ଦୁଇଜଣ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଜଣାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କେଳେଙ୍କାରୀରେ ପ୍ରତିବାଦ କରିବାରୁ ୨ ଜଣ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ଆଇନମନ୍ତ୍ରୀ ପ୍ରତାପ ଜେନା ଲିପ୍ତଥିବା କଥା କହିଛନ୍ତି। ଏହା ବ୍ୟତୀତ ଆଦିବାସୀ ଜିଲାର ବିକାଶ ପାଇଁ ଗଠନ ହୋଇଥିବା ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)କୁ ବିନା ଟେଣ୍ଡରରେ ଦଳୀୟ କାମରେ ଲଗାଇ ସରକାରୀ ଦଳ ଏହି ଅର୍ଥର ଅପବ୍ୟବହାର କରୁଥିବା କଥା ଅବଗତ କରାଯାଇଛି। ଦଳର ସଙ୍ଗଠନାତ୍ମକ କାର୍ଯ୍ୟର ଅଗ୍ରଗତି ତଥା ଆଗାମୀ ଦିନରେ କିଭଳି ଦଳର ସଙ୍ଗଠନ ତୃଣମୂଳସ୍ତରରେ ମଜଭୁତ ହେବା ସହ ଅଧିକରୁ ଅଧିକ ନାଗରିକ ଯୋଡିହେବେ ସେ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି।


ନୂଆଦିଲ୍ଲୀଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି ସାକ୍ଷାତ କରୁଛନ୍ତି।

**OFFICE OF THE PARADEEP MUNICIPALITY PARADEEP**
**QUOTATION CALL NOTICE**
No.5908 / Dt.10.12.2021

No.C-1564:- The Executive Officer, Paradeep Municipality, Paradeep, District- Jagatsinghpur invites sealed Quotation Call Notice from the intending registered suppliers / manufacturers / agencies for ceiling, paneling, Round Table, Cup Board, Table, Self, Window paneling, door paneling and other items of High School Transformation Programme, NAC Girl's High School & Sanjaya Gandhi High School, Paradeep for interior work within Paradeep. The DTCN can be obtained in the Office of the Municipal Council, Paradeep on payment of each paper cost Rs.5000.00 (Rupees Five thousand) only (Non refundable) from dt.11.12.2021 to dt. 17.12.2021 during office hours. The quotation will be available on office website www.paradeepmunicipality.org. Paper cost shall be paid as per the same method noted in DTCN online. Quotation without payment of paper cost and EMD shall not be accepted in any case and will be rejected summarily. The quotation will be reached the undersigned on or before dt.18.12.2021 upto 01.00 P.M. The same will be opened on the same day at 03.00 P.M. in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Sd./- Executive Officer, Paradeep Municipality
OIPR-13120/11/0016/2122

**OFFICE OF THE NOTIFIED AREA COUNCIL, BINKA**
Dist.: Subarnapur
Email Id: nacbinka@gmail.com
Phone/Fax; 06654- 241113
No.2554 Date: 03.12.2021
**QUOTATION CALL NOTICE**

No.C-1559:- Sealed quotations are invited from the reputed firms / suppliers / hoarding manufacturers having valid GST & Income Tax Clearance Certificate to supply and erection of Jaga Mission hoardings in different places of Binka NAC in the District of Subarnapur. The quotations shall be received in the office of the undersigned on or before 13.12.2021 at 5.00 P.M. through Postal / in specified tender box kept in the office and the same will be opened on 14.12.2021 at 11.30 A.M. in presence of the quotationers / their authorized representatives. The authority is not responsible for any postal delay. The quotationers shall have to quote the rate per unit inclusive all taxes, conveyance, hoardings and installation thereof as per specification attached herewith, on the spot identified by the undersigned. The quotationers shall have to deposit non-refundable paper cost of Rs.6000/- (Six thousand) only in shape of Demand Draft in favour of Executive Officer, NAC, Binka payable at SBI, Binka.The successful bidder shall have to deposit Rs.10,000/- (Ten thousand) only towards EMD cost & he must complete the work within 10 days from the receipt of supply order. The authority reserves the right to reject any or all the quotations without assigning any reason thereof.

Sd./- Executive Officer
Notified Area Council, Binka
OIPR-13198/11/0004/2122

# ବିଜେଡିରେ ମିଶିଲେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ପୂର୍ବ ଆକଳନ ଅନୁଯାୟୀ କଂଗ୍ରେସର ବରିଷ୍ଠ ନେତା ତଥା ତଳସରାର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ଗତ ୬ ତାରିଖରେ ପ୍ରଫୁଲ୍ଲଙ୍କୁ ବିଶୃଙ୍ଖଳିତ ଆଚରଣ ଏବଂ ଦଳ ବିରୋଧୀ କାର୍ଯ୍ୟ ଲାଗି କଂଗ୍ରେସରୁ ବହିଷ୍କାର କରାଯାଇଥିଲା। ଏହାପରେ ସେ ଆନୁଷ୍ଠାନିକ ଭାବେ ଦଳରୁ ଇସ୍ତଫା ଦେବା ସହ ଇସ୍ତଫାପତ୍ର ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିଲେ। ପ୍ରଫୁଲ୍ଲ ଏହାପରେ ଏକ ଖବରଦାତା ସମ୍ମିଳନୀ କରି ବିଜେଡିରେ ସାମିଲ ହେବେ ବୋଲି କହିଥିଲେ। ତେବେ ଶୁକ୍ରବାର ବିଜେଡିରେ ସାମିଲ ହେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଫୁଲ୍ଲ କହିଛନ୍ତି, କଂଗ୍ରେସ ହେଉଛି ଏକ ମୁଣ୍ଡବିହୀନ ଦଳ। ଏହି ଦଳର ଏବେ ମା, ବାପା ନାହାନ୍ତି। ଦଳକୁ ରୋଗ ହୋଇଯାଇଛି ଯାହାର ନିରାକରଣ ନାହିଁ। ବହୁ ଖରାପ ପରିସ୍ଥିତିରେ ଲୋକଙ୍କ କାମ କରି ସେ ବିଧାୟକ ହୋଇଥିଲେ। ହେଲେ ଦଳ ତାଙ୍କୁ ଯେତିକି ସମ୍ମାନ ଦେବା କଥା ଦେଲାନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିନ୍ତାଧାରା ଏବଂ ଲୋକଙ୍କ କାମ କରିବାକୁ ତାଙ୍କର ଯେଉଁଭଳି ଆଗ୍ରହ ଏଠାରେ କାମ କରିବାକୁ ବହୁତ ଭଲ ଲାଗିବ। ମୁଖ୍ୟମନ୍ତ୍ରୀ କର୍ମୀଙ୍କୁ ଯେଭଳି ଚିହ୍ନନ୍ତି ତାଙ୍କୁ ଦେଖିଲେ ଲାଗୁଛି କାମ କରିବା ପାଇଁ ବହୁତ ସୁଯୋଗ ମିଳିବ ବୋଲି ପ୍ରଫୁଲ୍ଲ କହିଛନ୍ତି।


ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ପ୍ରଫୁଲ୍ଲ।

**ଭାରତ ଫାଇନାନ୍ସିଆଲ ଇନକ୍ଲୁଜନ ଲିମିଟେଡ**
(Also formerly known as IndusInd Financial Inclusion Limited)
BHARAT Financial Inclusion Ltd
Prayaas se pragati
A 100% subsidiary of IndusInd Bank Limited
Formerly known as IIFL

BFIL ହେଉଛି ଭାରତର ଏକ ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନ ଯାହାକି 8 ମିଲିୟନ ସଦସ୍ୟାଙ୍କୁ ଆର୍ଥିକ ସେବା ପ୍ରଦାନ କରୁଅଛି ଏବଂ ସମଗ୍ର ରାଜ୍ୟରେ 262ଟି ଶାଖା ସହିତ ଓଡ଼ିଶାର ସମସ୍ତ ଜିଲ୍ଲାରେ ଉପସ୍ଥିତି ରହିଛି।
BFIL ବଳିଷ୍ଠ ବ୍ୟକ୍ତିବିଶେଷଙ୍କୁ ଖୋଜୁଛି ଯିଏକି ଆର୍ଥିକ ଦୁର୍ବଳ ଶ୍ରେଣୀୟ ଲୋକମାନଙ୍କୁ ବିସ୍ତୀର୍ଣ୍ଣ ଆର୍ଥିକ ସେବା ଯୋଗାଇବା ପାଇଁ ଦାୟିତ୍ୱ ନେବେ। ଆଗ୍ରହୀ ପ୍ରାର୍ଥୀମାନେ ଏଥିପାଇଁ ଉତ୍ସାହର ସହିତ ଆବେଦନ କରିପାରିବେ।
**ପଦବୀ: କ୍ଷେତ୍ର ସହାୟକ ପ୍ରଶିକ୍ଷକ (Field Assistant Trainee)** । **ଯୋଗ୍ୟତା:** +2 କିମ୍ବା ତଦୂର୍ଦ୍ଧ୍ୱ, **ବୟସ:** 18ରୁ 27 ବର୍ଷ, ଆଧାର, LL / DL ରହିବା ଉଚିତ୍, ନିଶ୍ଚିତ ଭାବେ ଓଡ଼ିଆ ଭାଷା ଜାଣିଥିବା ଆବଶ୍ୟକ (ଲେଖିବା ଓ ପଢ଼ିବା) । **ଦରମା:** (Confirmation ପରେ) ମୋଟ ଦରମା **10800/-** + ଆକର୍ଷଣୀୟ ପ୍ରୋତ୍ସାହନ (Incentive) + ସ୍ୱତନ୍ତ୍ର ପୁରସ୍କାର ଏବଂ ସ୍ୱୀକୃତି + ଯାନ ଇନ୍ଧନ (Vehicle Fuel) + PF + ESI + ସ୍ୱାସ୍ଥ୍ୟ ବୀମା + ଜୀବନ ବୀମା ଏବଂ ଅନ୍ୟାନ୍ୟ ସୁବିଧା ।
**ନିମ୍ନରେ ଦିଆଯାଇଥିବା ସାକ୍ଷାତ୍‌କାର (Interview)ର କାର୍ଯ୍ୟସୂଚୀ:**

| Date of Interview | Address | Contact Number |
|---|---|---|
| 12.12.2021 | Bharat Financial Inclusion Limited, At- Pragati Nagar (Infront of Gridco Office), Kumanda, Dist.- Angul, Pin- 759143 | 9515321683, 8249239435, 9154556434 |
| | Bharat Financial Inclusion Limited, C/o-Ajaya Kumar Sahoo,At-Kacharamala, Near ITI College, Po-Phulnakhara, Dist.-Cuttack, Pin-754001 | 9100882815, 9154556434 |
| | Bharat Financial Inclusion Limited, C/o-Prasanta Ku. Mohapatra, At-Sunguda, Near Sunguda Gram Panchayat, Chandikhole, Pin-754296 | 9178932181, 7008586594, 7328811841 |
| | At-Karanjia, Colony-Ishan Nagar, Dist-Balasore, Pin-756001 | 9154108449 |
| | Bharat Financial Inclusion Limited, Kheras, Charchika Bazar, Infront of BSNL Office, Jagatsinghpur,PIN-754103, | 7606002536, 8917416162, 9078324099 |
| | Bharat Financial Inclusion Limited, Nabakalebar Road, Back side of Akhandalamani Temple, Puri | 8018098223, 6370682172, 9040904342 |
| | Bharat Financial Inclusion, Sriram Nagar, Near Back Side Postal Colony, Khurda | 7894421932, 6370008219 |
| | Bharat Financial Inclusion, Nayagarh Town, Near Nilamadab Kalyan Mandap, Khandapara Road | 7894421956, 8249819564 |
| | Ward No. 1, Ambika Nagar Colony, Bijipur, Berhampur | 7008242809, 7788880662, 8249344727 |
| | At-Irrigation Colony, Lane No-11, Bhawanipatna, Kalahandi, Odisha-766001 | 9154073500, 7894441503 |
| | Samleswari Market Complex, 1st Floor, Tiwarigali, Khetrajpur, Sambalpur, Pin- 768003 | 7207317747, 7894421944 |

ଦୟାକରି ସିଭି, ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର (ମୂଳ–Original ଏବଂ ଫଟୋଗ୍ରାଫି– Xerox) ଏବଂ 2ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ସ୍ମାର୍ଟ ଫୋନ୍, DL / LL ସହିତ ନିର୍ଦ୍ଧାରିତ ତାରିଖ ସକାଳ 9:30 ସମୟରେ ରିପୋର୍ଟ କରନ୍ତୁ । ଫ୍ରେଶର୍ ଏବଂ ଆଗରୁ କୌଣସି MFIରେ କାର୍ଯ୍ୟ କରି ନ ଥିବା ପ୍ରାର୍ଥୀଙ୍କୁ ହିଁ କେବଳ ପ୍ରାଧାନ୍ୟ ଦିଆଯିବ ।

ହେ ଭଗବାନ, ସେମାନଙ୍କୁ ଶାନ୍ତି ଦିଅ। ଆଲୋକ ଦିଅ। ସେମାନଙ୍କର ଅନ୍ଧତ୍ୱ ଓ ତମସାଚ୍ଛନ୍ନ ବୁଦ୍ଧି ଖୋଲିଦିଅ। ସେମାନଙ୍କର ନିଷ୍ଫଳ ଆତ୍ମପୀଡନ ଓ ନିରର୍ଥକ ଦୁଶ୍ଚିନ୍ତା ଶାନ୍ତ କରିଦିଅ। .. ସେମାନଙ୍କୁ ଅସଂକୋଚରେ ଆତ୍ମୋତ୍ସର୍ଗର ଆନନ୍ଦ ଦିଅ। —ଶ୍ରୀମା

# ଛାୟା ଯୁଦ୍ଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦେଶରେ କୋଭିଡ୍ ଟିକାକରଣରେ ନ୍ୟାଶନାଲ ହେଲ୍‌ଥ ଅଥରିଟି (ଏନ୍‌ଏଚ୍‌ଏ)ର ପ୍ରମୁଖ ଭୂମିକା ରହିଛି। ଏଥିପାଇଁ ଏହାର ସିଇଓ ଆର୍.ଏସ୍.ଶର୍ମା ଉତ୍ତରଦାୟୀ। କୋଭିଡ୍‌ର ନୂଆ ରୂପ ଓମିକ୍ରନ୍ ଏବେ ଟିକାକରଣ ଲାଗି ଅଧିକ ଆହ୍ୱାନ ସୃଷ୍ଟି କରିଥିବାରୁ ଶର୍ମାଙ୍କୁ ବହୁତ କିଛି କାର୍ଯ୍ୟ କରିବାକୁ ଅଛି। ଡିସେମ୍ବର ସୁଦ୍ଧା ୧୦୦ ପ୍ରତିଶତ ଟିକାକରଣ ହାସଲ କରିପାରିବେ ବୋଲି କିଛି ମାସ ପୂର୍ବରୁ ସରକାର ସୁପ୍ରିମକୋର୍ଟଙ୍କୁ ଆଶ୍ୱାସନା ଦେଇଥିଲେ। ହେଲେ ଏଯାବତ ତାହା ହୋଇପାରିନାହିଁ। ଏହା ପୂର୍ବରୁ ଶର୍ମା ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ)ର ପ୍ରତିଷ୍ଠାତା ମୁଖ୍ୟ ରହିଥିଲେ। ଏଣୁ ସେ ତାଙ୍କ ପୂର୍ବ ସଂସ୍ଥାକୁ କଟୁ ସମାଲୋଚନା କରିବା ବାସ୍ତବରେ ବିଚିତ୍ର ଘଟଣା। ୟୁଆଇଡିଏଆଇ ଭାରତର ସମସ୍ତ ବାସିନ୍ଦାଙ୍କ ପାଇଁ ଆଧାର କାର୍ଡ ଜାରି କରିଥିଲା। ଶର୍ମା କେବଳ ୟୁଆଇଡିଏଆଇର ପ୍ରତିଷ୍ଠାତା ମୁଖ୍ୟ ନ ଥିଲେ, ବରଂ ଆଧାର କାର୍ଡର ଉତ୍ତମ ଦିଗଗୁଡ଼ିକ ବର୍ଣ୍ଣନା କରିବା ଲାଗି ଏକ ବହି ଲେଖିଥିଲେ। ତଥାପି ନିକଟରେ ଶର୍ମା ୟୁଆଇଡିଏଆଇକୁ କଡ଼ା ସମାଲୋଚନା କରିବା ସହ ଆଧାର ସମ୍ପୂର୍ଣ୍ଣ ଭାବେ ଏକ ଡିଜିଟାଲ ପ୍ରସଙ୍ଗ ହୋଇଥିବାସ୍ଥଳେ କାହିଁକି ଫିଜିକାଲ ଆଧାର କାର୍ଡ ଏବଂ ଅଫ୍‌ଲାଇନ ଯାଞ୍ଚକୁ ଅନୁମତି ଦିଆଗଲା ବୋଲି ସେ ପ୍ରଶ୍ନ ଉତ୍ଥାପନ କରିଛନ୍ତି। ଶର୍ମାଙ୍କ ସମାଲୋଚନା ୟୁଆଇଡିଏଆଇର ଏବକାର ସିଇଓ ସୌରଭ ଗୋଏଲ ନେତୃତ୍ୱାଧୀନ ବ୍ୟବସ୍ଥା କିମ୍ବା ଆଧାର କାର୍ଡ ବିକାଶର ନେତୃତ୍ୱ ନେଇଥିବା ତଥା ୟୁଆଇଡିଏଆଇର ପ୍ରଥମ ଅଧ୍ୟକ୍ଷ ନନ୍ଦନ ନିଲେକାନିଙ୍କୁ ସମ୍ଭବତଃ ଉପହାସ କରାଯାଇଥିବା କେତେଜଣ ପର୍ଯ୍ୟବେକ୍ଷକ ମନେକରୁଛନ୍ତି। ଏନ୍‌ଏଚ୍‌ଏ ଏବେ ଲୋକଙ୍କୁ ଡିଜିଟାଲ ହେଲ୍‌ଥ ପରିଚୟପତ୍ର ଜାରି କରୁଛି ଓ ଶର୍ମା ଏହାକୁ ଏକ ଦୃଷ୍ଟାନ୍ତ ଭାବେ ଦର୍ଶାଇଛନ୍ତି। ଆଧାରରେ ଅଫ୍‌ଲାଇନ ବ୍ୟବସ୍ଥାକୁ ନେଇ ଶର୍ମା କରିଥିବା ଆକ୍ଷେପକୁ ଗୋଏଲ ଏବଂ ନିଲେକାନି ଭଲ ଭାବେ ବୁଝିପାରୁଥିବେ। ହେଲେ ଏହା ନିଶ୍ଚିତ ଯେ, ଆଧାର ପରିଚୟ ପତ୍ରରେ ଡିଜିଟାଲ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଗଲେ ତାହା ଲାଭଦାୟକ ହେବ ନାହିଁ, ବରଂ ଏଭଳି ଛାୟା ଯୁଦ୍ଧ କେବଳ ଦୁଇ ପକ୍ଷର କ୍ଷତି କରିପାରେ।

### ପଦବୀ ଦୌଡ଼

ଚୟନ ପ୍ରକ୍ରିୟାକୁ ଲକ୍ଷ୍ୟ କଲେ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ (ଏନ୍‌ଡିଏମ୍‌ସି)ର ଏବକାର ଚେୟାରମ୍ୟାନ ଧର୍ମେନ୍ଦ୍ର ହିଁ ବାସ୍ତବରେ ଦିଲ୍ଲୀର ମୁଖ୍ୟ ଶାସନ ସଚିବ ପଦବୀ ପାଇଁ ବିକଳ୍ପ। କିନ୍ତୁ ଏହି ଚୟନ ପ୍ରକ୍ରିୟା ଜଟିଳ ହେବା ଆମେ ବହୁ ସମୟରେ ଲକ୍ଷ୍ୟକରିଛୁ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟରତ ବିଜୟ କୁମାର ଦେବଙ୍କୁ ଦିଲ୍ଲୀର ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଥିବାରୁ ମୁଖ୍ୟ ଶାସନ ସଚିବଙ୍କ ଆବଶ୍ୟକତା ପଡ଼ିଛି। ଏହି ନୂଆ ଦାୟିତ୍ୱ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ଦେବ ଜାନୁୟାରୀ ୨୦୨୨ରେ ସ୍ୱେଚ୍ଛାକୃତ ଅବସର ନେଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। କୌତୂହଳର କଥା,କେନ୍ଦ୍ର ମିଜୋରାମ ସରକାରଙ୍କ ସହ ଜଣେ ମୁଖ୍ୟ ସଚିବଙ୍କ ନିଯୁକ୍ତିକୁ ନେଇ ଲଢେଇରେ ମାତିଥିବାରୁ, ଧର୍ମେନ୍ଦ୍ରଙ୍କୁ ଶୀର୍ଷ ପଦବୀକୁ ପଦୋନ୍ନତି ଦେବା ଏତେ ସହଜ ହୋଇ ନ ପାରେ ବୋଲି ଅନୁମାନ କରାଯାଉଛି। ମିଜୋରାମ ସରକାର କେନ୍ଦ୍ର ଦ୍ୱାରା ନିଯୁକ୍ତ ଏଜିଏମ୍‌ୟୁଟି କ୍ୟାଡର୍ ଅଧିକାରୀ ରେଣୁ ଶର୍ମାଙ୍କ ସ୍ଥାନରେ ମିଜୋଭାଷାରେ ନିପୁଣ ଜେ.ସି.ରାମଥଙ୍ଗାଙ୍କୁ ତା'ର ମୁଖ୍ୟ ସଚିବ ଭାବେ ମଧ୍ୟ ନିଯୁକ୍ତି ଦେଇଛି। ତେବେ କେନ୍ଦ୍ର ରାଜ୍ୟ ଉପରେ ଜଣେ ଅଧିକାରୀଙ୍କୁ ଲଦି ଦେବାକୁ ନ ଚାହିଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରିପାରେ ବୋଲି କୁହାଯାଉଛି। ଶର୍ମା ଫେରିଲେ କେନ୍ଦ୍ର ସରକାର ତାଙ୍କ ପାଇଁ ନିଶ୍ଚିତ ଭାବେ ଏକ ସମ୍ମାନଜନକ ପଦବୀ ଖୋଜିବେ। ହୁଏତ ଏହା ଦିଲ୍ଲୀର ମୁଖ୍ୟ ସଚିବ ପଦବୀ ହୋଇପାରେ। ଶର୍ମା ମଧ୍ୟ ଧର୍ମେନ୍ଦ୍ରଙ୍କ ଭଳି ମୁଖ୍ୟ ସଚିବ ପଦବୀ ଲାଗି ଦକ୍ଷ ଓ ଯୋଗ୍ୟ। ତେବେ ସେ କେନ୍ଦ୍ରର କେବଳ ଏକ ବିକଳ୍ପ ହୋଇ ନ ପାରନ୍ତି। ଅରୁଣାଚଳ ପ୍ରଦେଶ ମୁଖ୍ୟ ସଚିବ ନରେଶ କୁମାର ମଧ୍ୟ ଦୌଡ଼ରେ ରହିଛନ୍ତି ବୋଲି କଥାଉଠୁଛି। ଏହା ବ୍ୟତୀତ ମନୋଜ କୁମାର ପରିଡ଼ା,ସତ୍ୟ ଗୋପାଳ ଏବଂ ସହର ବିକାଶର ଅତିରିକ୍ତ ସଚିବ ପି.କେ. ଗୁପ୍ତାଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି। ତଥାପି ଧର୍ମେନ୍ଦ୍ର ଅନ୍ୟମାନଙ୍କଠାରୁ ଆଗରେ ରହିବେ। କିନ୍ତୁ ଶେଷ ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ହିଁ ନେବ।

### ସମର୍ଥନ ମିଳିଲା

ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ବେନିଚେନ୍ ଥୋମାସ୍‌ଙ୍କ ନିଲମ୍ବନକୁ ନେଇ କେନ୍ଦ୍ର ଏବଂ ପିନାରାୟୀ ବିଜୟନ ସରକାରଙ୍କ ମଧ୍ୟରେ ବିବାଦ ଉପୁଜିଛି। ସମ୍ବେଦନଶୀଳ ମୁଲାପେରିୟାର ଡ୍ୟାମ୍ ଘଟଣା ଉପରେ ସରକାରଙ୍କ ନିର୍ଦ୍ଦେଶକୁ ଥୋମସ ଅବମାନନା କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ଡ୍ୟାମ ଆଖପାଖରେ ଥିବା ୧୫ଟି ଗଛ କାଟିବାକୁ ଥୋମାସ ଅନୁମତି ଦେଇଥିଲେ। ତେବେ କ୍ୟାଡର କଣ୍ଟ୍ରୋଲିଂ ଅଥରିଟି ଭାବେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମତି ନ ନେଇ କାହିଁକି ଥୋମାସଙ୍କୁ ନିଲମ୍ବନ କରାଗଲା, ତାହାର ସ୍ପଷ୍ଟୀକରଣ ଦେବାକୁ ମନ୍ତ୍ରଣାଳୟ କେରଳର ମୁଖ୍ୟ ଶାସନ ସଚିବ ଭି.ପି.ଜୟଙ୍କୁ ଲେଖିଛି। ମିଡିଆରୁ ଥୋମାସଙ୍କ ନିଲମ୍ବନ ଖବର ପ୍ରକାଶ ପାଇବା ପରେ ମନ୍ତ୍ରଣାଳୟ ଜାଣିପାରିଲା ବୋଲି ଇନିସ୍‌ପେକ୍ଟର ଜେନେରାଲ ଅଫ୍ ଫରେଷ୍ଟସ୍ ଏ.କେ. ମହାନ୍ତି ତାଙ୍କ ଚିଠିରେ ଦର୍ଶାଇଛନ୍ତି । ଏହା ସ୍ପଷ୍ଟ ଯେ, ଥୋମସଙ୍କୁ ନିଲମ୍ବନ କରିବା ପରେ କେରଳ ସରକାର ଏବେ ଚାପରେ ରହିଛନ୍ତି। କେବଳ କେନ୍ଦ୍ର ନୁହେଁ, ଆଇଏଏସ୍ ଏବଂ ଆଇପିଏସ୍ ସଂଘ ମଧ୍ୟ ଥୋମସଙ୍କ ସମର୍ଥନରେ ବାହାରିଛନ୍ତି । ନିଲମ୍ବନ ନିର୍ଦ୍ଦେଶର ସମୀକ୍ଷା କରି ତାହାକୁ ପ୍ରତ୍ୟାହର କରାଯିବା ଦରକାର ବୋଲି ସେମାନେ ଦାବି କରିଛନ୍ତି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | 4 |
| | | | 2 | | | | | 1 |
| 6 | 7 | | 4 | | | 9 | | |
| 8 | | | 9 | | | | | 6 |
| | 9 | 7 | | | | | 3 | |
| 3 | | | | | | 8 | | |
| 4 | | | | 7 | | 1 | | |
| 7 | 3 | | | | | | 4 | |
| | 2 | | 6 | | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 9 | 7 | 3 | 4 | 6 |
| 3 | 2 | 7 | 1 | 6 | 4 | 8 | 5 | 9 |
| 4 | 6 | 9 | 3 | 5 | 8 | 2 | 7 | 1 |
| 8 | 3 | 2 | 7 | 1 | 9 | 4 | 6 | 5 |
| 6 | 9 | 5 | 8 | 4 | 3 | 7 | 1 | 2 |
| 1 | 7 | 4 | 6 | 2 | 5 | 9 | 8 | 3 |
| 9 | 5 | 1 | 4 | 8 | 2 | 6 | 3 | 7 |
| 2 | 4 | 3 | 5 | 7 | 6 | 1 | 9 | 8 |
| 7 | 8 | 6 | 9 | 3 | 1 | 5 | 2 | 4 |

ଗତକାଲିର ଉତ୍ତର

# ଦିବ୍ୟାଙ୍ଗ ନିଯୁକ୍ତି ଭେଳିକି



ନାରାୟଣ ଚନ୍ଦ୍ର ବିଶ୍ୱାଳ

କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ଏପରିକି ଅନେକ ବିଶ୍ୱବିଖ୍ୟାତ ସ୍ୱେଚ୍ଛାସେବୀ ସଂଗଠନର ପ୍ରମୁଖମାନେ ଦିବ୍ୟାଙ୍ଗମାନଙ୍କ ପାଇଁ ଅନେକ କିଛି ପ୍ରଗତିମୂଳକ ଓ ସେମାନଙ୍କୁ ସମାଜ ସହ ସମକକ୍ଷ କରିବା ପାଇଁ ନୀତିନିୟମ ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାର ପ୍ରଚାର ପ୍ରସାର ହେଉଛି। କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଭିନ୍ନ। ଆମ ସରକାରୀ ବ୍ୟବସ୍ଥାରେ ଭିନ୍ନକ୍ଷମ ଅବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ସରକାରୀ ଚାକିରି ପାଇଁ ନିଯୁକ୍ତି ବିଜ୍ଞାପନ ମାଧ୍ୟମରେ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷଣ ଦିଆଯାଉଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା କେଉଁ ବର୍ଗର ଦିବ୍ୟାଙ୍ଗ କେଉଁ ପାହ୍ୟାରେ କାର୍ଯ୍ୟ କରିବେ ତାହା ଏ ପର୍ଯ୍ୟନ୍ତ ନିରୂପିତ ହୋଇପାରୁନାହିଁ। କେବଳ ପଦବୀ ଚିହ୍ନଟ ପ୍ରକ୍ରିୟାରେ ଅନେକ ବିଳମ୍ବ ହେଉଥିବାରୁ ୧୯୯୫ରେ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରଥମେ ଆଇନ ପ୍ରଣୟନ କରାଯାଇଥିଲା। ନିୟମ ଅନୁସାରେ କେଉଁ ପଦବୀରେ କେଉଁ ବର୍ଗର ଦିବ୍ୟାଙ୍ଗ ନିଯୁକ୍ତି ପାଇବେ ତାହା ନିର୍ଦ୍ଧାରଣ କରାଯିବା କଥା। ତାହା ପ୍ରତି ୩ ବର୍ଷରେ ଥରେ ହେବା ନିୟମ ରହିଛି। କିନ୍ତୁ ୨୦୦୬ ପର୍ଯ୍ୟନ୍ତ ଅର୍ଥାତ୍ ୧୧ ବର୍ଷ ଯାଏ ଏହା ହୋଇପାରିଲା ନାହିଁ।

ସମଗ୍ର ବିଶ୍ୱରେ ପ୍ରାୟ ୧କୋଟି ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ସେମାନେ ସମାଜର ସୁଖ ସୁବିଧା ଉପଭୋଗ କରିପାରୁନାହାନ୍ତି। ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି। ଏକ ସୁସ୍ଥ ଲୋକତନ୍ତ୍ର, ସକ୍ରିୟ, ନାଗରିକ ଓ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ଅତି ଆବଶ୍ୟକ। ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ମଧ୍ୟ ପଦକ୍ଷେପ ନେଇଛି। ଏହା ଉପରେ ବି ଅଭିଯାନ ଆରମ୍ଭ କରାଯାଇଛି। ସେହି ଅନୁସାରେ ପ୍ରତିଟି ସରକାରୀ ଅଫିସରେ ର୍ୟାମ୍ପ ରହିବ । ଯେମିତି କୌଣସି ହୁଇଲ୍‌ଚେୟାର ଗଡ଼ିବାରେ କିଛି ଅସୁବିଧା ହେବନି। ବସଷ୍ଟାଣ୍ଡ, ରେଳଷ୍ଟେଶନ, ବ୍ୟାଙ୍କ, ପୋଷ୍ଟ ଅଫିସ ଭଳି ଯାବତୀୟ ସର୍ବସାଧାରଣ କାର୍ଯ୍ୟାଳୟ ବ୍ୟାରିୟର ଫ୍ରି ହେବ। ଯେମିତି ଭିନ୍ନକ୍ଷମମାନେ କାର୍ଯ୍ୟାଳୟ ପରିସରରେ ଯା'ଆସ, ଚାଲବୁଲ କରିବାରେ କିଛି ସମସ୍ୟା ରହିବନି। ସରକାରୀ ଅଫିସ୍, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ରହିବ ଭିନ୍ନକ୍ଷମଙ୍କ ବ୍ୟବହାର ଉପଯୋଗୀ ସ୍ୱତନ୍ତ୍ର ପରିସ୍ରାଗାର, ଶୌଚାଳୟ। ବଡ଼ ଟ୍ରାଫିକ୍ ଜଙ୍କସନଗୁଡ଼ିକରେ ଦୃଷ୍ଟିହୀନଙ୍କ ପାଇଁ ଶୁଣାଯିବା ଭଳି ସିଗ୍‌ନାଲ ମଧ୍ୟ ବ୍ୟବହୃତ ହେବ। ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ ଏସବୁ ବ୍ୟବସ୍ଥା କରାଯିବ। ସରକାରୀ ନିୟମ ଅନ୍ତତଃ ଏୟା କହୁଛି। ବାସ୍ତବତା କିନ୍ତୁ ସାଂଘାତିକ। ସଚିବାଳୟ ଓ ହାତଗଣତି ଆଉ କେତୋଟି ବଡ଼ ସରକାରୀ ଅଫିସ୍‌କୁ ଛାଡ଼ିଦେଲେ ବାକି କେଉଁଠି ର୍ୟାମ୍ପ ନାହିଁ କି' କେଉଁ ଗୋଟିଏ କ୍ୟାରିୟର୍ ଫ୍ରି କ୍ୟାମ୍ପସ୍ ନାହିଁ। ସ୍ୱତନ୍ତ୍ର ଟଏଲେଟ୍ ଓ ଶ୍ରାବ୍ୟ-ଟ୍ରାଫିକ୍-ସିଗନାଲ ତ ଅନେକ ଦୂରର କଥା । ସରକାରୀ କଳ ନାନା ପ୍ରତିଶ୍ରୁତି ଅଜାଡୁଛି। କାର୍ଯ୍ୟକାରିତା ବେଳକୁ କିନ୍ତୁ ସରକାର ପଛଘୁଞ୍ଚା ଦେଉଛନ୍ତି। ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ଓ ଆଇନସମ୍ମତ ସୁବିଧା ସୁଯୋଗ ଯୋଗାଇବାରେ ଅକ୍ଷମ ସାବ୍ୟସ୍ତ ହେଉଛନ୍ତି।

ଭିନ୍ନକ୍ଷମଙ୍କୁ ମିଳୁଥିବା ଭତ୍ତା ଆଜିଯାଏ ତିନିଅଙ୍କରୁ ଚାରି ଅଙ୍କକୁ ଛୁଇଁପାରୁନି। ଅନ୍ୟ ଅନେକ ରାଜ୍ୟ ଭିନ୍ନକ୍ଷମଙ୍କୁ ଅଧିକ ଭତ୍ତା ଓ ସୁବିଧା ଦେଲେଣି। ଓଡ଼ିଶା ସରକାରଙ୍କର ସେ ଦିଗକୁ ନିଘା ନାହିଁ। ଏହାଛଡ଼ା ସ୍ୱତନ୍ତ୍ର ଉପକରଣ, ଗାଡ଼ି, ଆତ୍ମନିଯୁକ୍ତି, ଋଣ, ଥଇଥାନ, ବୃତ୍ତିଗତ ତାଲିମ୍ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଭଳି ସୁବିଧାମାନ ଅନେକ ସମୟରେ କାଗଜପତ୍ରରେ ସୀମିତ ହୋଇ ରହିଯାଉଛି। ପ୍ରକୃତ ହିତାଧିକାରୀଙ୍କ ପାଖେ ପହଞ୍ଚୁନି। ମନେହେଉଛି, ରାଜ୍ୟର ପ୍ରାୟ ସାଢ଼େ ଦଶ ଲକ୍ଷ ଭିନ୍ନକ୍ଷମଙ୍କ କଥା ସଂପୂର୍ଣ୍ଣ ପାସୋରି ପକାଇଛନ୍ତି ସରକାର। ରାଜ୍ୟ ଭିନ୍ନକ୍ଷମ କମିଶନ୍ ଗଢ଼ାଯାଇଛି ସତ, ହେଲେ ସେଇଟି ପୂର୍ଣ୍ଣାଙ୍ଗ ଭାବେ କାମ କରୁନାହିଁ। କମିଶନ୍‌ଙ୍କ ଆଦେଶକୁ ସରକାର ଠିକ୍‌ରେ କାର୍ଯ୍ୟକାରୀ କରୁ ନ ଥିବା, କେତେକ ବିଭାଗ ଅସମ୍ମାନ କରି ଅଳିଆଗଦାରେ ଫିଙ୍ଗି ଦେଉଥିବା ମଧ୍ୟ ଅଭିଯୋଗ ଉଠୁଛି। ଭିନ୍ନକ୍ଷମମାନଙ୍କୁ ବିଶେଷ ଧରଣର ବୈଷୟିକ ପ୍ରଶିକ୍ଷଣ ଦେବା ପାଇଁ ସ୍ୱତନ୍ତ୍ର ଆଇଟିଆଇ ପ୍ରତିଷ୍ଠା କରାଯିବା କଥା କିଛିବର୍ଷ ତଳେ ଘୋଷଣା କରାଯାଇଥିଲା। ଏଯାଏ ତାହା ଘୋଷଣାରେ ସୀମିତ ହୋଇ ରହିଛି। କିଛି ଦିନ ତଳେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ହୋଟେଲ୍‌ଗୁଡ଼ିକରେ ର୍ୟାମ୍ପ ଲଗାଯିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବ ସେମିତି ପଡ଼ିରହିଛି। ଭିନ୍ନକ୍ଷମଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମର ନକ୍ସା ଓ ନୀତି ନିର୍ଦ୍ଧାରଣ ନିମନ୍ତେ ଟାସ୍କଫୋର୍ସ ଗଠନ କରାଯିବାର ଯୋଜନା କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ଅନେକ ସମୟରେ ବସ୍‌ରେ ନିୟମାନୁଯାୟୀ ରିହାତି ଓ ସୁବିଧା ମିଳୁନାହିଁ। ସରକାର ରିହାତି ନିୟମ କରିଦେଇ ଚୁପ୍ ବସିଯାଇଛନ୍ତି। ତଦାରଖ ବି କରୁନାହାନ୍ତି। ୬୦ ପ୍ରତିଶତ ମାତ୍ରା ବିଶିଷ୍ଟ ଭିନ୍ନକ୍ଷମମାନଙ୍କୁ ଟଙ୍କିକିଆ ବିପିଏଲ୍ ଚାଉଳ ଯୋଗାଯିବାର ଯୋଜନାକୁ ମଧ୍ୟ ଏଯାଏ କାର୍ଯ୍ୟକାରୀ କରାଯାଇପାରି ନାହିଁ। ୭୫ପ୍ରତିଶତ ଭିନ୍ନକ୍ଷମତା ଥିଲେ ହିଁ ଚାଉଳ ସୁବିଧା ପ୍ରମାଣପତ୍ରଟିଏ କେମିତି ସହଜରେ ସୁବିଧାରେ ହାତପାହାନ୍ତାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ମିଳିପାରିବ, ସେ ବ୍ୟବସ୍ଥା ଆଜିଯାଏ ହୋଇପାରି ନାହିଁ। ଭିନ୍ନକ୍ଷମ କୁହାଯାଉଥିବା ଏହି ଦିବ୍ୟାଙ୍ଗମାନେ ଆଦୌ ଅକ୍ଷମ ନୁହନ୍ତି ବା ପରିବାର ସମାଜ ପ୍ରତି ବୋଝ ବି ନୁହନ୍ତି। ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା ସମସ୍ତ ଅକ୍ଷମତାକୁ ଦୂରେଇ ଦେଉଛି। ଏମାନଙ୍କୁ ସ୍ନେହ ଶ୍ରଦ୍ଧାରୁ ଯେପରି ବଞ୍ଚିତ ନ କରିବା, ଏ କାମ କେବଳ ସରକାର ବା ଏନ୍‌ଜିଓମାନଙ୍କର ନୁହେଁ ଏହା ଆମ ସମସ୍ତଙ୍କର।

ଆଉ ଏକ ଗୁରୁତର ଅଭିଯୋଗ ହେଉଛି ଯେ, ଅନେକ ବିଭାଗ ନିଜେ ନିଯୁକ୍ତି ପ୍ରକ୍ରିୟା ସମାପନ କରିବାକୁ ଚାହୁଁଛନ୍ତି। ତାହା ପୁଣି ଦିବ୍ୟାଙ୍ଗମାନଙ୍କ ପାଇଁ ସଂରକ୍ଷଣ ନିୟମକୁ ବାଦ ଦେବା ସର୍ତ୍ତରେ। ଏସ୍‌ଏସ୍‌ଇପିଡି ବିଭାଗ ଅନୁମତି ଦେଉଥିବାରୁ ସମ୍ପୃକ୍ତ ବିଭାଗ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଆଉ ସଂରକ୍ଷଣ ନ ଦେଇ ସାଧାରଣ ଲୋକଙ୍କୁ ନିଯୁକ୍ତି ଦେଉଥିବା ଅଭିଯୋଗ ହେଉଛି। ଏ ନେଇ ରାଜ୍ୟ ଦୃଷ୍ଟିବାଧିତ ମହାସଂଘ ତରଫରୁ ଅଭିଯୋଗ ହେଉଛି ଯେ ନିୟମ ଅନୁସାରେ ଯେତେ ସଂରକ୍ଷଣ ଦିଆଯାଇଛି ସେହି ଅନୁସାରେ ନିଯୁକ୍ତି ମିଳୁନାହିଁ। ପୂର୍ବାପେକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି, ତଥାପି ସିଂହଭାଗ ଦିବ୍ୟାଙ୍ଗ ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି। ଢିଲା ଆଇନ ବ୍ୟବସ୍ଥାର ଫାଇଦା ଉଠାଇ ଅନେକ ଅଯୋଗ୍ୟ ପ୍ରାର୍ଥୀ ଜାଲ୍ ଭିନ୍ନକ୍ଷମ ପ୍ରମାଣ ପତ୍ର ଜରିଆରେ ଚାକିରି ପାଇ ଯାଉଛନ୍ତି। ତେଣୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ। ଅପରପକ୍ଷେ ଏସଏସ୍‌ଇପିଡି ବିଭାଗ ଦିବ୍ୟାଙ୍ଗମାନଙ୍କ ବର୍ଗ ଅନୁସାରେ ପଦବୀ ଚିହ୍ନଟ କରିବା ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିବା ଜଣାପଡ଼ିଛି। ଧାର୍ଯ୍ୟ ସଂରକ୍ଷଣ ସୀମାରେ ନିଯୁକ୍ତି ପ୍ରଦାନ ଉପରେ ବିଭାଗ ଦୃଷ୍ଟି ଦେଉଛି। ତେବେ କିଛି ବିଭାଗ ନିର୍ଦ୍ଦିଷ୍ଟ ପଦବୀରେ ଦିବ୍ୟାଙ୍ଗମାନେ କାମ କରିବା ସମ୍ଭବ ନୁହେଁ ବୋଲି ଦର୍ଶାଇ ସଂରକ୍ଷଣ ନିୟମକୁ ବାଦ ଦେବା ପାଇଁ ଅନୁମତି ଲୋଡୁଛନ୍ତି। ସବୁ ଦିଗରୁ ବିଚାର ପରେ ଅନୁମତି ଦିଆଯାଉଛି ବୋଲି ଏସଏସ୍‌ଇପିଡି ପ୍ରତିଉତ୍ତର ଦେଇଛନ୍ତି। ତେବେ ସମାଜରେ ଏହି ଦିବ୍ୟାଙ୍ଗମାନଙ୍କ ପାଇଁ ଆମ ସମସ୍ତଙ୍କର ପ୍ରୋତ୍ସାହନ ଓ ସହଯୋଗିତା ରହିଛି।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନି', କାଠଗୋଲା ରୋଡ, ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦

# ସାମଗ୍ରିକ ବନାମ ସାମୟିକ



ଡ. ମୌସୁମୀ ପରିଡ଼ା

ମଣିଷର ସାମଗ୍ରିକ କୃତି, ପ୍ରତିଭା, ସମାଜସେବା ପାଇଁ ତାକୁ ସମ୍ମାନିତ କିମ୍ବା ପୁରସ୍କୃତ କରିବା ଦ୍ୱାରା ଉତ୍ସାହ ବୃଦ୍ଧି ହେବା ସହିତ ଅନ୍ୟମାନେ ପ୍ରଭାବିତ ହୁଅନ୍ତି। ପ୍ରତିଭା ପୂଜା ସହିତ ସଚେତନତା ସୃଷ୍ଟି କରିବା ଅନୁଷ୍ଠାନଗୁଡ଼ିକର ପରୋକ୍ଷ ଲକ୍ଷ୍ୟ। ଏସବୁ ଭିତରେ କେତେ ସଙ୍କୋଚତା ନିହିତ, ଚୟନ କମିଟିର ଆଭିମୁଖ୍ୟ ଓ ପୁରସ୍କୃତ ବ୍ୟକ୍ତି କେତେ ପ୍ରତିଭାବାନ୍ ସେସବୁ ଆଜିଯାଏଁ ବିବାଦ ଭିତରେ ରହିଆସିଛି। ଅବଶ୍ୟ ଏହା ସେପରି ଆଲୋଚନା ସମ୍ପର୍କରେ ନୁହେଁ। ଯେକୌଣସି ପ୍ରତିଭାକୁ ସ୍ୱୀକୃତି ମିଳିଲାବେଳେ କିଛି ପ୍ରତିଭାଙ୍କୁ ଯେ ଉପେକ୍ଷିତ କରାଯାଏ, ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏସବୁ ଚୟନ କମିଟି ଉପରେ ନିର୍ଭର କରେ, ସେ ସରକାରୀ ହେଉ ବା ବେସରକାରୀ ଅନୁଷ୍ଠାନ। ନିକଟରେ ପଦ୍ମ ପୁରସ୍କାର ଲାଭ କରିଥିବା କିଛି ପ୍ରତିଭାଙ୍କୁ ଦୃଷ୍ଟାନ୍ତ ଭାବରେ ନିଆଯାଇପାରେ। କହିବା ଅନାବଶ୍ୟକ, ପଦ୍ମ ପୁରସ୍କାର ଦେଶର ଏକ ମର୍ଯ୍ୟାଦାଜନକ ପୁରସ୍କାର। ଦେଶର ବୃହତ୍ତମ ବେସାମରିକ ସମ୍ମାନ ମଧ୍ୟରୁ ଅନ୍ୟତମ। ତେଣୁ ଏହା ସର୍ବଜନସମ୍ମତ ହେବା ଆବଶ୍ୟକ।

ପ୍ରକାଶଯୋଗ୍ୟ, ୧୯୫୪ରେ ଭାରତ ସରକାର ଦୁଇଟି ବେସାମରିକ ପୁରସ୍କାର ସଂସ୍ଥାପିତ କରିଥିଲେ। ପ୍ରଥମଟି ଭାରତ ରତ୍ନ ଓ ଦ୍ୱିତୀୟଟି ପଦ୍ମ ବିଭୂଷଣ। ଭାରତ ରତ୍ନ ଦେଶର ସର୍ବବୃହତ୍ ବେସାମରିକ ପୁରସ୍କାର। ପରେ ପଦ୍ମ ବିଭୂଷଣ ପୁରସ୍କାରକୁ ତିନି ଭାଗରେ ବର୍ଗୀକରଣ କରାଗଲା। ଯଥା ପ୍ରଥମ ବର୍ଗ, ଦ୍ୱିତୀୟ ବର୍ଗ ଓ ତୃତୀୟ ବର୍ଗ। ୮ ଜାନୁୟାରୀ, ୧୯୫୫ରେ ଏହି ପ୍ରଥମ ବର୍ଗ, ଦ୍ୱିତୀୟ ବର୍ଗ ଓ ତୃତୀୟ ବର୍ଗ ଯଥାକ୍ରମେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ନାମରେ ରୂପାନ୍ତର ହେଲା। ଦେଶର ବିଭିନ୍ନ କ୍ଷେତ୍ରରୁ ଭିନ୍ନଭିନ୍ନ ବିଭାଗରେ ସର୍ବୋତ୍ତମ ବ୍ୟକ୍ତିଙ୍କୁ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ କରିବାର ଯୋଜନା ନିଶ୍ଚିତ ଭାବେ ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ। ଏହି ସମ୍ମାନଜନକ ପୁରସ୍କାରର ନାମ ତାଲିକା ଆଜିକାଲି ଖୁବ୍ ଚର୍ଚ୍ଚାରେ। ପୁରସ୍କୃତ ହେଉଥିବା ବ୍ୟକ୍ତିବିଶେଷ ବା ସେମାନଙ୍କ ମନ୍ତବ୍ୟ ଏଥର ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହେଉଛି। ଚୟନ କମିଟିକୁ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠିଛି। ଭବିଷ୍ୟତରେ ଚୟନକ୍ରିୟାକୁ ନେଇ ଏଭଳି ବାଦବିବାଦ ସୃଷ୍ଟି ହେଲେ ପୁରସ୍କାରର ମର୍ଯ୍ୟାଦା କ୍ଷତିଗ୍ରସ୍ତ ହୋଇପାରେ।

ତେବେ ଏହି ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜନସାଧାରଣଙ୍କ ନିକଟରେ ନାହିଁ। କିଏ କେଉଁଥିପାଇଁ ପୁରସ୍କୃତ ହେଲେ ଓ ହେବା ଉଚିତ କି ନାହିଁ, ସେ କଥା ସାଧାରଣ ଲୋକଟେ ବୁଝିପାରୁନାହିଁ। କିନ୍ତୁ ସେମାନଙ୍କ ହାତରେ ପୁରସ୍କାର ପାଇଁ ମନୋନୟନର ପ୍ରଥମ ସୋପାନଟି ସମର୍ପି ଦିଆଯାଇଛି! ଜନସାଧାରଣ ନିଜ ଅଞ୍ଚଳର ଖବର ହିସାବରେ ହତ୍ୟା, ଧର୍ଷଣ, ଚୋରି, ଲୁଣ୍ଠନକୁ ଗୁରୁତ୍ୱ ଦେଉଥିବାବେଳେ ଜନହିତକର କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ କିମ୍ବା ପ୍ରତିଭାବାନ୍‌ଙ୍କ ହିସାବ ଯେ ରଖୁଛନ୍ତି ତାହା ଏକ ପ୍ରଶ୍ନ। ଆଜିକାଲି ଜଣେ ପୁରସ୍କୃତ ହେବା ପରେ ହିଁ ତାକୁ ସେ ଅଞ୍ଚଳ, ପଡ଼ୋଶୀ ଗାଁ, ସହର ବା ରାଜ୍ୟର ଲୋକେ ଚିହ୍ନୁଛନ୍ତି! ସୋସିଆଲ୍ ମିଡିଆରେ ତାଙ୍କ ମତ ନେବାକୁ ଓ ଶୁଣିବାକୁ ଭିଡ଼ କାହିଁରେ କ'ଣ! କିନ୍ତୁ ପୁରସ୍କୃତ ହେବା ପୂର୍ବରୁ ସେ ଗାଁ କନିଆ ସିଂଘାଣିନାକୀ! ପଡ଼ୋଶୀ ଘରର ଲୋକେ ବି ଆଡ଼ଆଖିରେ ଦେଖୁନଥିବେ।

କହିବାର ଅର୍ଥ ପୁରସ୍କାର ପାଇଲା ପରେ ହିଁ ପ୍ରତିଭାକୁ ଚିହ୍ନାଯାଏ। ଏ ଆମ ରୁଗ୍‌ଣ ମାନସିକତାର ପରିଚାୟକ ନା ଅଜ୍ଞତାର, ତାହା ବିଚାର୍ଯ୍ୟ। ନିଜ ଦେଶର କୌଣସି ପୁରସ୍କାର ହେଉ ବା ରାଜ୍ୟର କିମ୍ବା ବିଦେଶର, ଆଜିକାଲି ସାଧାରଣ ଲୋକମାନଙ୍କର ଜାଣିବାର ଆଗ୍ରହ ନାହିଁ। କାରଣ ଏଥିରେ ସେମାନଙ୍କର କୌଣସି ନେଣଦେଣର ସମ୍ପର୍କ ନଥାଏ। ଖୁବ୍ କମ୍ ଲୋକ ଏଥିପ୍ରତି ଆଗ୍ରହ ରଖନ୍ତି। ଆମ ଲୋକମାନେ ଯଦି ସଚେତନ ହୁଅନ୍ତେ, ତେବେ ସମାଜର ରୂପରେଖ ଓ ଭିତ୍ତିଭୂମି ବଦଳିଯାଆନ୍ତା। ଯଦି ପଦ୍ମ ପୁରସ୍କାର ଚୟନରେ ସେମାନେ ସାମିଲ ହେଉଛନ୍ତି, ତେବେ ନିଜ ଅଞ୍ଚଳ ସହିତ ରାଜ୍ୟ ଓ ଦେଶକୁ ଚିହ୍ନିବା ଜରୁରୀ। ସୁଯୋଗ୍ୟ ବ୍ୟକ୍ତି ସେମାନଙ୍କ ପ୍ରତିଭା ଓ ପରୋକ୍ଷ ବା ପ୍ରତ୍ୟକ୍ଷ ଦେଶସେବା ମାଧ୍ୟମରେ ହିଁ ପୁରସ୍କୃତ ହୁଅନ୍ତୁ। ଏହା କୌଣସି ରାଜନୀତିକ ଭୋଟ୍ ବ୍ୟବସ୍ଥା ନୁହେଁ। ବରଂ ବ୍ୟକ୍ତିସତ୍ତାର ଉଚିତ ମୂଲ୍ୟାୟନ ହିସାବରେ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ।

ଆଗକୁ ଚୟନ ବ୍ୟବସ୍ଥା ସାମାନ୍ୟ ଭିନ୍ନ ହୋଇପାରେ। ସାମଗ୍ରିକତା ବନାମ ସାମୟିକତା ଆଧାରରେ ପ୍ରତିଭା ମନୋନୟନ ଏଥରର ବ୍ୟବସ୍ଥାରେ କିଞ୍ଚିତ୍ ଭିନ୍ନତା ଆଣିପାରେ। ଜଣେ ଜୀବନକାଳ ମଧ୍ୟରେ କରିଥିବା ସାମଗ୍ରିକ କାର୍ଯ୍ୟ ଅନ୍ୟର ସାମୟିକ କାର୍ଯ୍ୟଠାରୁ ଯେକୌଣସି ଭାବରେ ନ୍ୟୂନ ନୁହେଁ, ଏହା ହିଁ ଏଥରର ପ୍ରସଙ୍ଗ। କମ୍ କଥା ନୁହେଁ, ସ୍ୱଳ୍ପ ସମୟ ଭିତରେ ନିଜ ପାରଦର୍ଶିତା ପ୍ରମାଣିତ କରିବା ; ତାହା ବି ନିଜର ଓ ଆତ୍ମୀୟସ୍ୱଜନଙ୍କ ଜୀବନ ବିନିମୟରେ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍ ୨୦୨୧ ଜୁଲାଇ ୨୮ରେ ଡିଜିଟାଲ୍ ପ୍ରେସ୍‌କୁ ଦେଇଥିବା ବିବୃତି ଅନୁସାରେ ଜନସାଧାରଣ ହିଁ ଏଥର ପଦ୍ମ ପୁରସ୍କାର ପାଇଁ ମନୋନୀତ ପ୍ରାର୍ଥୀଙ୍କୁ ଚୟନ କରିବେ। ସେମାନଙ୍କ ଦ୍ୱାରା ଦିଆଯାଇଥିବା ନାମଗୁଡ଼ିକୁ ରାଜ୍ୟ ତରଫରୁ କେନ୍ଦ୍ରକୁ ସୁପାରିସ କରାଯିବ। ଦିଲ୍ଲୀ ସରକାରଙ୍କ ଦ୍ୱାରା ଏବର୍ଷ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ, ପଦ୍ମଶ୍ରୀ ପାଇଁ କୋଭିଡ୍-୧୯ର ଯୋଦ୍ଧା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମନୋନୀତ କରାଯିବ। ମନୋନୟନ ପ୍ରକ୍ରିୟାରେ ଜନସାଧାରଣଙ୍କ ଭୂମିକା ରହିଛି। ସେମାନଙ୍କ ସହିତ ଆଲୋଚନା କରିବା ପରେ ଚୂଡ଼ାନ୍ତ ତାଲିକା କେନ୍ଦ୍ରକୁ ପଠାଯିବ। ତାଙ୍କ ମତ ଅନୁସାରେ, "ଏଥର କୋଭିଡ୍-୧୯ ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ଭୂମିକା ବୃହତ୍। କରୋନା ରୋଗୀମାନଙ୍କ ସେବା କରି ସେମାନଙ୍କ ମଧ୍ୟରୁ ଅନେକ ବହୁମୂଲ୍ୟ ଜୀବନ ହରାଇଛନ୍ତି। ଦେଶ ପାଇଁ ଏଭଳି ସେବା ଯୋଗାଇ ଦେଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସେଥିପାଇଁ ସମ୍ମାନିତ କରାଯିବା ଉଚିତ୍।" ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ଭାବୋଦ୍ଦୀପକ ଓ ଏଭଳି ବ୍ୟବସ୍ଥା ଆଗାମୀ ଦିନ ପାଇଁ ନବଚେତନା ଓ ଜାଗରଣ ସୃଷ୍ଟି କରିବ। ପ୍ରଥମ ବର୍ଗରେ ଜଣେ ନିଜ ଜୀବଦ୍ଦଶାରେ ସମାଜ ପାଇଁ କରିଥିବା ସତ୍‌କାର୍ଯ୍ୟ, ସେବା ବା ତା'ର ପ୍ରତିଭା, ଦ୍ୱିତୀୟ ବର୍ଗରେ ଅନ୍ୟ ଜଣେ ଅଳ୍ପ ସମୟ ଭିତରେ ତ୍ୟାଗ, ମହନୀୟତା ପ୍ରତିପାଦିତ କରି, ପାରଦର୍ଶିତା ଦେଖାଇ ନିଜ ଜୀବନକୁ ବାଜି ଲଗାଇ ଯୋଗାଇଥିବା ଜନସେବା, ମୃତ୍ୟୁର ତାଣ୍ଡବକୁ ଭୟ ନ କରି ନିଆଁକୁ ଡେଇଁ ପଡ଼ିଥିବା କରୋନା-ଯୋଦ୍ଧା, ଏ ଦୁଇ ବର୍ଗ ଭିତରେ ତୁଳନାତ୍ମକ ଓ ନିରପେକ୍ଷ ବିଚାର କଲେ ଦ୍ୱିତୀୟ ବର୍ଗଟିର ସେବାକୁ କୌଣସି ମାପଦଣ୍ଡ ମାପିନପାରେ। ପାଖାପାଖି ଦୁଇ ବର୍ଷ ଭିତରେ ସେମାନେ ଯୋଗାଇ ଦେଇଥିବା ସେବା ଅନ୍ୟ କୌଣସି କାର୍ଯ୍ୟ ସହିତ ସମକକ୍ଷ ନୁହେଁ।

ଟିକାକରଣରେ ସ୍ୱାସ୍ଥ୍ୟକର୍ମୀମାନଙ୍କର ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ। ସୈନିକମାନେ ନିଜ ଜୀବନକୁ ବାଜି ଲଗାଇ ଦେଶ ପାଇଁ ଯୁଦ୍ଧ କରି ଶହୀଦ ହୁଅନ୍ତି। କରୋନା ରୋଗ, ରୋଗୀ ଓ ସମଗ୍ର ପୃଥିବୀର ଗୋଟେ ଅଭାବିତ ଯୁଦ୍ଧ ବିପକ୍ଷରେ ଯେଉଁମାନେ ରାତିଦିନ ଧରି ଲଢୁଥିଲେ, ଅନେକ ଶହୀଦ ମଧ୍ୟ ହୋଇଥିଲେ, ଅନେକଙ୍କ ପରିବାର କରୋନାରେ ମୂଳପୋଛ ହୋଇଗଲା, ସେ ଅଭାବକୁ କୌଣସି କ୍ଷତିପୂରଣ ଭରଣା କରିପାରିବ ନାହିଁ। ଏସବୁ ଅସହାୟତା ଜନସାଧାରଣ ହୃଦୟଙ୍ଗମ କରିଥିବେ କି ନା ଜଣାନାହିଁ। କିନ୍ତୁ ସେମାନଙ୍କ ପରିବାର ଓ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଯେ ହୃଦୟଙ୍ଗମ କରିଛନ୍ତି, ଏହା ଆଶ୍ୱାସନାର ବିଷୟ।

କରୋନା ସମୟରେ ସେମାନଙ୍କ ବଳିଦାନ ଅଯଥା ଯାଇନାହିଁ। ଅଳ୍ପ ସମୟ ଭିତରେ କରୋନାକୁ ଆୟତ୍ତ କରିବାରେ ସେମାନଙ୍କ ଭୂମିକା ପ୍ରଶଂସନୀୟ। ସମାଜ ପାଇଁ ଯେଉଁ ବଳିଦାନ ଦେଇଗଲେ ସେ ଅପୂରଣୀୟ କ୍ଷତିର ଆକଳନ ଅସମ୍ଭବ। ପଦ୍ମ ପୁରସ୍କାର ମାଧ୍ୟମରେ ଏମାନଙ୍କ ନିଷ୍ଠା ଓ ସେବାକୁ ସମ୍ମାନିତ କରିଯିବା ବେଶ୍ ପ୍ରଶଂସନୀୟ। ସଂକ୍ଷିପ୍ତ ସମୟ ମଧ୍ୟରେ ସେମାନେ ନିଜ ତ୍ୟାଗ, ନିଷ୍ଠା ଓ ସେବା ଦ୍ୱାରା ମହାମାରୀ ସହିତ ଲଢ଼ିଛନ୍ତି, ଏବେ ମଧ୍ୟ ଲଢୁଛନ୍ତି। ସେଥିପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇବାରେ କାର୍ପଣ୍ୟ କରିବା ଅମାନବୀୟ ହେବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଅନେକେ କହନ୍ତି, ଚାଷ କାର୍ଯ୍ୟ ତୁଲାଇବାର କ୍ଷମତା ନ ଥିବାରୁ ମହିଳାମାନେ ଏ କ୍ଷେତ୍ରରେ ସଫଳ ହୋଇପାରନ୍ତି ନାହିଁ। କିନ୍ତୁ ଏଭଳି କହୁଥିବା ଲୋକଙ୍କ ଆକଳନକୁ ଭୁଲ ପ୍ରମାଣିତ କରିଛନ୍ତି ନାସିକର ସାହସୀ ମହିଳା କୃଷକ ସଙ୍ଗୀତା ପିଙ୍ଗଲେ। ତାଙ୍କ ସଂଘର୍ଷର କାହାଣୀ ଖୁବ୍ ପ୍ରେରଣାଦାୟକ। ୨୦୦୪ରେ ତାଙ୍କ ସନ୍ତାନ ଓ ୨୦୦୭ରେ ସ୍ୱାମୀଙ୍କୁ ହରାଇବା ପରେ ସେ ଭାଙ୍ଗି ପଡ଼ି ନ ଥିଲେ । ୧୦ ବର୍ଷ ପରେ ପରିବାରରୁ ଅଲଗା ହେବା ପରେ ଶାଶୁ ଓ ଶ୍ୱଶୁରଙ୍କ ଦାୟିତ୍ୱ ତାଙ୍କ ଉପରେ ପଡ଼ିବାରୁ ୨୦୧୭ରେ ୧୫ ଏକର ଜମିରେ ଅଙ୍ଗୁର ଚାଷ ଆରମ୍ଭ କରିଥିଲେ। ଏବେ ସେ ଚାଷରୁ ବର୍ଷକୁ ୮୦୦ରୁ ୧୦୦୦ ଟନ୍ ଅଙ୍ଗୁର ଉତ୍ପାଦନ କରୁଛନ୍ତି ଓ ସେଥିରୁ ପାଉଛନ୍ତି ୨୦ରୁ ୩୦ ଲକ୍ଷ ଟଙ୍କା। ସେ ଚାଷରେ ନିଜସ୍ୱ ଦକ୍ଷତା ପ୍ରତିପାଦନ କରିଛନ୍ତି। ଟ୍ରାକ୍ଟର ଚଳାଉଛନ୍ତି ଓ ଅଙ୍ଗୁର ମାର୍କେଟ ନିଜେ ସମ୍ଭାଳୁଛନ୍ତି। କୃଷି ଯନ୍ତ୍ରପାତି ମରାମତି କରୁଛନ୍ତି। ବହୁ ସମୟରେ ଅଙ୍ଗୁର ଚାଷରେ କ୍ଷତି ହୁଏ ଓ ତାହାକୁ ଭରଣା କରିବାକୁ ସେ ଟମାଟୋ ଚାଷ ମଧ୍ୟ କରୁଛନ୍ତି। ସେ ଦୃଢ଼ ସଂକଳ୍ପ ଓ କଠୋର ପରିଶ୍ରମର ଫଳ ପାଇଛନ୍ତି ଓ ଚାଷରେ ଆହୁରି ଆଗକୁ ଯାଇପାରିବେ ବୋଲି କହନ୍ତି ସଙ୍ଗୀତା।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୯୬

- ମ୍ୟାନ୍‌ମାରରେ ସାମରିକ ସରକାର ଦେଶର ଗଣତନ୍ତ୍ରବାଦୀ ନେତ୍ରୀ ତଥା ନୋବେଲ ବିଜୟିନୀ ଅଙ୍ଗସାନ ସୁ୍ୟ କି'ଙ୍କୁ ଗୃହବନ୍ଦୀ କରିଛନ୍ତି।
- ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟରେ ଦେଶର ଶିଶୁ ଶ୍ରମିକ ପ୍ରଥାକୁ ନିଷିଦ୍ଧ କରିଛନ୍ତି।
- ବିହାରର ଫତୁଆ ଥାନା ଅନ୍ତର୍ଗତ ଶାହାଜାହାନ ପୁରଠାରେ ଏକ ପଥର ବୋଝେଇ ଟ୍ରକ୍ ଓଲଟି ପଡ଼ିବା ଫଳରେ ୮୨ ଜଣ ତୀର୍ଥଯାତ୍ରୀ ମୃତ।
- କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ବାଙ୍ଗରପ୍ପା ପୁନର୍ବାର କଂଗ୍ରେସରେ ଯୋଗ ଦେଇଛନ୍ତି।

## ଚିରନ୍ତନୀ

ଆଷାଢ଼ ସନ୍ଧ୍ୟା ପଥେ ଉଦାସ ପ୍ରାଣ ମମ
ତୁମରି ଆଶେ ବଞ୍ଚେ ହେ ମୋର ପ୍ରିୟତମ!
ପଉଷ ଶୀତ ନିଶି
ତୁମରି ଅଙ୍ଗେ ମିଶି
ଉଦାସ ପ୍ରାଣ ମମ
ହେ ମୋର ପ୍ରିୟତମ।
-(ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନ କ'ଣ କେବଳ ସହରରେ

ମହାଶୟ,

ପତ୍ରପ୍ରେରକ ଉଭୟ ଭୁବନେଶ୍ୱର ମହାନଗର ନିଗମ ଓ ଗ୍ରାମରେ ରହେ। ଦେଖେ ସହରରେ କରୋନା କଟକଣାରେ ନାଗରିକମାନେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ଓ ବାଇକ ଚଲାଇବା ବେଳେ ହେଲ୍‌ମେଟ ପିନ୍ଧିଥାନ୍ତି। ଭୋଜିଭାତ ସମ୍ମିଳନୀ ଉପରେ କଟକଣା ମାନନ୍ତି, ମାତ୍ର ଗାଁରେ ଅନେକେ ମାସ୍କ ପିନ୍ଧନ୍ତି ନାହିଁ। ବାଇକ୍ ଚଲାଇବା ବେଳେ ହେଲ୍‌ମେଟ ମଧ୍ୟ ପିନ୍ଧନ୍ତି ନାହିଁ, ସହସ୍ରାଧିକ ବ୍ୟକ୍ତି ଭୋଜିରେ ଖାଆନ୍ତି। ଛୋଟପିଲା ଅଣପଞ୍ଜୀକୃତ ବାଇକ ଚଲାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେନ୍‌ସେକ୍ସ ତଳ ମୁହାଁ

କୋଭିଡର ନୂତନ ଭାରିଆଣ୍ଟର ଭୟ ସାଙ୍ଗକୁ କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତି ନିବେଶକଙ୍କ ଉପରେ ପ୍ରଭାବ ପକାଉଛି। ଫଳରେ ୩ ଦିନ ଭଲ କାରବାର ଦେଇଥିବା ବଜାର ଶୁକ୍ରବାର ସେଭଳି କିଛି ବ୍ୟବସାୟ ଦେଖିବାକୁ ମିଳନାହିଁ। ଡିସେମ୍ବର ୧୦ରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳି ନ ଥିଲା। ଫଳରେ ବମ୍ବେ ଷ୍ଟକ୍ ବଜାର (ବିଏସ୍‌ଇ)ର ସୂଚକାଙ୍କ ସେନ୍‌ସେକ୍ସ ୨୦ ପଏଣ୍ଟ ହ୍ରାସ ଘଟି ୫୮ ହଜାର ଉପରେ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ସୂଚକାଙ୍କ ନିଫ୍ଟିରେ ମଧ୍ୟ ୬ ପଏଣ୍ଟ କମି ୧୭ ହଜାର ୫୦୦ ପଏଣ୍ଟରେ ପହଞ୍ଚିଛି।

### ସଂକ୍ଷେପରେ

## ସାମ୍‌ସଙ୍ଗର ନୂଆ ଗ୍ୟାଲାକ୍ସି ଏ୦୩ କୋର୍

**ଭୁବନେଶ୍ୱର,୧୦।୧୨:** ଭାରତର ସର୍ବାଧିକ ବିଶ୍ୱସନୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ନିକଟରେ ଏହାର ନୂଆ ଗ୍ୟାଲାକ୍ସି ଏ୦୩ କୋର୍ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ସାମ୍‌ସଙ୍ଗର ଗ୍ୟାଲାକ୍ସି ଏ ପୋର୍ଟଫୋଲିଓରେ ସାମିଲ ହୋଇଥିବା ଏହି ନୂତନ ଗ୍ୟାଲାକ୍ସି ଏ୦୩ କୋର୍ ସ୍ମାର୍ଟଫୋନ୍‌ରେ ଆକର୍ଷଣୀୟ ୬.୫ ଇଞ୍ଚ ଇନ୍‌ଫିନିଟି-ଭି ଡିସ୍‌ପ୍ଲେ, ଶକ୍ତିଶାଳୀ ଅକ୍ଟାକୋର୍ ପ୍ରୋସେସର ଓ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ରହିଛି। ଗ୍ୟାଲାକ୍ସି ଏ୦୩ କୋର୍ ବିଶାଳ ୬.୫ ଇଞ୍ଚ ଇନ୍‌ଫିନିଟି-ଭି ଡିସ୍‌ପ୍ଲେ ସହିତ ଆସୁଛି ଯାହା କଣ୍ଟେଣ୍ଟ୍ ବିଞ୍ଜ୍ କରିବାକୁ ପସନ୍ଦ କରୁଥିବା ଜେନ୍ ଜେଡ୍ ଓ ଯୁବ ମିଲେନିଆଲଙ୍କ ପାଇଁ ନିମଜ୍ଜିତ ଦୃଶ୍ୟତା ଅନୁଭୂତି ପ୍ରଦାନ କରୁଛି। ଏଚ୍‌ଡି+ ରିଜୋଲ୍ୟୁଶନ ଓ ୨୦:୯ ଆସ୍‌ପେକ୍ଟ ରେସିଓ ସହିତ ଗ୍ୟାଲାକ୍ସି ଏ୦୩ କୋର୍ ବ୍ରାଉଜିଂ କରିବା କିମ୍ବା କଣ୍ଟେଣ୍ଟ ଦେଖିବା ସମୟରେ ଜୀବନ୍ତ ସ୍ୱଚ୍ଛତା ପ୍ରଦାନ କରୁଛି। ଏଥିରେ ୨ଜିବି+୩୨ଜିବି ଭାରିଆଣ୍ଟ ପାଇଁ ୭୯୯୯ ଟଙ୍କା ମୂଲ୍ୟରେ ଗ୍ୟାଲାକ୍ସି ଏ୦୩ କୋର୍ ରିଟେଲ୍ ଷ୍ଟୋର୍, ସାମ୍‌ସଙ୍ଗ ଡଟ୍ କମ୍ ଓ ଅଗ୍ରଣୀ ଅନ୍‌ଲାଇନ ପୋର୍ଟାଲରେ ଉପଲବ୍ଧ ରହିଛି।

## ଆକ୍ସିସ୍ ବ୍ୟାଙ୍କର ଯୁବ ପ୍ରତିଭା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୦।୧୨:** ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୭ରୁ ୧୪ ବର୍ଷ ବୟସର ପିଲାମାନଙ୍କ ଲାଗି ସର୍ବଭାରତୀୟ ଚିତ୍ରାଙ୍କନ ଓ ରଚନା ଲିଖନ ପ୍ରତିଯୋଗିତା 'ସ୍ପ୍ଲାସ୍ ୨୦୨୧'ର ଘୋଷଣା କରାଯାଇଛି। ପିଲାମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବାହାରକୁ ଆଣିବା ଲାଗି ଏହି ପ୍ରତିଯୋଗିତାକୁ ଭର୍ଚୁଆଲ ଜରିଆରେ ଆୟୋଜନ କରାଯିବ। ଏଥିରେ ପିଲାମାନେ ସହଜରେ ଭାଗ ନେଇପାରିବେ। ପ୍ରତିଯୋଗୀମାନେ ଚଳିତ ବର୍ଷ ଡିସେମ୍ବର ୬ପରଠାରୁ ବ୍ୟାଙ୍କର ୱେବ୍‌ସାଇଟ ଜରିଆରେ ନିଜର ଆବେଦନ ଦାଖଲ କରିବା ସହ ପଞ୍ଜୀକରଣ ମଧ୍ୟ କରିପାରିବେ।

# ନଭେମ୍ବରରେ କମିଲା ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୧୦।୧୨



ସାରା ଦେଶରେ ଗତବର୍ଷ ନଭେମ୍ବର ତୁଳନାରେ ଚଳିତବର୍ଷ ଗାଡ଼ି ବିକ୍ରି ହ୍ରାସ ପାଇଛି। ବିଶେଷକରି ଯାତ୍ରୀ ପରିବହନ ଗାଡ଼ି (ପିଭି) ୧୯% ହ୍ରାସ ପାଇଥିବାବେଳେ ଦୁଇଚକିଆ ୩୪% ଏବଂ ତିନିଚକିଆ ୭% କମିଛି। ଗାଡ଼ି ନିର୍ମାଣ ପାଇଁ ଆବଶ୍ୟକ ଚିପ୍ ତଥା ସେମିକଣ୍ଡକ୍ଟର ଅଭାବ ଯୋଗୁ ଉତ୍ପାଦନ ପ୍ରଭାବିତ ହୋଇଛି। ଫଳରେ ଚାହିଦା ଥିବା ସତ୍ତ୍ୱେ ଡିଲରମାନଙ୍କୁ ଉତ୍ପାଦନ ୟୁନିଟ୍‌ରୁ ଗାଡ଼ି ଯୋଗାଇବା ସମ୍ଭବ ହୋଇପାରୁନାହିଁ ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚର୍ସ (ଏସ୍‌ଆଇଏଏମ୍)ର ଡାଇରେକ୍ଟର ଜେନେରାଲ ରାଜେଶ ମେନନ ଶୁକ୍ରବାର କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ୨୦୨୦ ନଭେମ୍ବରରେ ୨ ଲକ୍ଷ ୬୪ ହଜାର ୮୯୮ଟି ପିଭି (ପାସେଞ୍ଜର ଭେହିକଲ) ବିକ୍ରି ହୋଇଥିବାବେଳେ ଚଳିତବର୍ଷ ନଭେମ୍ବରରେ ୨ ଲକ୍ଷ ୧୫ ହଜାର ୬୨୬ ପିଭି ବିକ୍ରି ହୋଇଛି। ସମାନ ସମୟକୁ ତୁଳନା କଲେ ଦୁଇଚକିଆ ଯାନ ବିକ୍ରି ସଂଖ୍ୟା ୧୬ ଲକ୍ଷ ୩୭୯ରୁ ୧୦ ଲକ୍ଷ ୫୦ ହଜାର ୬୧୬କୁ ହ୍ରାସ ପାଇଛି, ଯାହାକି ୩ଭାଗରୁ ୧ ଭାଗ କମିଯାଇଛି। ସେହିପରି ତିନିଚକିଆ ଯାନ ବିକ୍ରି ସଂଖ୍ୟା ୨୪ ହଜାର ୭୧ରୁ ୨୨ ହଜାର ୪୭୧କୁ ଖସିଆସିଛି। ସବୁ ବର୍ଗର ଗାଡ଼ି କଥା ଦେଖିଲେ ଗତବର୍ଷ ଓ ଚଳିତବର୍ଷ ନଭେମ୍ବରରେ ବିକ୍ରି ସଂଖ୍ୟା ୧୮ ଲକ୍ଷ ୮୯ ହଜାର ୩୪୮ ୟୁନିଟ୍‌ରୁ ୧୨ ଲକ୍ଷ ୮୮ ହଜାର ୭୫୯ ୟୁନିଟ୍‌କୁ ହ୍ରାସପାଇଛି।

ସାରା ବିଶ୍ୱରେ ସେମିକଣ୍ଡକ୍ଟର ଅଭାବ ଯୋଗୁ ଅଟୋ ଇଣ୍ଡଷ୍ଟ୍ରି ଗୁରୁତର

### ସେମିକଣ୍ଡକ୍ଟର ଅଭାବ

ସମସ୍ୟା ସାମ୍ନା କରୁଛି। କୋଭିଡ୍ କାରଣରୁ ବିଗତ ଦିନରେ ହୋଇଥିବା କ୍ଷତିର ଭରଣା ପାଇଁ ଇଣ୍ଡଷ୍ଟ୍ରି ଫେଷ୍ଟିଭ୍ ସିଜନ ଉପରେ ଆଶା ରଖିଥିଲା। ହେଲେ ୨୦୨୧ ନଭେମ୍ବରରେ ପିଭି ବିକ୍ରି ସଂଖ୍ୟା ଗତ ୭ବର୍ଷ ତୁଳନାରେ କମ୍ ରହିଛି। ସେହିପରି ଦୁଇଚକିଆ ଯାନ ୧୧ବର୍ଷ ଏବଂ ତିନିଚକିଆ ଯାନ ୧୯ ବର୍ଷର ସର୍ବନିମ୍ନ ବିକ୍ରି ରେକର୍ଡ କରିଛି। ଏଭଳିସ୍ଥିତିରେ କରୋନାର ନୂଆ ରୂପ ଓମିକ୍ରନ୍ ସଂକ୍ରମଣ ବିଭିନ୍ନ ଦେଶରେ ବଢ଼ିଚାଲିଛି। ଭାରତର କେତେକ ରାଜ୍ୟରେ ମଧ୍ୟ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେଲେଣି। ଏହାକୁ ଦୃଷ୍ଟିରେ ରଖି କର୍ମଚାରୀଙ୍କ ସୁରକ୍ଷାକୁ ଇଣ୍ଡଷ୍ଟ୍ରି ସକ୍ରିୟ ଭାବେ ସୁନିଶ୍ଚିତ କରିବା ସହ ଯୋଗାଣ ଶୃଙ୍ଖଳ ଉପରେ ନଜର ରଖିଛି ବୋଲି ମେନନ କହିଛନ୍ତି।

## ଶୀତବସ୍ତ୍ରକୁ ନେଇ ଡ୍ୟୁକ୍ ଫ୍ୟାଶନ ସମ୍ଭାର

ଭୁବନେଶ୍ୱର,୧୦।୧୨


କୁନ୍ତଲ ରାଜ୍ ଜୈନ

ଚଳିତ ବର୍ଷର ଶୀତଋତୁକୁ ନଜରରେ ରଖି ପ୍ରମୁଖ ପୋଷାକ କମ୍ପାନୀ ଡ୍ୟୁକ୍ ପକ୍ଷରୁ ଶୀତବସ୍ତ୍ରକୁ ନେଇ ଫ୍ୟାଶନ ସମ୍ଭାର ଶୁଭାରମ୍ଭ କରାଇଛି। ଏହି ପରିପ୍ରେକ୍ଷୀରେ ଡ୍ୟୁକ୍ ସ୍ୱେଟର ଏବଂ ଜ୍ୟାକେଟ କଲେକ୍ସନ-୨୧ର ନୂତନ ପ୍ରଡକ୍ଟ ବଜାରକୁ ଛାଡ଼ିଛି। ଅଭିଜ୍ଞ କାରିଗରମାନେ ନୂଆ ନୂଆ ଡିଜାଇନରେ ପ୍ରସ୍ତୁତ କରିଥିବା ବିଭିନ୍ନ ପୋଷାକ ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସବୁ ବର୍ଗଙ୍କ ପସନ୍ଦକୁ ଆସିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ନୂଆ କପଡ଼ା ସହ ଡିଜାଇନିଂ ଓ ପାର୍ଟନସ ସହିତ ରଙ୍ଗର ସମ୍ମିଶ୍ରଣ କରି ଡ୍ୟୁକ୍‌ର କଲେକ୍ସନ ବଜାରରେ ଉପଲବ୍ଧ କରାଇଛି। କମ୍ପାନୀର ସମସ୍ତ ପୋଷାକ ପିନ୍ଧିବା ପାଇଁ ଆରାମଦାୟକ ଓ ଆକର୍ଷଣୀୟ ମଧ୍ୟ ରହିଛି। ଏହି ଅବସରରେ ଉଲେନ ଟପ୍ସ, ବୁମର ଜ୍ୟାକେଟ, ଲଙ୍ଗ୍ କୋଟ, ସ୍କି ଜ୍ୟାକେଟ, ୱାସଡ ଜ୍ୟାକେଟ, ମିକ୍ସ ଆଣ୍ଡ୍ ମ୍ୟାଚ୍ ଏବଂ ଷ୍ଟାଇପ, ଜାକ୍ୱାର୍ଡ, ସ୍ୱୋର୍ଟି, ଫୁଲ୍ ଜିପର, ହୁଡେଡ୍ ଭଳି ବହୁ ଡିଜାଇନ ଓ ପ୍ରଡକ୍ଟ ଆଦି କଲେକ୍ସନ ସଂଗ୍ରହକରି ବିକ୍ରୟ ପାଇଁ ତା'ର ସମସ୍ତ ଷ୍ଟୋରରେ ଉପଲବ୍ଧ ରଖିଛି। ଏହି କଲେକ୍ସନଗୁଡିକ ଉଭୟ ପୁରୁଷ ଓ ମହିଳା ଏବଂ ଛୋଟ ପିଲାଙ୍କ ପାଇଁ ମଧ୍ୟ ପ୍ରସ୍ତୁତ କରାଯାଇଛି। ଡ୍ୟୁକ୍‌ର ନୂତନ ଓ ଷ୍ଟାଇଲିଶ ପୋଷାକର ମୂଲ୍ୟ ୯୯୯ ରୁ ୪୯୯୯ ଟଙ୍କା ମଧ୍ୟରେ ରହିଥିବା ଜଣାପଡିଛି। ଏଥିସହିତ କମ୍ପାନୀ ସ୍ୱତନ୍ତ୍ର ଥର୍ମୋଜେନିକ୍ ଏବଂ ଏୟାର ପିଲୋ ବର୍ଗର ଜ୍ୟାକେଟ୍ ମଧ୍ୟ ଏହି କଲେକ୍ସନରେ ସାମିଲ କରାଇଛି। ଏ ସମ୍ପର୍କରେ କମ୍ପାନୀର ନିର୍ଦ୍ଦେଶକ କୁନ୍ତଲ ରାଜ୍ ଜୈନ କହିଛନ୍ତି, ଯୁବବର୍ଗଙ୍କଠାରୁ ଆରମ୍ଭକରି ଛୋଟ ପିଲାଙ୍କୁ ମଧ୍ୟ ଆଖି ଆଗରେ ରଖି ଏହି କଲେକ୍ସନ ଓ ଫ୍ୟାଶନ କାର୍ଯ୍ୟକ୍ରମର ଆରମ୍ଭ ହୋଇଛି। କମ୍ପାନୀ ତା'ର ଅଭିଜ୍ଞ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକର ଷ୍ଟାଇଲ ଏବଂ ଫ୍ୟାଶନପ୍ରିୟ ଗ୍ରାହକଙ୍କୁ ଡ୍ୟୁକ୍‌ର ଏହି ସମସ୍ତ କଲେକ୍ସନ ବେଶ୍ ଆକୃଷ୍ଟ କରିବ ବୋଲି କମ୍ପାନୀ ଆଶା ରଖିଛି।

## ଓଡ଼ିଶାର ବିକାଶରେ ଏମ୍‌ଏସ୍‌ଏମ୍‌ଇର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୦।୧୨



ସାରା ରାଜ୍ୟରେ ରହିଥିବା ପ୍ରାକୃତିକ ସମ୍ପଦର ଯଥାଯଥ ଉପଯୋଗ ସହ ରାଜ୍ୟକୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବିକଶିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ରାଜ୍ୟ ବିକାଶର ଏକ ବିରାଟ ପରିବର୍ତ୍ତନର ସୂତ୍ରପାତ କେବଳ ଏମ୍‌ଏସ୍‌ଏମ୍‌ଇ ଜରିଆରେ ସମ୍ଭବ ହୋଇପାରିବ ବୋଲି ଏମ୍‌ଏସ୍‌ଏମଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏମ୍‌ଆଇ)ରେ ଆୟୋଜିତ ୭ମ 'ଆନ୍ତର୍ଜାତିକ ବିଶ୍ୱ ବ୍ୟବସାୟ ପରିବେଶ' ସମ୍ପର୍କିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନାକୁ ଆଇଏମ୍‌ଆଇ ଭଳି ଅନୁଷ୍ଠାନର ତାଲିମପ୍ରାପ୍ତ ଯୁବବର୍ଗ ସଫଳ ଭାବେ ରୂପାୟନ କରିପାରିବେ। ସେହିଭଳି ରାଜ୍ୟର ଅର୍ଥନୀତିର ବିକାଶ ଘଟିଲେ ତା'ର ସୁଫଳ ସମସ୍ତ ରାଜ୍ୟବାସୀ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ମେକ୍ସିକୋର ବିଜ୍‌ନେସ୍ ସ୍କୁଲ ଇଗାଡେର ସହାୟତାରେ ଆୟୋଜିତ ଉକ୍ତ ସମ୍ମିଳନୀ 'ବିକାଶଶୀଳ ଅର୍ଥନୀତିରେ ସମାବେଶୀୟ କାରବାର' ଲୋକ, ଲାଭ ଓ କର୍ପୋରେଟ୍ ନାଗରିକତ୍ୱର ସମ୍ମିଶ୍ରଣ ଶୀର୍ଷକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରାଧ୍ୟାପକ ତଥା ନିର୍ଦ୍ଦେଶକ ରମେଶ ବେହେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେହିଭଳି ସିଙ୍ଗାପୁର ଆର୍ଥିକ କର୍ତ୍ତୃପକ୍ଷର ସ୍ୱପ୍ନେନ୍ଦୁ ମହାନ୍ତି, ମେକ୍ସିକୋର ଇଗାଡେ ବ୍ୟବସାୟିକ ବିଦ୍ୟାଳୟର ପ୍ରାଧ୍ୟାପକ ତଥା ଜାତୀୟ ଗବେଷକ ପ୍ରଫେସର ରାଜାଗୋପାଳଙ୍କ ସମେତ ବିଶ୍ୱର ପ୍ରମୁଖ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ୨ଦିନିଆ କର୍ମଶାଳାକୁ ଆଇଏମ୍‌ଆଇର ପ୍ରଫେସର ସୌରଭ ଶର୍ମା ଓ ମିନତି ମିଶ୍ର ପରିଚାଳନା କରିଥିଲେ।

## ବିଜିୟୁରେ 'ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ'

ଭୁବନେଶ୍ୱର,୧୦।୧୨

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଜାତୀୟ ମାନବ ଅଧିକାର କମିଶନର ପୂର୍ବତନ ଅଧ୍ୟକ୍ଷ ତଥା ଦେଶର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଜି. ବାଲକ୍ରିଷ୍ଣନ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେ କହିଥିଲେ, ୭୩ ବର୍ଷ ପୂର୍ବେ ହୋଇଥିବା ଅନ୍ତର୍ଜାତୀୟ ମାନବ ଅଧିକାର ଘୋଷଣାନାମା ଇତିହାସରେ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିଥିଲା। ଏଥିରେ ବିଜିୟୁ କୁଳପତି ଡ. ପି.ପି. ମାଥୁର ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବା ସହ ବିର୍ଲା ସ୍କୁଲ ଅଫ୍ ଲ'ର ଡିନ୍ ଏଲ୍.କେ ଦେବ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରାର ଡ. ବି.କେ. ଦାସ, ବିଭିନ୍ନ ସ୍କୁଲର ଡିନ୍, ଫାକଲ୍ଟି, ଛାତ୍ରୀଛାତ୍ର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଶ୍ୱ ଖାଦ୍ୟମେଳାରେ ରୁଚି ପ୍ୟାଭିଲିଅନ

ଭୁବନେଶ୍ୱର,୧୦।୧୨



ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଓଡ଼ିଶାର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ 'ରୁଚି-ଫ୍ରୋଜିଟ୍' ବୃହତ୍ ବିଶ୍ୱ ଖାଦ୍ୟମେଳା 'ସିଆଲ'ରେ ଅଂଶ ଗ୍ରହଣ କରିଛି। ନୂଆଦିଲ୍ଲୀର ପ୍ରଗତି ମଇଦାନ ପରିସରରେ ନିକଟରେ ଆରମ୍ଭ ହୋଇଥିବା ଏହି ଖାଦ୍ୟମେଳାରେ ୩୦ଟି ଦେଶର ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀଗୁଡିକ ସାମିଲ ହୋଇଛନ୍ତି। ଏହି ଅବସରରେ ଟ୍ରେଡ୍ ପ୍ରମୋଶନ କାଉନ୍‌ସିଲ ଅଫ୍ ଇଣ୍ଡିଆର ଉପନିର୍ଦ୍ଦେଶକ ଭାନୁ ବଶିଷ୍ଠ ଓ ସହକାରୀ ନିର୍ଦ୍ଦେଶକ ତର୍କ୍ସୀ ଖାନ୍, ବିଶାଳ ତାଲିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ରୁଚି ପ୍ୟାଭିଲିଅନ'କୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ 'ରୁଚି-ଫ୍ରୋଜିଟ୍'ର ନିର୍ଦ୍ଦେଶିକା ରଶ୍ମି ସାହୁ ଅତିଥିମାନଙ୍କୁ କମ୍ପାନୀର ପ୍ରଡକ୍ଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ରୁଚି'ର ବିକ୍ରୟ ମୁଖ୍ୟ ରବୀନ୍ଦ୍ର କୁମାର, ଅଜୟ ମିଶ୍ର, ଦିଲ୍ଲୀ ସୁପରଷ୍ଟକିଷ୍ଟ ରଞ୍ଜନ ସାହୁ ଓ ହିମାଂଶୁ ସାମଲ ପ୍ରମୁଖ ମେଳା ଓ ପ୍ୟାଭିଲିଅନ ପରିସରରେ ଉପସ୍ଥିତ ଥିଲେ।

### ଫୁରସତ

# ଜୈବ ବିବିଧତାର ସୁରକ୍ଷା କବଚ



### ଆନ୍ତର୍ଜାତିକ ପର୍ବତ ଦିବସ

ଭୂଭାଗରେ ପର୍ବତର ଅବସ୍ଥିତି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସମସ୍ତ ଭୂଭାଗର ୨୭% ଅଞ୍ଚଳ ପର୍ବତ ବା ପାହାଡ ଦ୍ୱାରା ଆଚ୍ଛାଦିତ। ଏପରିକି ସମୁଦ୍ର ମଧ୍ୟରେ ବି ପର୍ବତ ଅଛି ଯାହାକି ଦୀପ ଭାବେ ଦୃଶ୍ୟମାନ ହୋଇଥାଏ । ପାର୍ବତ୍ୟାଞ୍ଚଳର ଅଧିବାସୀମାନେ ମୁଖ୍ୟତଃ ସେମାନଙ୍କର ଜୀବିକା ନିର୍ବାହ ପାଇଁ ପର୍ବତ ଉପରେ ନିର୍ଭର କରିଥାନ୍ତି। ପର୍ବତ ୭୨ ମିଲିୟନ ଜନଜାତିଙ୍କ ଜୀବିକାର ଆଧାର ହୋଇଥାଏ । ଅପରପକ୍ଷେ ପର୍ବତାଞ୍ଚଳ ପର୍ଯ୍ୟଟକଙ୍କର ମୁଖ୍ୟ ଆକର୍ଷଣ । ମାତ୍ର ଦୁଃଖର ବିଷୟ ଯେ, ପର୍ବତାରୋହୀ ଏବଂ ପର୍ଯ୍ୟଟକଙ୍କ ଦ୍ୱାରା ପର୍ବତାଞ୍ଚଳ ମଧ୍ୟ ଅନେକାଂଶରେ ପ୍ରଦୂଷିତ ହେଉଛି । ସହରୀକରଣ ଓ ବ୍ୟାପକ ଶିଳ୍ପାୟନ ଦ୍ୱାରା ପର୍ବତ କ୍ଷୟ ହୋଇ ଚାଲିଛି । ସମଗ୍ର ପୃଥିବୀର ପ୍ରାୟ ଦଶଭାଗରୁ ଏକ ଭାଗ ଲୋକେ ପାର୍ବତାଞ୍ଚଳରେ ବସବାସ କରିଥାନ୍ତି । ତେଣୁ ପାହାଡ ପର୍ବତର ସୁରକ୍ଷା ପାଇଁ ଜାତିସଂଘ ଉଦ୍ୟମରେ ୨୦୦୩ରୁ ପ୍ରତିବର୍ଷ ଡିସେମ୍ବର ୧୧ରେ ଅନ୍ତର୍ଜାତିକ ପର୍ବତ ଦିବସ ପାଳନ କରାଯାଉଛି ।

ଭୌଗୋଳିକ ଦୃଷ୍ଟି କୋଣରୁ ପର୍ବତର ଉପସ୍ଥିତି ବେଶ୍ ରହିଛି। ପର୍ବତ ପବନର ଗତିକୁ ନିୟନ୍ତ୍ରଣ କରିଥାଏ ତେଣୁ ଏହା ହଜାର ହଜାର ମାଇଲ ଦୂରତା ପର୍ଯ୍ୟନ୍ତ ପରିବେଶକୁ ପ୍ରଭାବିତ କରିଥାଏ। ପର୍ବତ ପୃଥିବୀପୃଷ୍ଠରେ ପରିବେଶକୁ ନିୟନ୍ତ୍ରଣ କରିଥାଏ ଏବଂ ପରିସଂସ୍ଥା ଓ ଜୈବ ବିବିଧତାର ସୁରକ୍ଷା କବଚ ଭାବେ କାମ କରିଥାଏ। ପୃଥିବୀର ମଧୁରଜଳର ପ୍ରାୟ ଅର୍ଦ୍ଧାଧିକ ପର୍ବତରୁ ହିଁ ମିଳିଥାଏ। ଦକ୍ଷିଣ ଆମେରିକାର ଅଟାକାମା ମରୁଭୂମି ଓ ଆମାଜନ ଜଙ୍ଗଲ ମଧ୍ୟରେ ଆଣ୍ଡେସ୍ ପର୍ବତମାଳା ଅବସ୍ଥିତ। ଏହା ଦେଖାଯାଏ ଯେ ଏହି ପର୍ବତମାଳା ଯୋଗୁ ଅଟାକାମାରେ ବର୍ଷା ନ ହେଉଥିବାବେଳେ ଆମାଜନ ଜଙ୍ଗଲରେ ପ୍ରବଳ ବର୍ଷା ହୋଇଥାଏ। ହିମାଳୟ ପର୍ବତମାଳା ଦ୍ୱାରା ଭାରତରେ ତଥା ଏସୀୟ ମହାଦେଶରେ ପରିବେଶ ପ୍ରଭାବିତ ହୋଇଥାଏ। ତେଣୁ ପର୍ବତର ଗୁରୁତ୍ୱକୁ ଉପଲବ୍ଧି କରିବା ଆବଶ୍ୟକ।

**-ଡ. ମାନସ ରଞ୍ଜନ ସେନାପତି,**
ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର

# ସୁନା କଏନ ବାଣ୍ଟିଲେ ଅଲ୍ଲୁ ଅର୍ଜୁନ



**ମୁମ୍ବାଇ:** ଆଉ ମାତ୍ର ସପ୍ତାହେ ପରେ ରିଲିଜ ହେବାକୁ ଯାଉଛି ସାଉଥ୍ ସୁପରଷ୍ଟାର ଆଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା: ଦ ରାଇଜ'। ଡିସେମ୍ବର ୧୭ ମୁକ୍ତିଲାଭ ତାରିଖକୁ ଦର୍ଶକ ଅପେକ୍ଷା କରିରହିଛନ୍ତି। ୫ଟି ଭାଷାରେ ଏହି ଚଳଚ୍ଚିତ୍ର ବିଭିନ୍ନ ଥିଏଟରରେ ଚାଲିବ। ତେବେ ପରଦାକୁ ମୁଭି ଆସିବା ପୂର୍ବରୁ ଅଲ୍ଲୁ ଅର୍ଜୁନ 'ପୁଷ୍ପା' ଟିମ୍‌କୁ ସର୍‌ପ୍ରାଇଜ ଗିଫ୍ଟ ଦେଇଛନ୍ତି। ଫିଲ୍ମ ନିର୍ମାଣରେ ଟେକ୍ନିସିଆନଙ୍କ କାମରେ ସେ ବେଶ୍ ପ୍ରଭାବିତ ହେବା ସହ ଏହାର ଖୁବ୍ ପ୍ରଶଂସା କରିଛନ୍ତି। ତେଣୁ କ୍ରିଉ ମେମ୍ବରଙ୍କୁ ସେ କିଛି ସୁନା କଏନ ଏବଂ ୧୦ ଲକ୍ଷ ଟଙ୍କା ଉପହାର ଦେଇଛନ୍ତି। ସୁକୁମାର ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଦୁଇଟି ଭାଗରେ 'ପୁଷ୍ପା' ଚଳଚ୍ଚିତ୍ର ପରଦାକୁ ଆସିବ। ଆନ୍ଧ୍ରପ୍ରଦେଶର ଶେଷାଚାଲମ ଜଙ୍ଗଲରେ ଲାଲ ଚନ୍ଦନ ଗଛ ଚୋରାଚାଲାଣକାରୀଙ୍କ ଜୀବନ ଉପରେ ଏହି ଫିଲ୍ମ ଆଧାରିତ। ଅଲ୍ଲୁ ଅର୍ଜୁନଙ୍କ ସହ ଫିଲ୍ମରେ ଫହାଦ ଫସିଲ, ରଶ୍ମିକା ମନ୍ଦାନା ପ୍ରମୁଖ ଭୂମିକାରେ ଅଛନ୍ତି। ଜଗପଥି ବାବୁ, ପ୍ରକାଶ ରାଜ, ଅନସୂୟା ଭରଦ୍ୱାଜ, ହରିଶ ଉଥମାନ, ଧନଞ୍ଜୟ, ସୁନିଲ ବର୍ମା ପ୍ରମୁଖ ଅଭିନୟ କରିଛନ୍ତି। ଏବେ ଫିଲ୍ମର ଦ୍ୱିତୀୟ ଭାଗ ଶୁଟିଂ ଚାଲିଛି।

# କୁକୁର ପାଇଁ ୨୪ ଲକ୍ଷ

**ନୂଆଦିଲ୍ଲୀ:** କୁକୁରକୁ ଘରକୁ ଫେରାଇ ଆଣିବା ପାଇଁ ଖର୍ଚ୍ଚ ହେଲା ୨୪ ଲକ୍ଷ ଟଙ୍କା। ଏହି ଘଟଣା ଏବେ ବେଶ ଚର୍ଚ୍ଚାରେ। ପୋଷା କୁକୁର ପାଇଁ ବେଳେବେଳେ କିଛି ଲୋକ ବେଶ୍ ଭାବପ୍ରବଣ ହୋଇଯାନ୍ତି। ଏଥିପାଇଁ କେତେଜଣ ନିଜର ସବୁ ସମ୍ପତ୍ତି ଖର୍ଚ୍ଚ କରିବାକୁ ମଧ୍ୟ ପଛାନ୍ତି ନାହିଁ। ଏମିତି କିଛି ଦେଖିବାକୁ ମିଳିଛି ଅଷ୍ଟ୍ରେଲିଆର ଦମ୍ପତିଙ୍କ କ୍ଷେତ୍ରରେ। ଖ୍ରୀଷ୍ଟମାସ ଆଗରୁ ସମ୍ପୃକ୍ତ ଦମ୍ପତି କୁକୁରକୁ ଘରକୁ ଆଣିବାକୁ ଚାହୁଁଥିଲେ। ହେଲେ କୁକୁରଟି ନ୍ୟୁଜିଲାଣ୍ଡରେ ଫସି ରହି ଯାଇଥିଲା। କୋଭିଡ୍ ନିୟମ ପାଇଁ ସମସ୍ତ ବିମାନ ଉଡାଣ ବନ୍ଦ କରାଯାଇଥିଲା। ତେଣୁ କୁକୁରଟିକୁ ଫେରାଇ ଆଣି ହେଉ ନ ଥିଲା। କିନ୍ତୁ ପ୍ରାଇଭେଟ୍ ଜେଟ୍ ମାଧ୍ୟମରେ ଯିବା ଆସିବା କରିହେବ ବୋଲି ସେମାନେ ଜାଣିବା ପରେ କୁକୁରକୁ ଆଣିବା ଯୋଜନା କରିଥିଲେ। ତେଣୁ ସେମାନେ ଏକ ପ୍ରାଇଭେଟ୍ ଜେଟ୍ ବୁକ୍ କରିଥିଲେ, ଯେଉଁଥିପାଇଁ ୨୪ ଲକ୍ଷ ଟଙ୍କା ଦେବାକୁ ପଡିଥିଲା। ଖ୍ରୀଷ୍ଟମାସ ସମୟରେ ଘରେ ସମସ୍ତେ ଏକାଠି ରହିବା ପାଇଁ ଚାହୁଁଥିବାରୁ ସେହି ଦମ୍ପତି ଏଭଳି କରିଥିଲେ।


### ପ୍ରଥମ ବିବାହ ବାର୍ଷିକୀରେ ଶୁଭେଚ୍ଛା



ରାଜେଶ ନନ୍ଦନ ଓ ରଶ୍ମିତା ସାସ୍ମଲ୍
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧
ଭଗବାନ୍ ତୁମର ବୈବାହିକ ଜୀବନ ସୁଖମୟ ଓ ଦୀପ୍ତିମୟ କରନ୍ତୁ।
ଶୁଭେଚ୍ଛା ସହ: ବାପା,ମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୫୦୫

### ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୁରୁ ଚରଣ ମହାନ୍ତି
(ଅବସରପ୍ରାପ୍ତ ସିଆରପିଏଫ ଯବାନ)
ଆବିର୍ଭାବ- ୦୩।୦୧।୧୯୬୧
ତିରୋଧାନ- ୦୧।୧୨।୨୦୨୧
ବାପାର ପବିତ୍ର ସମ୍ପର୍କ ଦୁନିଆରେ ସର୍ବୋତ୍ତମ। ତେବେ ଜନ୍ମ ମାତ୍ରେ ଯେ ମୃତ୍ୟୁ ନିଶ୍ଚିତ କିନ୍ତୁ ତମେ ଆମକୁ ସ୍ନେହ, ପ୍ରେମ ଦେଇ ଚାଲିଗଲ ଅଫେରା ରାଇଜକୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମେ ଯେଉଁଠି ଥାଅ ଭଲରେ ଥାଅ କିନ୍ତୁ ତମ ଦୁଇ ନାତି ତମ ସ୍ନେହରୁ ବଞ୍ଚିତ ରହିଗଲେ।
ଶୋକସନ୍ତପ୍ତ: ଝିଅ: ରିଙ୍କି, ଜ୍ୱାଇଁ: ମାନସ, ନାତି: ଅଂଶୁମାନ, ଆୟୁଷ୍ମାନ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୨୪୯୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ନାୟକ
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୭୬
ତିରୋଧାନ: ୧୧।୧୨।୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଝିଅ: ବବଲି, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୫୦୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ନିଧିସୂଦନ ବେହେରା
ଗ୍ରାମ: ପାରାଦୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ଆଜି ୧୫ତମ ମହାପ୍ରୟାଣ ଦିବସରେ ଆମ୍ଭେ ତୁମ ପବିତ୍ର ଅମରାତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଲୋକନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:-
ପତ୍ନୀ: ରମାଦେବୀ, ପୁତ୍ର: ବିବେକାନନ୍ଦ, ଶଶାନନ୍ଦ, ଝିଅ: ଶିଳ୍ପାରାଣୀ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୨୨୫୧୦

**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କେମିତି ମଦ ଛାଡ଼ିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮ , ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ. ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଡିସେମ୍ବର ୧୧/୨୦୨୧ Dhenkanal, Saturday, December 11/ 2021



ଇଣ୍ଡିଆନ ସୁପରଲିଗ୍‌ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଅଧିନାୟକ ଭିନିତ ରାୟ (ବାମ) ଓ ନର୍ଥଇଷ୍ଟ ୟୁନାଇଟେଡର ଖାସା କାମାରାଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

# ରୁଟ୍-ମଲନଙ୍କ ଶତକୀୟ ଭାଗୀଦାରି

ବ୍ରିସ୍‌ବେନ୍,୧୦।୧୨

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଭ୍ରମଣକାରୀ ଇଂଲଣ୍ଡ ଲଢୁଆ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଛି। ଦ୍ୱିତୀୟ ଇନିଂସରେ ଅଧିନାୟକ ଜୋ ରୁଟ୍ ଓ ଦାଭିଦ ମଲନ ଦମ୍‌ଦାର ପ୍ରଦର୍ଶନ କରି ତୃତୀୟ ଉଇକେଟରେ ଅପରାଜିତ ୧୫୯ ରନର ଭାଗୀଦାରି ସ୍ଥାପନ କରିଥିଲେ ମଧ୍ୟ ଇଂଲଣ୍ଡ ଏବେ ପଛରେ ପଡ଼ିଛି।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୨୫ ରନ କରିଥିଲା। ଦ୍ୱିତୀୟ

**ପ୍ରଥମ ଆଶେସ ଟେଷ୍ଟ**

ଇନିଂସ ଆରମ୍ଭ କରି ଇଂଲଣ୍ଡ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୦ ଓଭରରେ ୨ ଉଇକେଟ ହରାଇ ୨୨୦ ରନ ସଂଗ୍ରହ କରିଛି। ଫଳରେ ଇଂଲଣ୍ଡ ୮ ଉଇକେଟ ହାତରେ ରଖି ଏବେ ମଧ୍ୟ ୫୮ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍ ୮୬ ଓ ମଲନ ୮୦ ରନକରି ଅପରାଜିତ ରହିବା ସହ ସ୍ଥିତି ସମ୍ଭାଳି ଥିଲେ। ତେବେ ଏହା ପୂର୍ବରୁ ଦୁଇ ଓପନର ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲେ। ହାସିବ ହମିଦ ୨୭ ଓ ରୋରି ବର୍ନ୍ସ ୧୩ ରନକରି ପ୍ୟାଭିଲିୟନ ଫେରିଥିଲେ। ଗାବାରେ ତୃତୀୟ ଦିବସ ମଝିରେ ପିଚ୍ ବ୍ୟାଟିଂ ଉପଯୋଗୀ ହୋଇଥିଲା। ରୁଟ୍ ଓ ମଲନ ଏହାର ଫାଇଦା ଉଠାଇବାରେ ସମର୍ଥ ହୋଇଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୪୩/୭ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ୍ ୧୫୨ ରନ କରି ଆଉଟ ହୋଇଥିଲେ। ଇଂଲଣ୍ଡ ତରଫରୁ ରବିନସନ ଓ ଉଡ୍ ୩ଟି ଲେଖାଏ, କ୍ରିସ୍ ୱୋକ୍ସ ୨, ଜ୍ୟାକ ଲିଚ୍ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୯୮୬ ପରଠାରୁ ଇଂଲଣ୍ଡ ଗାବାରେ କୌଣସି ଟେଷ୍ଟରେ ବିଜୟୀ ହୋଇ ନାହିଁ। ତେବେ ଗତ ଜାନୁୟାରୀରେ ଗାବାରେ ଭାରତ ଅଷ୍ଟ୍ରେଲିଆକୁ ହରାଇ ଇତିହାସ ସୃଷ୍ଟି କରିଥିଲା। ୧୯୮୮ ପରେ ଅଷ୍ଟ୍ରେଲିଆ ଏଠାରେ ପ୍ରଥମଥର ପାଇଁ ପରାଜୟ ବରଣ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ- ୫୦.୧ ଓଭରରେ ୧୪୭ ଅଲଆଉଟ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୦୪.୩ ଓଭରରେ ୪୨୫ ଅଲଆଉଟ (ଟ୍ରାଭିସ ହେଡ୍- ୧୫୨, ଓଲି ରବିନସନ- ୩/୫୮, ମାର୍କ ଉଡ- ୩/୮୫, କ୍ରିସ ୱୋକ୍ସ- ୨/୭୬, ଜ୍ୟାକ ଲିଚ୍- ୧/୧୦୨, ଜୋ ରୁଟ୍- ୧/୨୯)। ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୭୦ ଓଭରରେ ୨୨୦/୨ (ଦାଭିଦ ମଲନ- ୮୦*, ଜୋ ରୁଟ୍- ୮୬*, ହାସିବ ହମିଦ- ୨୭, ରୋରି ବର୍ନ୍ସ- ୧୩, ମିଚେଲ ଷ୍ଟାର୍କ- ୧/୭୦, ପ୍ୟାଟ୍ କୁମିନ୍ସ- ୧/୪୩)।





ଶଟ୍ ଖେଳିବା ଅବସରରେ ଦାଭିଦ ମଲନ। ତୃତୀୟ ଦିବସରେ ଅପରାଜିତ ରହି ପ୍ୟାଭିଲିୟନ ଫେରୁଛନ୍ତି ଜୋ ରୁଟ୍।

## ଏକାଧିକ ରେକର୍ଡ

**ଗାବା,୧୦।୧୨:** ପ୍ରଥମ ଆଶେସ ଟେଷ୍ଟର ତୃତୀୟ ଦିବସରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସେ ଇଂଲଣ୍ଡର ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ହୋଇଛନ୍ତି। ଏହି କ୍ରମରେ ସେ ମାଇକେଲ ଭନଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ୨୦୦୨ରେ ଭନ୍ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୪୮୧ ରନ କରିଥିଲେ। ୨୦୧୮ରେ ରୁଟ୍ ୧୪୭୭ ରନ ସଂଗ୍ରହ କରି ଏହାକୁ ଅତିକ୍ରମ କରିବାର ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ତେବେ ଚଳିତ ବ୍ରିସବେନ ଟେଷ୍ଟରେ ସେ ଭନଙ୍କୁ ଅତିକ୍ରମ କରିଛନ୍ତି। ରୁଟ୍ ୨୦୨୧ରେ ଏପର୍ଯ୍ୟନ୍ତ ୧,୫୪୧ ରନ ସଂଗ୍ରହ କରିଛନ୍ତି। ପାକିସ୍ତାନର ମହମ୍ମଦ ୟୁସୁଫ ୨୦୦୬ରେ ୧୧ଟି ମ୍ୟାଚ୍ ଖେଳି ସର୍ବାଧିକ ୧,୭୮୮ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି।

## ଜାନୁୟାରୀରେ ନିର୍ବାଚନ ପାଇ ଆଇଓଏକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୦।୧୨:** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସାଧାରଣ ଅଧିବେଶନ ଓ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଛି। ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ଥିବା କେତୋଟି ମାମଲାକୁ ଦୃଷ୍ଟିରେ ରଖି ଡିସେମ୍ବର ୧୯ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବାକୁ କୁହାଯାଇଛି। ତେବେ ଏହି ତାରିଖରେ ସାଧାରଣ ଅଧିବେଶନ ଡାକିବାକୁ ଆଇଓସି ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ଆସନ୍ତାବର୍ଷ ଜାନୁୟାରୀ ମଧ୍ୟରେ ନିର୍ବାଚନ କରିବା ଜରୁରୀ ବୋଲି ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କୁ ଆଇଓସି ଚିଠି ଲେଖିଛି।

## ଦ୍ୱିତୀୟ ସ୍ଥାନକୁ ଉଠିଲା ଓଡ଼ିଶା

ଭାସ୍କୋ,୧୦।୧୨

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଏଫ୍‌ସି ତୃତୀୟ ବିଜୟ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଓଡ଼ିଶା ୧-୦ରେ

**ଇଣ୍ଡିଆନ ସୁପରଲିଗ୍**

ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ୯ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ଦ୍ୱିତୀୟାର୍ଦ୍ଧର ୮୧ତମ ମିନିଟ୍‌ରେ ଓଡ଼ିଶା ତରଫରୁ ବ୍ରାଜିଲ ଫରୱାର୍ଡ ଜୋନାଥସ ଡି ଜିସନ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଥିଲେ। ନିର୍ଦ୍ଧାରିତ ସମୟ ପରେ ଇଞ୍ଜୁରି ଟାଇମ ବାବଦରେ ୧୦ ମିନିଟ ଖେଳାଯାଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ପାରି ନ ଥିଲା। ଫଳରେ ଓଡ଼ିଶା ବିଜୟୀ ହୋଇଥିଲା। ପ୍ରଥମାର୍ଦ୍ଧରେ ନର୍ଥଇଷ୍ଟ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନ ଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଓଡ଼ିଶା ଯଥେଷ୍ଟ ଅଗାରେ ରହିଥିଲା। ନର୍ଥଇଷ୍ଟ ୫ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହିତ ୩ଟି ପରାଜୟ ସହ ନବମ ସ୍ଥାନରେ ରହିଛି। ସେହିପରି ମୁମ୍ବାଇ ସିଟି ଏଫ୍‌ସି ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮
ଢେଙ୍କାନାଳ, ଶନିବାର, ଡିସେମ୍ବର ୧୧/୨୦୨୧ (୮+୮=୧୬ ପୃଷ୍ଠା) Dhenkanal, Saturday, December 11/2021



**ଇନ୍‌ଫ୍ଲୁଏନ୍ସର ହେବାକୁ ମସ୍କଙ୍କ ଇଚ୍ଛା**

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ ନିଜର ସବୁ କାମ ଛାଡ଼ି ଜଣେ ପୂର୍ଣ୍ଣକାଳୀନ ଇନ୍‌ଫ୍ଲୁଏନ୍ସର ହେବାକୁ ଚାହୁଁଛନ୍ତି।

୦୩

୦୮

**ସ୍ନୋ ଗର୍ଲ ରଞ୍ଜିତାଙ୍କୁ ଯୋଗ୍ୟତା**

ଓଡ଼ିଶାର ସ୍ନୋ ଗର୍ଲ ରଞ୍ଜିତା ବେହେରା ଅଷ୍ଟ୍ରିଆରେ ୨୦୨୨ ମାର୍ଚ୍ଚ-ଏପ୍ରିଲରେ ହେବାକୁଥିବା ଅନ୍ତର୍ଜାତୀୟ ସ୍କି ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



## ବରଗଡ଼ ଧନୁଯାତ୍ରା ସ୍ଥଗିତ

**ବରଗଡ଼ ଅଫିସ୍,୧୦।୧୨:** ବର୍ତ୍ତମାନ ପରିପ୍ରେକ୍ଷୀରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସ୍ଥଗିତ ରଖାଯାଇଛି। ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଧନୁଯାତ୍ରା ମହୋତ୍ସବ ସମିତି ଅଧ୍ୟକ୍ଷ ତଥା ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଜାନୁୟାରୀ ମାସ କୋଭିଡ୍ ଗାଇଡ୍ ଲାଇନକୁ ଅପେକ୍ଷା କରାଯାଇଛି। ନୂଆ ଗାଇଡ୍ ଲାଇନରେ ଯଦି ଧନୁଯାତ୍ରା ମହୋତ୍ସବ ସମ୍ଭବ ହେବ ତେବେ ସେତେବେଳେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ୨୦୨୨ ଜାନୁୟାରୀ ୭ରୁ ୧୭ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ତିଥି ରହିଛି। ଆସନ୍ତା ୧୯ତାରିଖ ମାର୍ଗଶୀର ଶୁକ୍ଳପକ୍ଷରେ ବରଗଡ଼ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ କରାଯିବାର ଥିଲା। ଧନୁଯାତ୍ରା ☞ପୃଷ୍ଠା-୭





ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ବିଧାନସଭା ଘେରାଉ ଉଦ୍ୟମବେଳେ ପୋଲିସ କଂଗ୍ରେସ ଭବନରେ ପଶି ଲାଠିଚାର୍ଜ କରୁଛି (ବାମ)। ଲାଠି ମାଡ଼ରେ ଜଣେ କଂଗ୍ରେସ କର୍ମୀଙ୍କ ମୁଣ୍ଡ ଫାଟିଯାଇଛି।

## ସରପଞ୍ଚଙ୍କ ଝୁଲନ୍ତା ମୃତଦେହ ଠାବ



ବିବେକାନନ୍ଦ ମହାକୁଡ଼

**କାମାକ୍ଷାନଗର, ୧୦।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତର ନିଖୋଜ ସରପଞ୍ଚ ବିବେକାନନ୍ଦ ମହାକୁଡ଼ଙ୍କ ଗଳିତ ମୃତଦେହ ଶୁକ୍ରବାର ଜଙ୍ଗଲରୁ ମିଳିଛି। ଏକ ପ୍ଲାଷ୍ଟିକ୍ ରଶିରେ ଗଛରେ ଝୁଲୁଥିବା ଅବସ୍ଥାରେ ତାଙ୍କ ଶବ ଜବତ କରାଯାଇଛି। ଋଣଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ମୃତ ସରପଞ୍ଚଙ୍କ ସମ୍ପର୍କୀୟ କହିଛନ୍ତି। ମୃତଦେହ ଚିହ୍ନଟ ପରେ ପୋଲିସ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ କାମାକ୍ଷାନଗର ଥାନାରେ ନଂ. ୪୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ☞ପୃଷ୍ଠା-୭

# କଂଗ୍ରେସ ଭବନରେ ପଶି ପିଟିଲା ପୋଲିସ

## ବିଧାନସଭା ଘେରାଉବେଳେ ପୋଲିସ-ଛାତ୍ର କଂଗ୍ରେସ ମୁହାଁମୁହିଁ

- **ପୋଲିସ ମାଡ଼ରେ ୨୦ରୁ ଉର୍ଦ୍ଧ୍ୱ କର୍ମୀ ଆହତ**
- **ଅଣ୍ଡା, ଟମାଟୋ ମାଡ଼, ଧସ୍ତାଧସ୍ତି: ୪ ପୋଲିସ ଆହତ**
- **ଭ୍ୟାନ୍ ଜାଳିଦେବାକୁ ଉଦ୍ୟମ ହୋଇଥିଲା: ଡିସିପି**

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡକୁ ନେଇ ରାଜ୍ୟବ୍ୟାପୀ ଚାଲିଥିବା ଆନ୍ଦୋଳନ ଭୟଙ୍କର ରୂପ ନେଇଛି। ଗତ ଦୁଇଦିନ ଧରି ରାଜଧାନୀରେ ରକ୍ତ ବୋହିଛି। ଗୁରୁବାର ପୋଲିସର ଲାଠି ମାଡ଼ରେ ବହୁ ଯୁବ ଭାଜପା କର୍ମୀ ଆହତ ହୋଇଥିବାବେଳେ ପ୍ରତି ଆକ୍ରମଣରେ କେତେଜଣ ପୋଲିସ ଆହତ ହୋଇଥିଲେ। ଶୁକ୍ରବାର ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଉଦ୍ୟମବେଳେ ପୁଣି ଗର୍ଜିଛି ପୋଲିସ ଲାଠି। ବିଧାନସଭା ସମ୍ମୁଖରୁ ଲୋୟର ପିଏମ୍‌ଜି, ଏପରିକି କଂଗ୍ରେସ ଭବନରେ ପଶି ଗୋଡ଼ାଇ ଗୋଡ଼ାଇ ପିଟିଛି ପୋଲିସ। ଏଥିରେ ୨୦ରୁ ଉର୍ଦ୍ଧ୍ୱ କର୍ମୀ ଆହତ ହୋଇଥିବାବେଳେ କେତେଜଣଙ୍କ ମୁଣ୍ଡ ଫାଟିଥିବା ଦେଖିବାକୁ ମିଳିଛି। ସେହିଭଳି କଂଗ୍ରେସ କର୍ମୀଙ୍କ ଅଣ୍ଡା, ଟମାଟୋ ମାଡ଼ ଓ ଧସ୍ତାଧସ୍ତିରେ ୪ଜଣ ପୋଲିସ ଆହତ ହୋଇଥିବା ସୂଚନା ମିଳିଛି।

ମମିତାଙ୍କୁ ନ୍ୟାୟ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବା, ହାଇକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଏବଂ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ଉପରେ ଲଗାଇଥିବା ଆରୋପ ପାଇଁ କ୍ଷମା ପ୍ରାର୍ଥନା ଦାବି କରି ଛାତ୍ର କଂଗ୍ରେସ ଶୁକ୍ରବାର ବିଧାନସଭା ଘେରାଉ ଡାକରା ଦେଇଥିଲା। ଏଥିପାଇଁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ସମାବେଶର ଆୟୋଜନ କରାଯାଇଥିଲା। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନକ୍ରମେ ପୂର୍ବାହ୍ନରେ ହଜାର ହଜାର ଛାତ୍ର କଂଗ୍ରେସ କର୍ମୀ ରାଜଧାନୀରେ ପହଞ୍ଚିଥିଲେ। ସେମାନେ ବିଭିନ୍ନ ମାର୍ଗରୁ ଦଳୀୟ ପତାକା ଓ ପ୍ଲାକାର୍ଡ ଧରି ରାଲି କରି ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ପହଞ୍ଚି ସମାବେଶରେ ସାମିଲ ହୋଇଥିଲେ। ☞ପୃଷ୍ଠା-୭

# ନୂଆବର୍ଷରେ ସାଧାରଣ ଦର୍ଶନ ବନ୍ଦ

- **ବନକଲାଗିରେ ଶ୍ରୀମନ୍ଦିର ପ୍ରବେଶ ଅନୁମତି**
- **ପହିଲି ଭୋଗ ନୀତିବେଳେ ରାତ୍ରି ୯.୩୦ ଯାଏ ଦର୍ଶନ**

**ପୁରୀ ଅଫିସ,୧୦।୧୨**

ନୀଳାଦ୍ରି ଭକ୍ତନିବାସ ପରିସରରେ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଜାନୁୟାରୀ ମାସ ପାଇଁ ନୀତିକାନ୍ତି ଏବଂ ଏସ୍‌ଓପିକୁ ନେଇ କିଛି ପରିବର୍ତ୍ତନ ଉପରେ ମୋହର ବାଜିଛି। ପହିଲି ଭୋଗ, ମକର ସଂକ୍ରାନ୍ତି ଓ ଦେବାଭିଷେକ ପୂର୍ଣ୍ଣିମା ନୀତିକାନ୍ତି ମଧ୍ୟ ଚୂଡ଼ାନ୍ତ ହୋଇଛି। ବୈଠକ ପରେ ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି, ଆସନ୍ତା ଜାନୁୟାରୀ ୧ତାରିଖ ନୂଆବର୍ଷ ସମେତ ୩ଦିନ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହିପରି ରବିବାରଗୁଡ଼ିକରେ ମଧ ପୂର୍ବଭଳି ଦର୍ଶନ ବନ୍ଦ ରହିବ।

ଏ ନେଇ ମୁଖ୍ୟ ପ୍ରଶାସକ ଆହୁରି କହିଛନ୍ତି, ପୂର୍ବରୁ ବନକଲାଗି ନୀତି ସମୟରେ ଦର୍ଶନ ୪ଘଣ୍ଟା ବନ୍ଦ ରହୁଥିଲା। କିନ୍ତୁ ଏଣିକି ଶ୍ରଦ୍ଧାଳୁମାନେ ବନକଲାଗି ନୀତି ସମୟରେ ଶ୍ରୀମନ୍ଦିରରେ ପ୍ରବେଶ କରିପାରିବେ। ତେବେ ସେହି ସମୟରେ ମହାପ୍ରଭୁଙ୍କ ଦର୍ଶନ ମିଳିବ ନାହିଁ। ଜୟବିଜୟ ଦ୍ୱାର ଓ ବେହରଣ ☞ପୃଷ୍ଠା-୭

# ପ୍ରସୂତିଙ୍କୁ ଏକ୍ସପାଏରି ସାଲାଇନ୍

## ପିଆର୍‌ଏମ୍ ମେଡିକାଲରେ ଉତ୍ତେଜନା



ଆଶାକର୍ମୀମାନେ ଏକ୍ସପାଏରି ସାଲାଇନ୍ ଦେଖାଉଛନ୍ତି।

**ବାରିପଦା ଅଫିସ, ୧୦।୧୨**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ(ପିଆର୍‌ଏମ୍) ମେଡିକାଲରେ ପ୍ରସୂତିଙ୍କୁ ଏକ୍ସପାଏରି ସାଲାଇନ୍ ଦିଆଯାଉଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆଶାକର୍ମୀମାନେ ଏହାର ପ୍ରତିବାଦ କରିବା ସହିତ ପ୍ରସୂତି ବିଭାଗର ମୁଖ୍ୟ ଏବଂ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ବୈଶିଙ୍ଗା ଥାନା ଅଧୀନ ରାଇକମା ଅଞ୍ଚଳର ରୋଜାଲିନ ମହାନ୍ତ ନାମକ ଜଣେ ଆସନ୍ନ ପ୍ରସବା ପିଆରଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ଅସ୍ତ୍ରୋପଚାର ପରେ ତାଙ୍କୁ ଯେଉଁ ସାଲାଇନ୍ ଦିଆଯାଇଥିଲା ତାହା ☞ପୃଷ୍ଠା-୭

# କାର୍ଯ୍ୟାନୁଷ୍ଠାନ ଭୟ: ଜେଏମ୍‌ଏଫ୍‌ସିରେ ହାଜର ହେଲେ ଥାନା ଅଧିକାରୀ

## ପୁନଃ ତଦନ୍ତ ରିପୋର୍ଟ, ସିଡିଆର୍ ଦାଖଲ

**ନିଶ୍ଚିନ୍ତକୋଇଲି/ସାଲେପୁର, ୧୦।୧୨(ସ୍ୱ.ପ୍ର/ଡି.ଏନ.ଏ.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ କାର୍ଯ୍ୟାନୁଷ୍ଠାନ ଭୟରେ ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ସାଲେପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍‌ଏଫ୍‌ସି)ରେ ଶୁକ୍ରବାର ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ଏଥିସହ କୋର୍ଟ ମାଗିଥିବା ପୁନଃ ତଦନ୍ତ ରିପୋର୍ଟ ଏବଂ କଲ୍ ଡିଟେଲ ରେକର୍ଡ(ସିଡିଆର୍) ଦାଖଲ କରିଛନ୍ତି। ଏହି ଘଟଣାରେ ଜଡ଼ିତ ଥିବା ୧୦ ଜଣଙ୍କ ବୟାନକୁ ସିଆର୍‌ପିସି ଦଫା ୧୬୧ ଅନୁସାରେ ରେକର୍ଡ କରି ଦସ୍ତାବିଜ ଦାଖଲ କରିଛନ୍ତି। ଦୀର୍ଘଦିନ ହେବ ଏହି ମାମଲାକୁ ନେଇ ପୋଲିସ ଓ ନ୍ୟାୟପାଳିକା ମଧ୍ୟରେ ଆଇନଗତ ଯୁଦ୍ଧ ଚାଲିଥିଲା। ☞ପୃଷ୍ଠା-୭

# ୨୪୬ ନମୁନାରେ 'ଓମିକ୍ରନ୍' ନାହିଁ

## ସୂଚନା ଦେଲା ଆଇଏଲ୍‌ଏସ୍

- **ସ୍କୁଲ ଅପେକ୍ଷା ହଷ୍ଟେଲରେ ଅଧିକ ସଂକ୍ରମିତ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶ**
- **ସ୍କୁଲ ସଂକ୍ରମଣ ରୋକିବାକୁ ସମସ୍ତ ପଦକ୍ଷେପ ନିଆଯାଉଛି: ମନ୍ତ୍ରୀ**

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)**

ଚିନ୍ତା ବଢ଼ାଇଥିବା କରୋନାର ନୂଆ ଭାରିଆଣ୍ଟ 'ଓମିକ୍ରନ୍' ଏଯାଏ ଓଡ଼ିଶାରେ ମିଳିନାହିଁ। ଓମିକ୍ରନ ସଂକ୍ରମିତ ଦେଶରୁ ବହୁ ଲୋକ ରାଜ୍ୟକୁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏଥିସହ ଅନ୍ୟ ଦେଶ ଫେରନ୍ତା ମଧ ପଜିଟିଭ୍ ବାହାରିଥିଲେ। ଏମାନଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ଜୀବବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍)କୁ ପଠାଯାଇଥିଲା। ତେବେ ୨୪୬ ନମୁନାରେ ଓମିକ୍ରନ ଭୂତାଣୁ ନ ଥିବା ଶୁକ୍ରବାର ଆଇଏଲ୍‌ଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଅର୍ଥାତ୍ ନଭେମ୍ବରରେ ବିଦେଶରୁ ଫେରି ପଜିଟିଭ୍ ଚିହ୍ନଟ ହୋଇଥିବା ୧୪୧ଜଣଙ୍କ ନମୁନାରୁ ମଧ ଓମିକ୍ରନ୍ ଭାଇରସ ମିଳି ନ ଥିଲା। ଫଳରେ ଓମିକ୍ରନ୍‌କୁ ନେଇ ଯେଉଁ ଆଶଙ୍କା କରାଯାଉଥିଲା, ସେଥିରୁ ଆଶ୍ୱସ୍ତି ମିଳିଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଆମ ରାଜ୍ୟରେ ଏପର୍ଯ୍ୟନ୍ତ କେହି ଓମିକ୍ରନ ଚିହ୍ନଟ ହୋଇନାହାନ୍ତି। ଏହି ନୂଆ ଭାରିଆଣ୍ଟର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏବେ ସୁଦ୍ଧା ଏୟାର ସୁବିଧା ପୋର୍ଟାଲରେ ୧,୨୮୬ଜଣ ପଞ୍ଜୀକରଣ କରିଛନ୍ତି। ଓମିକ୍ରନ୍ ସଂକ୍ରମିତ ଦେଶ ଫେରନ୍ତାଙ୍କ ମଧ୍ୟରୁ ୪ଜଣ ପଜିଟିଭ୍ ବାହାରିଛନ୍ତି। ସେମାନଙ୍କର ଜିନୋମ ସିକ୍ୱେନ୍ସିଂ ପାଇଁ ନମୁନା ପଠାଯାଇଛି। ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ ବୋଲି ସେ କହିଛନ୍ତି। ସେପଟେ ☞ପୃଷ୍ଠା-୭




# ଛୁଟିରେ ସୁମିତ, ଅପହରଣ ଆଶଙ୍କା କଲେ ତପସ୍ୱିନୀ

## ତୁଟୁନି ପାରିବାରିକ ବିବାଦ

**ଆସିକା,୧୦।୧୨(ଡି.ଏନ.ଏ.)**

ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ସ୍ୱାମୀଙ୍କ ସହ ଆସିକା ଚିନିଶିଳ୍ପ ଅତିଥି ଭବନରେ ରହୁଥିବା ତପସ୍ୱିନୀ ଦାସ ପୁଣି ଅଡୁଆରେ ପଡ଼ିଛନ୍ତି। ସ୍ୱାମୀ ସୁମିତ ସାହୁ ଶୁକ୍ରବାର ସକାଳେ ଆସିକା ବ୍ଲକ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରାତି ସୁଦ୍ଧା ଫେରିନାହାନ୍ତି। ଚକ୍ରାନ୍ତ କରି ତାଙ୍କୁ କେହି ଅପହରଣ କରି ନେଇଥିବା ସେ ଆଶଙ୍କା କରୁଛନ୍ତି। ମେଡିକାଲରୁ ଛୁଟିରେ ଥିଲେ ମଧ ସୁମିତଙ୍କ ପତ୍ତା ମିଳୁନାହିଁ। ଏପରିକି ତାଙ୍କ ମୋବାଇଲ ଫୋନ ବନ୍ଦ ରହିଛି। ସ୍ୱାମୀ କେଉଁଠି ଅଛନ୍ତି, ତାହା ଜଣାପଡୁ ନ ଥିବାରୁ ତପସ୍ୱିନୀ ସନ୍ଦେହରେ ରହିଛନ୍ତି।

ନ୍ୟାୟ ପାଇଁ ବ୍ରହ୍ମପୁର ବ୍ରହ୍ମାନଗରଠାରେ ଶାଶୂ ଘର ଆଗରେ ଧାରଣା ଦେବା ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତପସ୍ୱିନୀ ଗତ ୩ ତାରିଖରୁ ଆସିକା ଚିନିଶିଳ୍ପ ଅତିଥି ଭବନରେ ରହିଥିଲେ। ୭ ଦିନ ଉଭୟେ ଏକାଠି ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ରହିଥିଲା। ଅନ୍ୟପଟେ ନ୍ୟାୟ ପାଇଁ ତପସ୍ୱିନୀ ରୁଜୁ କରିଥିବା ପିଟଶନ୍ ଶୁଣାଣି ପାଇଁ ଗତ ଗୁରୁବାର ଦିନ ଧାର୍ଯ୍ୟ ହୋଇଥିଲା। ତପସ୍ୱିନୀଙ୍କ ଶ୍ୱଶୁର ପ୍ରମୋଦ ସାହୁଙ୍କ ଓକିଲ ଉତ୍ତର ରଖିବାକୁ ୭ଦିନ ସମୟ ମାଗିଥିଲେ। ଏସ୍‌ଡିଜେଏମ୍ ଏଥିପାଇଁ ସମୟ ଦେବା ସହ ସେ ପର୍ଯ୍ୟନ୍ତ ତପସ୍ୱିନୀ ତାଙ୍କ ସ୍ୱାମୀଙ୍କ କାର୍ଯ୍ୟସ୍ଥଳ ଆସିକା ଅଞ୍ଚଳରେ ହୋଇଥିବାରୁ ଆସିକାରେ ଭଡ଼ାଘରେ ଏକାଠି ରହିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ତପସ୍ୱିନୀଙ୍କ ସମସ୍ତ ଖର୍ଚ୍ଚ ସୁମିତ ବହନ କରିବେ। ୭ ଦିନ ରହଣି ସମୟରେ ଆସିକା ଥାନାଧିକାରୀ ଓ ସୁରକ୍ଷା ଅଧିକାରୀ ତାଙ୍କ ସହ କଥା ହୋଇ କୋର୍ଟରେ ରିପୋର୍ଟ ଦାଖଲ କରିବେ। ତପସ୍ୱିନୀ ଓ ସୁମିତଙ୍କ ସମ୍ପର୍କୀୟ ସେମାନଙ୍କୁ ସାକ୍ଷାତ କରିପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ଥିତିରେ ସୁମିତ ଓ ତପସ୍ୱିନୀ ରହିବା ପାଇଁ ଅନ୍ୟ କେଉଁଠି ଭଡ଼ାଘର ଠିକ୍ ☞ପୃଷ୍ଠା-୭



ସୁମିତ ସାହୁ



ତପସ୍ୱିନୀ ଦାସ

## ଆଧାର କାର୍ଡରୁ ବଞ୍ଚିତ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ବାରିପଦା ଅଫିସ/ରାଇରଙ୍ଗପୁର, ୧୦।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଧାରକାର୍ଡରୁ ବଞ୍ଚିତ ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ହୋଇଛି। ଅଘଟଣ ପୂର୍ବରୁ ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଯୁବକ ଜଣକ ହେଲେ ବିଶୋଇ ଥାନା ତେଲେଇଘୁଟୁ ଗ୍ରାମର ଲକ୍ଷ୍ମୀକାନ୍ତ ବାସ୍କେ। ସୂଚନା ଅନୁଯାୟୀ, ଲକ୍ଷ୍ମୀକାନ୍ତଙ୍କ ଆଧାର କାର୍ଡ ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିଲେ। ଏନେଇ ସେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ, ପୋଷ୍ଟଅଫିସ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୀର୍ଘ ୭ମାସ ହେଲା ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ଶେଷରେ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ଚମ୍ପା ଗଛରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କାର୍ଯ୍ୟାଳୟର କର୍ମଚାରୀମାନେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଉପଜିଲାପାଳ ସରୋଜ କୁମାର ଦାସ ଘଟଣାର ତଦନ୍ତ କରି ଲକ୍ଷ୍ମୀକାନ୍ତଙ୍କୁ ଆଧାର କାର୍ଡ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ପୁନଃ ତଦନ୍ତ କରିବାକୁ ଭିଜିଲାନ୍ସକୁ ଲୋକାଯୁକ୍ତଙ୍କ ନିର୍ଦ୍ଦେଶ

### ବିଛାଖଣ୍ଡି କଳାପଥର ଖାଦାନରେ ଦୁର୍ନୀତି ଘଟଣା

**ଧର୍ମଶାଳା, ୧୦।୧୨ (ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି କଳାପଥର ଖାଦାନରେ ହୋଇଥିବା ଦୁର୍ନୀତି ମାମଲାରେ ଭିଜିଲାନ୍ସ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ତାଳମେଳ ନାହିଁ। ତେଣୁ ପୁଣି ଥରେ ତଦନ୍ତ କରି ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଭିଜିଲାନ୍ସବିଭାଗକୁ ଲୋକାଯୁକ୍ତ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଲୋକାଯୁକ୍ତଙ୍କ ତିନି ଜଣିଆ ଖଣ୍ଡପୀଠ ବିଜୟ କୁମାର ନାୟକ, ରାଜେନ୍ଦ୍ର ପ୍ରସାଦ ଶର୍ମା ଏବଂ ଦେବବ୍ରତ ସ୍ୱାଇଁ ଭିଜିଲାନ୍ସ ତଦନ୍ତ ରିପୋର୍ଟରେ ଆପତ୍ତି ଉଠାଇଥିଲେ। ସୂଚନା ମୁତାବକ ବିଛାଖଣ୍ଡି ପାହାଡ଼ରେ କଳାପଥର ଖାଦାନ ପାଇଁ ଲିଜ୍ ଦିଆଯାଇଥିବା ଅଞ୍ଚଳ ବାହାରୁ ଏବଂ ଜଙ୍ଗଲ କିସମ ଜମିରୁ ବେଆଇନ ଭାବେ ବ୍ୟାପକ ପଥର ଉତ୍ତୋଳନ କରାଯାଉଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସ୍ଥାନୀୟ ତହସିଲ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବେହୁରା ଲୋକାଯୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାଯୁକ୍ତ ବିଛାଖଣ୍ଡିରେ ଦୁର୍ନୀତି ହୋଇଥିବା ଅନୁଭବ କରି ତଦନ୍ତ ଭାର ଭିଜିଲାନ୍ସକୁ ଦେଇଥିଲେ।

## ନାବାଳିକା ଯୌନ ଉତ୍ପୀଡ଼ନ ମାମଲା | ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ଜିଲା ରାସୋଲ ଥାନା ଅଞ୍ଚଳରେ ୪ବର୍ଷ ତଳେ ଘଟିଥିବା ନାବାଳିକା ଯୌନ ଉତ୍ପୀଡ଼ନ ମାମଲାର ରାୟ ଶୁକ୍ରବାର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟରେ ପ୍ରକାଶ ପାଇଛି। ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତ ମକର ଦେହୁରୀ (୬୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍ସୋ ପବ୍ଲିକ ପ୍ରସିକ୍ୟୁଟର ଦିଲୀପ କୁମାର ମଲ୍ଲିକ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ମକର ଗ୍ରାମର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ଘଟଣା ପ୍ରଘଟ ହେବା ପରେ ସେ ପ୍ରତିଶ୍ରୁତିରୁ ଓହରି ଯାଇଥିଲେ। ପୀଡ଼ିତା ନାବାଳିକା ଘରେ ସମସ୍ତ ବିଷୟରେ ଜଣାଇବା ପରେ ନଂ. ୩୭/୧୮ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସ୍ପେଶାଲ ପୋକ୍ସୋ କେସ୍ ନଂ. ୨୮/୧୮ର ବିଚାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

## ବାତ୍ୟା କ୍ଷୟକ୍ଷତି ଆକଳନ ପାଇଁ ଆଜି ଆସିବ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)**

ବାତ୍ୟା 'ଜୱାଦ' ଜନିତ କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିବ। ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୌରଭ ରାୟଙ୍କ ନେତୃତ୍ୱରେ ଆସୁଥିବା ଏହି ଟିମ୍ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବ। ୧୨ ଓ ୧୩ ତାରିଖ ଦୁଇଦିନ ସେମାନେ ୬ଟି ଜିଲା ଗଞ୍ଜାମ, ପୁରୀ, କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଯାଇ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବେ। ଏହି ଟିମ୍ ୩ ଭାଗ ହୋଇ ଭିନ୍ନ ଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ୧୩ ତାରିଖ ଦିନ ଅପରାହ୍ନ ୪ଟାରେ କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରିବେ। ସନ୍ଧ୍ୟାରେ ସେମାନେ ଦିଲ୍ଲୀ ଫେରିଯିବେ। ସୂଚନାଯୋଗ୍ୟ, 'ଜୱାଦ' ସମୁଦ୍ରରେ ଦୁର୍ବଳ ହୋଇଯାଇଥିଲେ ମଧ୍ୟ ଗତ ୫ ଓ ୬ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିଲା। ଓଡ଼ିଶାରେ ବିଶେଷକରି ଜଗତ୍‌ସିଂହପୁର ସମେତ ଉପକୂଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**କାମାକ୍ଷାନଗର, ୧୦।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଗ୍ରାମର କାଶିଆ ମଲ୍ଲିକ (୭୦)ଙ୍କ ଶୁକ୍ରବାର ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ସେ ବିଲକୁ ଧାନ କାଟିବାକୁ ଯାଇଥିବାବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ମାର୍ଥାପୁର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପହଞ୍ଚିବା ପୂର୍ବରୁ କାଶିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ପରିବାର ଲୋକେ ପୋଲିସକୁ ସୂଚନା ଦେଇଛନ୍ତି।































**ଜେପିସି ଗଠନ ପାଇଁ କଂଗ୍ରେସ ଏମ୍‌ପିଙ୍କ ପ୍ରସ୍ତାବ**

ଦେଶର ଜଳ, ବାୟୁ, ଭୂମି ପ୍ରଦୂଷଣର ବର୍ତ୍ତମାନର ସ୍ଥିତି ଉପରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତି ନିମନ୍ତେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବା ନିମନ୍ତେ ରାଜ୍ୟ ସଭାର କଂଗ୍ରେସ ସଦସ୍ୟ ଆମି ଯାଜ୍ଞିକ ଶୁକ୍ରବାର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ରିପୋର୍ଟ ଉପସ୍ଥାପନ ଲାଗି ସମୟସୀମା ଧାର୍ଯ୍ୟ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପ୍ରଦୂଷଣ ରୋକିବା ଲାଗି ସରକାର ଆଇନରେ କଠୋର ବ୍ୟବସ୍ଥା ରଖିବା ସହିତ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବାକୁ କଂଗ୍ରେସ ଏମ୍‌ପି କହିଛନ୍ତି।




## ସଂକ୍ଷେପରେ

### ଇନ୍‌ଫ୍ଲୁଏନ୍ସର ହେବାକୁ ମସ୍କଙ୍କ ଇଚ୍ଛା



**ୱାଶିଂଟନ୍, ୧୦।୧୨:** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ନିଜର ସବୁ ଭୂମିକା ଛାଡ଼ି ଜଣେ ଫୁଲ୍ ଟାଇମ୍ ଇନ୍‌ଫ୍ଲୁଏନ୍ସର ହେବାକୁ ଚାହୁଁଛନ୍ତି। ଏ ନେଇ ଗୁରୁବାର ସେ ଏକ ଟୁଇଟ୍ କରିଛନ୍ତି। ଏ ବାବଦରେ ସେ ଟୁଇଟର ୟୁଜର୍ସଙ୍କ ମତାମତ ମଧ ମାଗିଛନ୍ତି। ସେ ଆହୁରି କିଛି ବର୍ଷ ଟେସ୍‌ଲା ସିଇଓ ରହିବେ ବୋଲି ଗତ ଜାନୁୟାରୀରେ ଏକ ସମ୍ମିଳନୀରେ କହିଥିଲେ। ତେଣୁ ତାଙ୍କର ଏଭଳି ପୋଷ୍ଟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ରକେଟ କମ୍ପାନୀ ସ୍ପେସ୍‌ଏକ୍ସ ପ୍ରତିଷ୍ଠାତା ମସ୍କଙ୍କ ଆଗକୁ ଅନେକ ଯୋଜନା ରହିଛି। ମହାକାଶ ପର୍ଯ୍ୟଟନ ସେଥିମଧ୍ୟରୁ ଏକ ପ୍ରମୁଖ ଯୋଜନା।

### ଜାମିନ ସର୍ତ୍ତରୁ ମୁକୁଳିବାକୁ ହାଇକୋର୍ଟ ଗଲେ ଆର୍ୟ୍ୟନ

**ମୁମ୍ବାଇ, ୧୦।୧୨:** ମୁମ୍ବାଇ ଉପକୂଳରେ ଡ୍ରଗ୍ସପାର୍ଟି ମାମଲାରେ ଗିରଫ ହୋଇ ଜାମିନରେ ମୁକୁଳିଥିବା ଅଭିନେତା ଶାହରୁଖ ଖାନଙ୍କ ପୁଅ ଆର୍ୟ୍ୟନ ଖାନ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଜାମିନ ସର୍ତ୍ତରେ ସଂଶୋଧନ କରିବାକୁ ସେ କୋର୍ଟରେ ଆବେଦନ କରିଛନ୍ତି। ଅକ୍ଟୋବର ୨୮ରେ ମିଳିଥିବା ଜାମିନରେ ପ୍ରତି ଶୁକ୍ରବାର ମୁମ୍ବାଇ ସ୍ଥିତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଅଫିସ୍‌ରେ ହାଜର ହେବାକୁ ସର୍ତ୍ତ ରହିଥିଲା। ଜାମିନ୍ ସର୍ତ୍ତନାମାରୁ ତାହାକୁ ହଟାଇବାକୁ ସେ ଅଦାଲତଙ୍କୁ ନିବେଦନ କରିଛନ୍ତି।

### ଆଫଗାନିସ୍ତାନରୁ ୧୦୪ ଜଣଙ୍କୁ ଫେରାଇ ଆଣିଲା ଭାରତ

**ନୂଆଦିଲ୍ଲୀ, ୧୦।୧୨(ପି.ଟି.):** ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ୧୦୪ ଜଣଙ୍କୁ ଭାରତ ସରକାର ଶୁକ୍ରବାର ସ୍ୱତନ୍ତ୍ର ଚାର୍ଟର ବିମାନ ଯୋଗେ ଫେରାଇ ଆଣିଛନ୍ତି। ଭାରତର 'ଅପରେଶନ ଦେବୀ ଶକ୍ତି' ଅଧୀନରେ ଏହି ବିମାନ ବ୍ୟବସ୍ଥା କରାଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଛନ୍ତି। ଗତ ଅଗଷ୍ଟ ୧୫ରେ ଆଫଗାନିସ୍ତାନ ତାଲିବାନ୍ ଦଖଲକୁ ଯିବା ପରେ ସେଠାରେ ଭାରତୀୟଙ୍କୁ ଉଦ୍ଧାର କରି ଫେରାଇ ଆଣିବା ନିମନ୍ତେ ସରକାରଙ୍କ ପକ୍ଷରୁ ଦେବୀଶକ୍ତି ଅଭିଯାନ ଆରମ୍ଭ ହୋଇଥିଲା। ଶୁକ୍ରବାର ସେଠାରୁ ୧୦ ଭାରତୀୟ ଏବଂ ୯୪ ଆଫଗାନ ହିନ୍ଦୁ-ଶିଖ୍ ସଂଖ୍ୟାଲଘୁଙ୍କୁ ଫେରାଇ ଅଣାଯାଇଛି।

# ଆସେଞ୍ଜୀଙ୍କୁ ପ୍ରତ୍ୟର୍ପଣ କରିବ ବ୍ରିଟେନ

**ଲଣ୍ଡନ, ୧୦।୧୨**

ମିଡିଆ ସଂସ୍ଥା ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜୀଙ୍କୁ ପ୍ରତ୍ୟର୍ପଣ ନିମନ୍ତେ ବ୍ରିଟେନ ହାଇକୋର୍ଟରେ ଆମେରିକା କରିଥିବା ଆବେଦନକୁ ଶୁକ୍ରବାର ମଞ୍ଜୁରୀ ମିଳିଛି। ଏବେ ତାଙ୍କୁ ହାଇ ସିକ୍ୟୁରିଟି ବେଲମାର୍ଶ ଜେଲରୁ ଆମେରିକା ପଠାଯିବା ଏକ ପ୍ରକାର ନିଶ୍ଚିତ। ୫୦ ବର୍ଷୀୟ ଅଷ୍ଟ୍ରେଲୀୟ ନାଗରିକ ଆସେଞ୍ଜୀଙ୍କ ବିରୋଧରେ ଆମେରିକାରେ ୧୮ ସଙ୍ଗିନ ମାମଲା ରହିଛି। ସେ ଆମେରିକାର ଗୋପନୀୟ ସେନା ଡକ୍ୟୁମେଣ୍ଟକୁ ୱିକିଲିକ୍ସରେ ପ୍ରକାଶ କରିବା ସହ ସେଠାରେ ଗୁପ୍ତଚରଗିରି କରିଥିବା ଅଭିଯୋଗ ରହିଛି। ତେବେ ପ୍ରତ୍ୟର୍ପଣ କରାଯିବା ପରେ ଆମେରିକା ତାଙ୍କ ସହ ମାନବୀୟ ବ୍ୟବହାର କରିବ ବୋଲି ସୁନିଶ୍ଚିତ କରିଥିବା କୋର୍ଟ କହିଛନ୍ତି। ପ୍ରତ୍ୟର୍ପଣ ସମ୍ପର୍କିତ ଅନୁରୋଧ ଗୃହ ସଚିବ ପ୍ରୀତି ପଟେଲଙ୍କ ନିକଟକୁ ପଠାଇବା ନିମନ୍ତେ ନିମ୍ନ ଅଦାଲତର ବିଚାରପତିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରୀତି ପଟେଲ ଏହା ଉପରେ ଶେଷ ନିଷ୍ପତ୍ତି ନେବେ।

କୋର୍ଟରେ ମାମଲାର ଶୁଣାଣିବେଳେ ଆସେଞ୍ଜୀ ବେଲମାର୍ଶ ଜେଲରୁ ଭିଡିଓ ଲିଙ୍କ୍ ଯୋଗେ ଉପସ୍ଥିତ ଥିଲେ। ଆସେଞ୍ଜୀ ମାନସିକ ଭାବେ ଅସୁସ୍ଥ ଥିବାରୁ ସେ ଆମେରିକୀୟ ନ୍ୟାୟିକ ବ୍ୟବସ୍ଥାକୁ ସାମ୍ନା କରିପାରିବେନି ବୋଲି ଦର୍ଶାଇ ଗତ ଜାନୁୟାରୀରେ ବ୍ରିଟେନର ଏକ କୋର୍ଟ ଆମେରିକାର ପ୍ରତ୍ୟର୍ପଣ ଆବେଦନକୁ ଜାନୁୟାରୀ ୪ରେ ଖାରଜ କରିଥିଲେ। ଏହି ରାୟକୁ ଆମେରିକା ବ୍ରିଟେନ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।



ୱିକିଲିକ୍ସ ପ୍ରତିଷ୍ଠାତାଙ୍କୁ ମୁକ୍ତ କରିବା ପାଇଁ କୋର୍ଟ ବାହାରେ ସମର୍ଥକଙ୍କ ବିକ୍ଷୋଭ।


ଜୁଲିଆନ ଆସେଞ୍ଜୀ

- ଆମେରିକାର ଆବେଦନକୁ କୋର୍ଟ ମଞ୍ଜୁରୀ
- ୱିକିଲିକ୍ସ ପ୍ରତିଷ୍ଠାତାଙ୍କ ନାଁରେ ୧୮ ମାମଲା
- ଦୋଷୀ ହେଲେ ୧୭୫ ବର୍ଷ ଜେଲ

ଆମେରିକାର ଓକିଲ ଆସେଞ୍ଜୀଙ୍କ ବିରୋଧରେ ୧୭ ଗୁପ୍ତଚରଗିରି ମାମଲା ଏବଂ କମ୍ପ୍ୟୁଟର ଅପବ୍ୟବହାର କରି ୱିକିଲିକ୍ସ ପବ୍ଲିକେଶନରେ ହଜାର ହଜାର ଗୋପନୀୟ ସେନା ତଥ୍ୟ ଓ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଡକ୍ୟୁମେଣ୍ଟକୁ ପ୍ରକାଶ କରିଥିବା ନେଇ ଆଉ ଏକ ମାମଲା ରହିଥିବା କୋର୍ଟରେ ଉପସ୍ଥାପନ କରିଥିଲେ। ଏ ସମସ୍ତ ଅଭିଯୋଗ ସତ ପ୍ରମାଣ ହେଲେ ଆସେଞ୍ଜୀଙ୍କୁ ସର୍ବାଧିକ ୧୭୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ। ତେବେ ବ୍ରିଟେନ କୋର୍ଟଙ୍କ ଏହି ରାୟ ବିରୋଧରେ ଖୁବ୍‌ଶୀଘ୍ର ତାଙ୍କ ଲିଗାଲ ଟିମ୍ ଅପିଲ କରିବେ ବୋଲି ଆସେଞ୍ଜୀଙ୍କ ପ୍ରେମିକା ଷ୍ଟେଲା ମୋରିସ୍ କହିଛନ୍ତି। ବିଶ୍ୱ ମାନବାଧିକାର ଦିବସ ପାଳୁଥିବାବେଳେ ବ୍ରିଟେନ କୋର୍ଟ ଜଣେ ଅନୁସନ୍ଧାନକାରୀ ସାମ୍ବାଦିକତାକୁ ଅନ୍ଧାରକୁ ଠେଲି ଦେବା ସହ ଆସେଞ୍ଜୀଙ୍କ ଉପରେ ଅତ୍ୟାଚାରର ରାସ୍ତା ଖୋଲି ଦେଇଛନ୍ତି ବୋଲି ୱିକିଲିକ୍ସର ଖବରଦାତା କ୍ରିଷ୍ଟିନ୍ କହିଛନ୍ତି।

## କ'ଣ କରିଥିଲେ ଆସେଞ୍ଜୀ

ଆସେଞ୍ଜୀଙ୍କ ୱିକିଲିକ୍ସ ୨୦୧୦ରେ ଆମେରିକା ମିଲିଟାରିର ଏକ ଭିଡିଓ ପ୍ରକାଶ କରିଥିଲା। ୨୦୦୭ରେ ଆପାଚି ହେଲିକପ୍ଟର ଆକ୍ରମଣରେ ବାଗ୍‌ଦାଦରେ ୨ ଜଣ ରଏଟର୍ସ ଖବରଦାତାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ସଂକ୍ରାନ୍ତରେ ଉକ୍ତ ଭିଡିଓରେ ଦେଖିବାକୁ ମିଳିଥିଲା। ଏଥିସହ ଆଫଗାନିସ୍ତାନ ଓ ଇରାକ ଯୁଦ୍ଧ ସହ ଜଡ଼ିତ ଆମେରିକାର ଅନେକ ଗୋପନୀୟ ସାମରିକ ଏବଂ ପ୍ରତିରକ୍ଷା ଦସ୍ତାବିଜ୍ ମଧ ୱିକିଲିକ୍ସରେ ପ୍ରକାଶିତ ହୋଇଥିଲା। ସେବେଠାରୁ ସେ ଆମେରିକାର ୱାଣ୍ଟେଡ୍ ଲିଷ୍ଟରେ ଥିଲେ। ସୁଇଡେନରେ ଆସେଞ୍ଜୀଙ୍କ ବିରୋଧରେ ବଳାତ୍କାର ଓ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା। ପ୍ରତ୍ୟର୍ପଣରୁ ରକ୍ଷା ପାଇବା ପାଇଁ ସେ ୨୦୧୨ରେ ଲଣ୍ଡନରେ ଥିବା ଇକ୍ୟୁଏଡର ଦୂତାବାସରେ ଆଶ୍ରୟ ନେଇଥିଲେ। ସେଠାରେ ସେ ୭ ବର୍ଷ ରହିଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ କୋର୍ଟରେ ହାଜର ନ ହେବାରୁ ୨୦୧୯ରେ ତାଙ୍କୁ ବ୍ରିଟେନରେ ଗିରଫ କରାଯାଇଥିଲା। ସୁଇସ୍‌ବ୍ୟାଙ୍କକୁ ସର୍ବାଧିକ କଳାଧନ ଭାରତରୁ ଆସୁଛି ବୋଲି ୨୦୧୧ରେ ଏକ ନ୍ୟୁଜ ଚ୍ୟାନେଲକୁ ସାକ୍ଷାତକାର ଦେଇ ଆସେଞ୍ଜୀ କହିଥିଲେ।

### ଟ୍ରକ୍ ଦୁର୍ଘଟଣାରେ ୫୩ ଶରଣାର୍ଥୀ ମୃତ

**ମେକ୍ସିକୋ ସିଟି, ୧୦।୧୨**

ଦକ୍ଷିଣ ମେକ୍ସିକୋର ଚିଆପାସ୍‌ରେ ଗୁରୁବାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରାୟ ୫୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ କେନ୍ଦ୍ରୀୟ ଆମେରିକାର ଶରଣାର୍ଥୀ ବୋଲି ଜଣାପଡ଼ିଛି। ତେବେ ସେମାନେ ବାସ୍ତବରେ କେଉଁ ଦେଶର ନାଗରିକ ତାହା ସ୍ପଷ୍ଟ ହୋଇନାହିଁ। ଉକ୍ତ ଟ୍ରକ୍‌ରେ ଶତାଧିକ ଲୋକ ରହିଥିଲେ। ଗାଡ଼ିଟି ଚିଆପାସ୍ ରାଜ୍ୟର ରାଜଧାନୀ ଅଭିମୁଖେ ଯାଉଥିବାବେଳେ ଏକ ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### କ୍ଷମା ମାଗିଲେ ନୱାବ

**ମୁମ୍ବାଇ, ୧୦।୧୨**

ଡ୍ରଗ୍ସ ପାର୍ଟି ମାମଲାରେ ଅଭିନେତା ଶାହରୁଖ ଖାନଙ୍କ ପୁଅ ଆର୍ୟ୍ୟନ ଖାନଙ୍କ ଗିରଫଦାରିକୁ କେନ୍ଦ୍ରକରି ଏନ୍‌ସିବି ଅଫିସର ସମୀର ୱାଙ୍ଖେଡେଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ ମୁମ୍ବାଇ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ଆଗକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏପରି କମେଣ୍ଟ ଦେବେ ନାହିଁ ବୋଲି ନୱାବ ପୂର୍ବରୁ କୋର୍ଟରେ କହିଥିଲେ। ୱାଙ୍ଖେଡେଙ୍କ ବାପା କରିଥିବା ମାନହାନି ମକଦ୍ଦମାର ଶୁଣାଣିବେଳେ ନୱାବ କ୍ଷମା ପ୍ରାର୍ଥନା କରିଛନ୍ତି।

# ଚାଲିଛି କାରଣ ଖୋଜା

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୧୦।୧୨**

ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍, ତାଙ୍କ ସ୍ତ୍ରୀ ମଧୁଲିକା ଓ ଅନ୍ୟ ୧୨ ଜଣ ବୁଧବାର ୱେଲିଂଟନସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜକୁ ଯାଉଥିବାବେଳେ ବାୟୁସେନା ହେଲିକପ୍ଟର କୁନ୍ନୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଖୋଜିବା ପାଇଁ ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ୍ ମାର୍ଶଲ ମାନବେନ୍ଦ୍ର ସିଂଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନା ଖରାପ ପାଗ ହେତୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ତାହା ଅଦ୍ୟାବଧି ସାମ୍ନାକୁ ଆସିନାହିଁ। ଏଭଳି ସମୟରେ ଏହାକୁ ନେଇ ଲୋକଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରୁଛି। କେହି କେହି ଏହାକୁ ଏକ ଷଡ଼ଯନ୍ତ୍ର ବୋଲି ବିବେଚନା କରୁଛନ୍ତି। ଶିବସେନାର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ କହିଛନ୍ତି, ଜେନେରାଲ ରାୱତ୍ ଚାଇନା ଓ ପାକିସ୍ତାନ ବିରୋଧରେ ଭାରତୀୟ ସାମରିକ ବଳର ଶକ୍ତି ବୃଦ୍ଧିରେ ମୁଖ୍ୟ ଭୂମିକା ନେଇଥିଲେ। ତେଣୁ ଏହି ଘଟଣାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଚାଇନାର ସରକାରୀ ଗଣମାଧ୍ୟମ 'ଗ୍ଲୋବାଲ ଟାଇମ୍ସ' ଏପରି ଷଡ଼ଯନ୍ତ୍ର ଥିଓରିକୁ ଖଣ୍ଡନ କରିଛି। ଏହି ଦୁର୍ଘଟଣା ଭାରତର ଲଢ଼େଇ ପ୍ରସ୍ତୁତିରେ ବିଫଳତାକୁ ଦର୍ଶାଉଛି। ଏଥିସହ ଭାରତୀୟ ସେନାର ଆଧୁନିକୀକରଣ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି) ଦ୍ୱାରା ପରିଚାଳିତ ଏହି ଗଣମାଧ୍ୟମ ଏକ ରିପୋର୍ଟରେ ଉଲ୍ଲେଖ କରିଛି। ଇତିମଧ୍ୟରେ ହେଲିକପ୍ଟର ଦୁର୍ଘଟଣାର କାରଣ ସ୍ପଷ୍ଟ କରିବା ଲାଗି ବାୟୁସେନା ପକ୍ଷରୁ ଏକ ଟ୍ରାଇ-ସର୍ଭିସ୍ ଉଚ୍ଚସ୍ତରୀୟ କୋର୍ଟ ଅଫ୍ ଇନ୍‌କ୍ୱାରି ଗଠନ କରାଯାଇଛି। ତଦନ୍ତ ଶେଷ ନ ହେବା ଯାଏ କୌଣସି କଳ୍ପନାଜଳ୍ପନା ପ୍ରକାଶ ନ କରି ମୃତକଙ୍କ ସମ୍ମାନ ଓ ମର୍ଯ୍ୟାଦା ପ୍ରତି ଧ୍ୟାନ ଦେବା ପାଇଁ ଆଇଏଏଫ୍ ପକ୍ଷରୁ କୁହାଯାଇଛି।


ବିପିନ ରାୱତ୍‌ଙ୍କ ମରଶରୀରକୁ ୩ କାମରାଜ ମାର୍ଗରୁ ବ୍ରାର୍ ସ୍କୋୟାର ଶ୍ମଶାନକୁ ନିଆଯାଉଛି।

### ବରୁଣ ସିଂଙ୍କ ଅବସ୍ଥା ସଙ୍କଟାପନ୍ନ

ଜେନେରାଲ ବିପିନ ରାୱତ୍‌ଙ୍କ ସହ ବାୟୁସେନାର ଏମ୍‌ଆଇ-୧୭ଭି୫ ହେଲିକପ୍ଟରରେ ଯାଉଥିବାବେଳେ ତାମିଲନାଡୁର କୁନ୍ନୁର ନିକଟରେ ଦୁର୍ଘଟଣାର ଶିକାର ହୋଇ ବର୍ତ୍ତିଯାଇଥିବା ଗ୍ରୁପ୍ କ୍ୟାପଟେନ ବରୁଣ ସିଂଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶୌର୍ଯ୍ୟଚକ୍ର ବିଜେତା ବରୁଣଙ୍କୁ ଗୁରୁବାର ୱେଲିଂଟନ ମିଲିଟାରି ହସ୍ପିଟାଲରୁ ଏୟାରଲିଫ୍ଟ କରି ବେଙ୍ଗାଲୁରୁସ୍ଥିତ ଏୟାରଫୋର୍ସ କମାଣ୍ଡ ହସ୍ପିଟାଲକୁ ନିଆଯାଇଥିଲା। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଶୁକ୍ରବାର ଉକ୍ତ ହସ୍ପିଟାଲକୁ ଯାଇ ବାୟୁସେନା ଅଧିକାରୀମାନଙ୍କୁ ବରୁଣଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ବରୁଣଙ୍କ ଚିକିତ୍ସାରେ ଏକ ଡାକ୍ତରୀ ବିଶେଷଜ୍ଞ ଦଳ ନିୟୋଜିତ ଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ତାଙ୍କର ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି।



### ଗୋରୁ ଚୋର ସନ୍ଦେହରେ ପିଟି ହତ୍ୟା

**ପାଟନା, ୧୦।୧୨**

ବିହାରର ଅରାରିଆ ଜିଲାରେ ଗୋରୁ ଚୋର ସନ୍ଦେହରେ ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ବୁଧବାର ଏହି ଭିଡ଼ହିଂସା ଘଟିଥିବାବେଳେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ପରେ ଘଟଣା ପଦାକୁ ଆସିଛି। ନେପାଳ ସୀମାନ୍ତବର୍ତ୍ତୀ ଫୋର୍ବେସଗଞ୍ଜ ସବ୍‌ଡିଭିଜନ ଅନ୍ତର୍ଗତ ଭବାନୀପୁର ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ପୋଲିସ କହିବା ଅନୁଯାୟୀ, ଉକ୍ତ ଗ୍ରାମର ସନିଚର ବାରିୟେତ୍‌ଙ୍କର କେତେକ ମଇଁଷି ଓ ବଳଦ ଚୋରି ହୋଇଥିବା ଖବର ପ୍ରକାଶ ପାଇଥିଲା। ଜଣେ ଗ୍ରାମବାସୀ ସେଠାରେ କେତେଜଣ ଅଜଣା ଲୋକଙ୍କୁ ଦେଖି ଗୋରୁ ଚୋର ବୋଲି ଚିତ୍କାର କରିବାରୁ ଗାଁର ଅନ୍ୟମାନେ ରୁଣ୍ଡ ହୋଇଯାଇଥିଲେ। ଗାଁ ଲୋକମାନେ ସେମାନଙ୍କୁ ଗୋଡ଼ାଇବାରୁ ସେମାନଙ୍କୁ ଭୟଭୀତ କରିବା ଲାଗି ଜଣେ ଚୋର ଫାଙ୍କା ଗୁଳିଚାଳନା କରିଥିଲା। କୁହୁଡ଼ିର ସୁଯୋଗ ନେଇ ଅନ୍ୟମାନେ ଖସି ପଳାଇଯାଇଥିବାବେଳେ ମହମ୍ମଦ ସିଦ୍ଦିକି ନାମକ ୫୦ ବର୍ଷୀୟ ବ୍ୟକ୍ତି ଧରାପଡ଼ିଯାଇଥିଲେ। ଫଳରେ ଗ୍ରାମବାସୀ ତାଙ୍କୁ ନିର୍ଘୁମ୍ ମାଡ଼ ମାରିଥିଲେ।

### ପୋଲିସ କାର୍ଯ୍ୟାନୁଷ୍ଠାନରେ ଚାଷୀ ମରିନାହାନ୍ତି: ତୋମାର

**ନୂଆଦିଲ୍ଲୀ, ୧୦।୧୨**

ତିନି କୃଷି ଆଇନ ବିରୋଧରେ ବର୍ଷବ୍ୟାପୀ ଆନ୍ଦୋଳନବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରେ କୌଣସି ଚାଷୀ ପ୍ରାଣ ହରାଇ ନ ଥିବା କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଶୁକ୍ରବାର ରାଜ୍ୟ ସଭାରେ କହିଛନ୍ତି। କଂଗ୍ରେସ ନେତା ଧୀରଜ ପ୍ରସାଦ ସାହୁ ଏବଂ ଏଏପି ନେତା ସଞ୍ଜୟ ସିଂଙ୍କ ମିଳିତ ପ୍ରଶ୍ନର ଲିଖିତ ଉତ୍ତର ରଖି ତୋମାର କହିଥିଲେ, ଆନ୍ଦୋଳନବେଳେ ମୃତ୍ୟୁ ଘଟିଥିବା ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦେବା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦାୟିତ୍ୱ। ଏମ୍‌ଏସ୍‌ପି ଉପରେ ବିଚାର ଲାଗି କମିଟି ଗଠନ ଏବଂ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର ସମେତ ଅନ୍ୟ କେତେକ ଦାବି ପୂରଣ ଲାଗି ସରକାର ପ୍ରତିଶ୍ରୁତି ଦେବା ପରେ ଏସ୍‌କେଏମ୍ ଆନ୍ଦୋଳନ ସ୍ଥଗିତ ରଖିଛି।

# ସ୍ପଷ୍ଟୀକରଣ ମାଗିଲେ ବିରୋଧୀ

**ନୂଆଦିଲ୍ଲୀ, ୧୦।୧୨(ପି.ଟି.)**

### ୨୦୭୦ ସୁଦ୍ଧା ନେଟ୍ ଜିରୋ ଘୋଷଣା

ଗ୍ଲାସ୍‌ଗୋରେ ଅନୁଷ୍ଠିତ ଜଳବାୟୁ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୭୦ ସୁଦ୍ଧା ଭାରତ ଅଙ୍ଗାରକାମ୍ଳ ନିର୍ଗମନ ମୁକ୍ତ (ନେଟ୍ ଜିରୋ) ହେବ ବୋଲି କହି ସମସ୍ତଙ୍କୁ ବିସ୍ମିତ କରିଦେଇଥିଲେ। ଏହା ପଛର ବାସ୍ତବତା କେତେ ସେନେଇ ଶୁକ୍ରବାର ଲୋକ ସଭାରେ ବିରୋଧୀ ଦଳ ପ୍ରଶ୍ନ ଉଠାଇଛି। ଏପରିକି କପ୍୨୬ର ସପ୍ତାହେ ପୂର୍ବରୁ ମଧ ନେଟ୍ ଜିରୋ ଘୋଷଣା ସମ୍ପର୍କରେ ସରକାର କୌଣସି ଆଗ୍ରହ ଦେଖାଇ ନ ଥିଲେ। ପରିବେଶ ସଚିବ ମଧ ଗଣମାଧ୍ୟମ ଆଗରେ ଏହାକୁ ଖଣ୍ଡନ କରିଥିଲେ ବୋଲି ତୃଣମୂଳ କଂଗ୍ରେସ ସଦସ୍ୟ ସୌଗତ ରାୟ କହିଛନ୍ତି। ବୁଧବାର ଡିଏମ୍‌କେ ଏମ୍‌ପି କାନିମୋଝି ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା ଆରମ୍ଭ କରିଥିଲେ। କାହା ଚାପରେ ପ୍ରଧାନମନ୍ତ୍ରୀ ଗ୍ଲାସ୍‌ଗୋଠାରେ ମତ ପରିବର୍ତ୍ତନ କରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଟାର୍ଗେଟ ଘୋଷଣା କଲେ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ୨୦୭୦କୁ ନେଟ୍ ଜିରୋ ଟାର୍ଗେଟ ସାବ୍ୟସ୍ତ କରିବା ପଛରେ କୌଣସି ନିର୍ଭରଯୋଗ୍ୟ ଗବେଷଣା ଉପଲବ୍ଧ ଅଛି କି? ଏହା ଉପରେ ପୂର୍ବରୁ କୌଣସି ଆଲୋଚନା ହୋଇଥିଲା କି ବୋଲି ରାୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି।

୧୯୯୨ ରିଓ ସମ୍ମିଳନୀ ପରେ ଗତ ୩ ଦଶନ୍ଧି ହେଲା ବିକଶିତ ଦେଶଗୁଡ଼ିକ ସେମାନଙ୍କ ଜଳବାୟୁ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାରେ ପଛଘୁଞ୍ଚା ଦେଉଛନ୍ତି ବୋଲି ଆର୍‌ଏସ୍‌ପି ନେତା ଏନ୍.କେ. ପ୍ରେମଚନ୍ଦ୍ରନ୍ ଅଭିଯୋଗ କରିଥିଲେ। ଗ୍ଲାସ୍‌ଗୋ ଘୋଷଣାନାମାରେ ମୁଖ୍ୟତଃ ସାଧାରଣ ତଥା ବିଭେଦିତ ଉତ୍ତରଦାୟିତ୍ୱ ଦେଖାଯାଇଛି। କପ୍୨୬ରେ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକର ଧାରଣା ବଦଳିଥିବାବେଳେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଧନୀ ଦେଶଗୁଡ଼ିକ ଗରିବ ଦେଶ ପଛରେ ଆତ୍ମଗୋପନ କରୁଛନ୍ତି ବୋଲି ପ୍ରେମଚନ୍ଦ୍ରନ କହିଥିଲେ। ଅନ୍ୟପକ୍ଷରେ ପ୍ରକୃତିର ସୁରକ୍ଷା ପାଇଁ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଏନ୍‌ସି ନେତା ହସନାଇନ୍ ମାସୁଦ୍ କହିଥିଲେ। ଆଲୋଚନାରେ ଭାଗନେଇ କଂଗ୍ରେସ ଏମ୍‌ପି ବେନି ବେହନାନ କହିଥିଲେ, ଜଳବାୟୁ ପରିବର୍ତ୍ତନ ବିରୋଧରେ କାର୍ଯ୍ୟ କରିବା ସମୟ ଆସିଛି। ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ କହିଥିଲେ। ସ୍କୁଲ୍ ସ୍ତରରୁ ପିଲାଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରାଇବାକୁ ଭାଜପାର ତାପିର ଗାଓ ପ୍ରସ୍ତାବ ଦେଇଥିଲେ।



## ଜଣେ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ: ଅନୁଗୋଳ ଜିଲାରୁ ଶୁକ୍ରବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୯୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଆକ୍ରାନ୍ତ ଜଣକ ତାଳଚେର ବ୍ଲକର ବୋଲି ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ୭୨ ୟୁନିଟ୍ ରକ୍ତ ସଂଗ୍ରହ



ବଇଣ୍ଡା,୧୦।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଶୁକ୍ରବାର ଏନ୍‌ଏସ୍‌ଏସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଲେଜ ଅଧକ୍ଷ ସିଦ୍ଧାର୍ଥ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧାପକ କାଳନ୍ଦୀ ଚରଣ ପ୍ରଧାନ, ପ୍ରୋଗ୍ରାମ ଅଫିସର ଶୁଭଶ୍ରୀ ପ୍ରଧାନ, ସୁଧାକର ସାହୁ ଯୋଗ ଦେଇଥିଲେ। ଏଥିରେ ବଇଣ୍ଡା ଓ ଆଖପାଖ ଅଞ୍ଚଳର ବହୁ ଯୁବତୀ ଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। ମୋଟ୍ ୭୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ଡା. ପ୍ରଦୀପ କୁମାର ସାହୁ ଓ ଅଙ୍ଗପଡା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିନୋଦିନୀ ଗଡ଼ନାୟକ ଯୋଗଦେଇ ରକ୍ତଦାତାଙ୍କ ରକ୍ତ ଚାପ ପରୀକ୍ଷା କରିଥିଲେ। ଏଥିରେ ମୋ କଲେଜ ଅଭିଯାନର କର୍ମକର୍ତ୍ତା, ସମସ୍ତ ଅଧାପିକା ଅଧାପକ ସହଯୋଗ କରିଥିଲେ।

### ଭାଲୁ ଆକ୍ରମଣରେ ୨ ଗୁରୁତର

ଆଠମଲ୍ଲିକ,୧୦।୧୨(ଡି.ଏନ.ଏ.)- ଆଠମଲ୍ଲିକ ଥାନା ବଘୁଆକଟା ଗ୍ରାମର ମୁରାରି ବେହେରା (୪୦) ଓ ତେଲନଇ ଗ୍ରାମର ତୁଳା ପ୍ରଧାନ (୩୫) ଶୁକ୍ରବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତୁଳାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଫରେଷ୍ଟର ଗୌର ଦନ୍ତା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ଶିକ୍ଷାନୀତି ପ୍ରଶିକ୍ଷଣ ଶିବିର



ବଅଁରପାଳ,୧୦।୧୨(ଡି.ଏନ.ଏ.)- ବଅଁରପାଳ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିଳ୍ପପତି ଗଙ୍ଗାଧର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ଅଖିଳ କୁମାର ମହାପାତ୍ର, ପ୍ରସନ୍ନ କୁମାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କୁମାର ମିଶ୍ର, ଆରତି ଦ୍ୱିବେଦୀ, ଅନିତା ସାହୁ, ଜଗତ କୁମାର ପ୍ରଧାନ ଯୋଗଦେଇଥିଲେ। ଉକ୍ତ କର୍ମଶାଳାରେ ମୋଟ ୬୦ ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପୁରନ୍ଦର ବିଶ୍ୱାଳ, ହେମନ୍ତ କୁମାର ସାହୁ, ସୁମନ୍ତ କୁମାର ସାମଲ, ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.)-ଛେଣ୍ଡିପଦା ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ କୁକୁରପେଟା ପ୍ରୋଜେକ୍ଟ ନିକଟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ନେତା ଧୀରେନ୍ଦ୍ର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଭାଜପା କାର୍ଯ୍ୟକର୍ତ୍ତା ବିମଳ ରାଉଳ, ଗୋବିନ୍ଦ ଚନ୍ଦ୍ର ନାଏକ, ଚିତ୍ତରଞ୍ଜନ ସାହୁ, ଜଗନ୍ନାଥ ସାହୁ, ଚକ୍ରଧର ବେହେରା, ଘନଶ୍ୟାମ ସାହୁ, ଜୟନ୍ତ ସାହୁ, ଯଶୋବନ୍ତ ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରିଥିଲେ।

### ନୀରବ ପ୍ରାର୍ଥନା, ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ/ ଆଠମଲ୍ଲିକ, ୧୦।୧୨- ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ସହର ଅମଲାପଡ଼ା ଠାରେ ଶହୀଦ ସ୍ମୃତି କମିଟି ପକ୍ଷରୁ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସିଡିଏସ୍ ବିପିନ ରାୱତ, ଜୁନିୟର ୱାରେଣ୍ଟ ଅଫିସ ରାଣାପ୍ରତାପ ଦାସଙ୍କ ସହ ୧୩ ମୃତକଙ୍କ ପାଇଁ ଗୋଟିଏ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅମର ଆତ୍ମାର ସଦ୍‌ଗତି କାମନା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଯାଇଥିଲା। ସେହିପରି ଏଭଳି ଦୁଃଖଦ ଘଟଣାକୁ ନେଇ ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଂଘ ସଭାପତି ଘନଶ୍ୟାମ ବେହେରା, ଆଇନଜୀବୀ ଅଞ୍ଜନ ପ୍ରଧାନ, ଉପସଭାପତି ଓମ୍‌ଚାନ୍ଦ ପ୍ରଧାନ, ସମ୍ପାଦକ ସବ୍ୟସାଚୀ ସିଂସାମନ୍ତ, ସହସମ୍ପାଦକ ରଞ୍ଜିତ ମହାନନ୍ଦିଆ ପ୍ରମୁଖ ଶହୀଦଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଛନ୍ତି।

# ବର୍ଷକଯାକ ବିପଦପୂର୍ଣ୍ଣ

ତାଳଚେର,୧୦।୧୨ (ନି.ପ୍ର.)



- ଖରାଦିନେ ଧୂଳିଧୂଆଁ ଯୋଗୁ ବଢ଼ୁଛି ଦୁର୍ଘଟଣା
- ବର୍ଷାଦିନେ ଆଣ୍ଠୁଏ କାଦୁଅ ହେଉଛି ୫୩ନଂ. ରାଜପଥ
- ଯାତାୟାତ ସମସ୍ୟାରେ ତାଳଚେରବାସୀ

ତାଳଚେର ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥରେ ଦିନରାତି ହେଉଛି କୋଇଲା ପରିବହନ। ଦୈନିକ ୫ ହଜାରରୁ ଅଧିକ ଟ୍ରକ୍ ଏହି ରାଜପଥରେ ଚଳପ୍ରଚଳ କରୁଛି। ଅତ୍ୟନ୍ତ ବ୍ୟସ୍ତବହୁଳ ହୋଇଥିବାରୁ ଏହି ରାସ୍ତା ପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା କଥା। ଏହାଛଡ଼ା ମାସିକ ଶତାଧିକ କୋଟି ଟଙ୍କାର ରାଜସ୍ୱ ମିଳୁଥିବାରୁ ଖଣିଜରେ ପରିପୂର୍ଣ୍ଣ ତାଳଚେରବାସୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ ଦିଗରେ ବଳିଷ୍ଠ ପଦକ୍ଷେପ ନିଆଯିବା କଥା। ହେଲେ ତାଳଚେରବାସୀଙ୍କ ଦୀର୍ଘବର୍ଷର ଏହି ସମସ୍ୟାର ସମାଧାନ କରାଯାଉ ନାହିଁ। ଧୂଳିଧୂଆଁ ସହ ଖାଲଖମା, କୋଇଲା କାଦୁଅ ଯୋଗୁ ଏହି ରାଜପଥ ବର୍ଷସାରା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିବା ସହ ଦୁର୍ଘଟଣାରେ ଜୀବନହାନି ଘଟୁଥିବା ସତ୍ତ୍ୱେ ଏହାର ସ୍ଥାୟୀ ନିରାକରଣ କରାଯାଉ ନାହିଁ। ଏ ନେଇ ବୁଦ୍ଧିଜୀବୀ, ଅଞ୍ଚଳବାସୀ, ବିଭିନ୍ନ ସଙ୍ଗଠନ, ପଥଚାରୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି।

ତାଳଚେରରେ କୋଇଲାଭିତ୍ତିକ ଶିଳ୍ପକୁ ଶହେ ବର୍ଷ ହେଲାଣି। ଏହା ମଧ୍ୟରେ ଟିଟିପିଏସ୍, ନାଲ୍‌କୋ, କଣିହାଁ ଏନ୍‌ଟିପିସି, ଜିନ୍ଦଲ ସମେତ ଅନେକ ବୃହତ୍ତ ଉଦ୍ୟୋଗ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବାର୍ଷିକ ସହସ୍ର କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ବିକାଶ ପରିବର୍ତ୍ତେ ପ୍ରଦୂଷଣ ବଳୟକୁ ଚାଲିଯାଇଛି ତାଳଚେର। ଏହି ଅଞ୍ଚଳର ମୁଖ୍ୟ ଜୀବନ ଜୀବିକା ସହିତ ୫୩ ନଂ. ଜାତୀୟ ରାଜପଥ ଯୋଡ଼ି ହୋଇଥିଲେ ମଧ୍ୟ ଏହାକୁ ୪ ଲେନ୍ କରାଯାଉ ନାହିଁ। ରାସ୍ତାରୁ କୋଇଲା ଧୂଳି, କାଦୁଅ ସଫା ହେଉନାହିଁ। ଧୂଳିରୁ ରକ୍ଷା ପାଇଁ ଦୈନିକ ପାଣି ସିଞ୍ଚନ କରାଯାଉ ନାହିଁ। ମରାମତି ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ମାସ ମାସ ଧରି ଏହା ମରଣଯନ୍ତାରେ ପରିଣତ ହେଉଛି। ବହ୍ଲର ଛକରୁ ବାଇପାସ୍ ମାତ୍ର ୨ କିଲୋମିଟର ଯିବାକୁ ଲୋକଙ୍କୁ ଭିଡ଼ ମଧ୍ୟରେ ଘଣ୍ଟା ଘଣ୍ଟା ଲାଗିଯାଉଛି। ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସକୁ ମଧ୍ୟ ବାଟ ମିଳୁନାହିଁ। ଦୁର୍ଘଟଣା ଯୋଗୁ ଦୈନିକ ଧନଜୀବନ ହାନି ଘଟୁଛି। ଗତ ୨୩ ତାରିଖରେ ଏହି ରାଜପଥରେ କାମାକ୍ଷାନଗରର ଆଳତମା ଗ୍ରାମର ବିପ୍ରବର ସାହୁଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଗତ ୨୦ ତାରିଖରେ ଢେଙ୍କାନାଳ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ସୁଶାନ୍ତ ପ୍ରଧାନଙ୍କ ଜୀବନ ଟ୍ରକ୍ ଧକ୍କାରେ ଯାଇଥିଲା। ୬ ତାରିଖରେ ଏକଘରିଆ ଗ୍ରାମର ସୌମ୍ୟଦତ୍ତ ଶତପଥୀ (୨୬)ଙ୍କ ହାଇୱା ଧକ୍କାରେ ମୃତ୍ୟୁ ହୋଇଥିଲା। ଦିନକୁ ଦିନ ସମସ୍ୟା ବଢୁଥିବାରୁ ରାଜପଥ ସମ୍ପ୍ରସାରଣ, ମରାମତି, ଟ୍ରାଫିକ ନିୟନ୍ତ୍ରଣ, ଦିନରେ ଭାରିଯାନ ଚଳାଚଳ ବନ୍ଦ ସହ ଧୂଳିଧୂଆଁର ନିରାକରଣ ଦିଗରେ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହେଉଛି।

### ସମସ୍ୟା ପ୍ରତି ଧ୍ୟାନ ଦିଆଯାଉନି



"ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ତାଳଚେରରୁ ସରକାର ମାସିକ ଶତାଧିକ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ପ୍ରଶାସନିକ ଅବହେଳା ଯୋଗୁ ଲୋକଙ୍କ ଧନଜୀବନ କ୍ଷୟକ୍ଷତି ଘଟୁଛି।

-ଜ୍ୟୋତି ରଞ୍ଜନ ଦାସ, ବୁଦ୍ଧିଜୀବୀ

### ଜନପ୍ରତିନିଧି, ପ୍ରଶାସନ ଚୁପ୍



"ବହ୍ଲର ଛକ ଠାରୁ ତାଳଚେର ବାଇପାସ୍ ମାତ୍ର ୨ କି.ମି.। କିନ୍ତୁ ଏହାକୁ ଅତିକ୍ରମ କରିବାକୁ ଅଧଘଣ୍ଟା ଲାଗୁଛି। ଲୋକେ ହଇରାଣ ହେଉଥିବାବେଳେ ଏଠିକାର ଜନପ୍ରତିନିଧି ଓ ପ୍ରଶାସନ ଏ ଦିଗରେ ଦୀର୍ଘବର୍ଷ ହେଲା ପଦକ୍ଷେପ ନେଉନାହାନ୍ତି।

-ନେତ୍ରାନନ୍ଦ ଖୁଣ୍ଟିଆ, ପଥଚାରୀ

### ୪ ଲେନ୍ କରାଯାଉ



"ରାସ୍ତା ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହାକୁ ୪ ଲେନ୍ କରାଯିବା, ଟ୍ରକ୍‌ଗୁଡିକ ପାଇଁ ପାର୍କିଂ ବ୍ୟବସ୍ଥା, ଦୈନିକ ଧୂଳି ସଫା ସହିତ ଜଳସିଞ୍ଚନ ବ୍ୟବସ୍ଥା କରାଯିବା ଜରୁରୀ। ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

-ରଞ୍ଜିତ ମହାପାତ୍ର, ତାଳଚେର

### ଟ୍ରାଫିକ ନିୟନ୍ତ୍ରଣ ନିର୍ଦ୍ଦେଶ ଦିଆଯାଇଛି



"ରାସ୍ତା ପାର୍ଶ୍ୱରେ ଟ୍ରକ୍ ଛିଡ଼ା କରା ନ ଯିବାକୁ ସମସ୍ତ ଏରିଆ ମ୍ୟାନେଜରଙ୍କୁ ଚିଠି କରାଯାଇଛି। ସକାଳ ୧୦ରୁ ରାତି ୮ଟା ପର୍ଯ୍ୟନ୍ତ ଭାରିଯାନ ଚଳପ୍ରଚଳ ବନ୍ଦ, ସମ୍ବଲପୁରଆଡକୁ ଯିବାକୁ ଥିବା ଗାଡ଼ି ନିଶା ଦେଇ ଯିବାକୁ ଏମ୍‌ସିଏଲ୍, ଆର୍‌ଟିଓ, ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

-ବିଶ୍ୱ ରଞ୍ଜନ ରଥ, ଉପଜିଲାପାଳ, ତାଳଚେର

### ମରାମତି କାର୍ଯ୍ୟ ଚାଲିଛି

"ରାଜପଥର ଖାଲଖମା ସ୍ଥାନ ମରାମତି ସରିଲାଣି। ଯେଉଁ ଅଳ୍ପ କିଛି ବାକି ରହିଛି, ତାହାକୁ ସପ୍ତାହକ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ବିଭାଗ ପକ୍ଷରୁ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ରଖାଯାଇଛି। -ଅବିନାଶ ଲେଙ୍କା, ଏସ୍‌ଡିଓ, ଜାତୀୟ ରାଜପଥ

## ବଜାରରେ ଭୁଜାଲି ବୁଲାଇ ଆତଙ୍କ




ଅନୁଗୋଳ ଅଫିସ, ୧୦।୧୨

ଜଳଖିଆ ଦୋକାନରୁ ପାର୍ସଲ ନେବା ପରେ ଟଙ୍କା ନ ଦେଇ ଦୁଇ ଯୁବକ ଭୁଜାଲି ବୁଲାଇ ବଜାରରେ ଆତଙ୍କ ଖେଳାଇଛନ୍ତି। ଶୁକ୍ରବାର ଅପରାହ୍ନରେ ଅନୁଗୋଳ ସହରରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ଅପରାହ୍ନ ୪ଟାରେ ଦୁଇ ଯୁବକ ବସ୍‌ଷ୍ଟାଣ୍ଡସ୍ଥିତ ବିଶ୍ୱଜିତ୍ ବିଶ୍ୱାଳଙ୍କ ଜଳଖିଆ ଦୋକାନରେ ପହଞ୍ଚିଥିଲେ। ସେମାନେ ସିଙ୍ଗଡ଼ା, ବରା, ଛେନାପୋଡ଼ ଓ ରସଗୋଲା ପାର୍ସଲ ନେଇଥିଲେ। କିନ୍ତୁ ଟଙ୍କା ନ ଦେଇ ଦୋକାନ ପିଲାଙ୍କୁ ଧମକ ଦେଇଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଖବରପାଇ ଦୋକାନୀ ବିଶ୍ୱଜିତ ପହଞ୍ଚିବା ପରେ ଟଙ୍କା ଦିଆଯିବ ନାହିଁ ବୋଲି ଯୁବକମାନେ କହିଥିଲେ। ଏହି ସମୟରେ ଜଣେ ଯୁବକ ଗାଡ଼ିରୁ ଭୁଜାଲି କାଢ଼ି ରାସ୍ତାରେ ବୁଲାଇଥିଲେ। ଦୀର୍ଘ ୪୫ ମିନିଟ୍ ଧରି ସେମାନେ ଆତଙ୍କ ଖେଳାଇଥିଲେ ମଧ୍ୟ ଅନୁଗୋଳ ପୋଲିସ ପହଞ୍ଚିପାରି ନ ଥିଲା। ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଦୋକାନୀ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଉଠାଇ ଆଣିଥିବା ସୂଚନା ମିଳିଛି।

## ୮୫ ଜଣଙ୍କୁ ସହାୟକ ଉପକରଣ ପ୍ରଦାନ

ବଅଁରପାଳ, ୧୦।୧୨(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ୮୫ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ, ଆଶାବାଡ଼ି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଅଞ୍ଜଳି ଭୋଇ ଉପସ୍ଥିତ ଥିଲେ। ବିଡିଓ ଏଲିଜା ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ନିର୍ବାହୀ ଅଧିକାରୀ ଦୀନବନ୍ଧୁ ସାହୁ, ହିମାଂଶୁ ଶେଖର ନାୟକ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସମୀର କୁମାର ମାଝି ପ୍ରମୁଖ ସହଯୋଗ କରିଥିଲେ।

## ଏନ୍‌ସିସି ଆଲୁମ୍ନି ପକ୍ଷରୁ କ୍ୟାଣ୍ଡେଲ ଯାତ୍ରା

ଅନୁଗୋଳ ଅଫିସ, ୧୦।୧୨

ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ଆଲୁମ୍ନି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଡ. ଗଙ୍ଗାଧର କର ସିଡିଏସ୍ ବିପିନ ରାୱତଙ୍କ ସମେତ ସମସ୍ତ ମୃତକଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସର୍କିଟ୍ ହାଉସ୍, ବିଜୁ ମଇଦାନ, ଜାତୀୟ ରାଜପଥ ଦେଇ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ସିସିର ପୂର୍ବତନ କ୍ୟାଡେଟ୍ ଓ ବର୍ତ୍ତମାନର କ୍ୟାଡେଟ୍‌ମାନେ ଅଂଶଗ୍ରହଣ କରିଥିଲେ। ବିଶେଷକରି ଅନୁଗୋଳ ମାଟିର ପୁଅ ତଥା ମହାବିଦ୍ୟାଳୟ ଏନ୍‌ସିସିର ପୂର୍ବତନ କ୍ୟାଡେଟ୍ ରାଣାପ୍ରତାପ ଦାସଙ୍କ ସ୍ମୃତିଚାରଣ କରାଯାଇଥିଲା। ଏନ୍‌ସିସି ଏନ୍‌ଓ ଅଧାପକ ଡ. ଅଭିମନ୍ୟୁ ଦାସ ଏହାକୁ ପରିଚାଳନା କରିଥିଲେ।



ଜଗନ୍ନାଥ ମନ୍ଦିର ସମ୍ମୁଖରେ କ୍ୟାଣ୍ଡେଲ ଜଳାଯାଉଛି।

## ସିବି ୨୦୦ ଏକ୍ସ ବଜାର ପ୍ରବେଶ

ଅନୁଗୋଳ ଅଫିସ, ୧୦।୧୨

ଅନୁଗୋଳ ହୋଣ୍ଡା ମୋଟରସାଇକେଲ ଓ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଲକ୍ଷ୍ମୀହୋଣ୍ଡାଠାରେ ବହୁ ପ୍ରତୀକ୍ଷିତ ମୋଟରସାଇକେଲ ହୋଣ୍ଡା ସିବି ୨୦୦ ଏକ୍ସ'ର ବଜାର ପ୍ରବେଶ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ହୋଣ୍ଡା କମ୍ପାନୀର ଜୋନାଲ ମ୍ୟାନେଜର (ସେଲ୍) ଅଜିତ ପଣ୍ଡା, ଜୋନାଲ ମ୍ୟାନେଜର (କଷ୍ଟମର ସର୍ଭିସ୍) ଶିବ ପ୍ରତାପ ସିଂହ ଏବଂ ଏରିଆ ଇନ୍‌ଚାର୍ଜ (କଷ୍ଟମର ସର୍ଭିସ) କୁମାର ଶୁଭେନ୍ଦୁ ସାନ୍ ପ୍ରମୁଖ ଉପସ୍ଥିତ ଥିଲେ। ହୋଣ୍ଡା ୨୦୦ ଏକ୍ସ'ରେ ପାୱାର ଇଞ୍ଜିନ ସହିତ ଆକର୍ଷଣୀୟ ଷ୍ଟାଇଲ, ଉନ୍ନତ ମାଇଲେଜ, ଫିଟର୍ସ ନକଲ କଭର ୱିଥ୍ ଏଲ୍‌ଇଡି ଉଙ୍କର୍ସ (ଇଣ୍ଡିକେଟର), ସ୍ପୋର୍ଟି ସାଇଲେନ୍ସର, ଗୋଲଡେନ୍ ଫ୍ରଣ୍ଟ ସସ୍‌ପେନ୍‌ସନ୍, ଡିଜିଟାଲ ମିଟର, ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଏବିଏସ୍ ସହିତ ଡିସ୍ ବ୍ରେକ୍ ଆଦି ବହୁ ଅତ୍ୟାଧୁନିକ ସୁବିଧା ରହିଛି। ସ୍ପୋର୍ଟ୍ସ ରେଡ୍, ମ୍ୟାଟ୍ ସେଲଇନ୍ ସିଲଭରି, ପର୍ଲ ନାଇଟ୍‌ଷ୍ଟାର ବ୍ଲାକ୍‌ରେ ଏହି ଗାଡ଼ି ବଜାରରେ ଉପଲବ୍ଧ ହେଉଛି। ମୂଲ୍ୟ ୧ଲକ୍ଷ ୪୫ ହଜାର ୨୭୯ରୁ ଆରମ୍ଭ ହେଉଥିବା ବେଳେ ସ୍ୱତନ୍ତ୍ର ଏକ୍ସଚେଞ୍ଜ ଏବଂ ଫାଇନାନ୍ସ ସୁବିଧା ରଖାଯାଇଛି। ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପ୍ରଥମ ଲକ୍ଷ୍ୟ ବୋଲି ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ କହିଛନ୍ତି।



ହୋଣ୍ଡା ସିବି ୨୦୦ ଏକ୍ସ'ର ବଜାର ପ୍ରବେଶ କରାଯାଉଛି।

## ରାଣାଙ୍କ ପାର୍ଥିବ ଶରୀର ଅପେକ୍ଷାରେ ପରିବାର

ତାଳଚେର,୧୦।୧୨(ନି.ପ୍ର.)

ତାମିଲନାଡୁର କୁନ୍ନୁର ନିକଟରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାୟୁସେନାର ଜୁନିୟର ୱାରେଣ୍ଟ ଅଫିସର ତାଳଚେର ବ୍ଲକ କଣ୍ଢାଳ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁରର ରାଣାପ୍ରତାପ ଦାସଙ୍କ ପରିବାର ଆଖିରୁ ଲୁହ ଶୁଖୁନାହିଁ। ବାପା ଶ୍ରୀବତ୍ସ ଦାସ ହୃଦ୍‌ରୋଗରେ ପୀଡ଼ିତ ଥିବାବେଳେ ମା' ସୁଷମା ଦାସଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। ଏପରିସ୍ଥଳେ ୩୫ ବର୍ଷର ପୁଅକୁ ହରାଇ ସେମାନେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ଖବରପାଇ ବିହାରରେ ବାୟୁସେନାରେ ଡେପ୍ଟିଷ୍ଟ ଥିବା ରାଣାପ୍ରତାପଙ୍କ ସ୍ତ୍ରୀ ଶିବାଙ୍ଗୀ ସିଂହ ଶୁକ୍ରବାର ଦେଢ଼ ବର୍ଷର ପୁଅ ସମ୍ରିତ ଦାସଙ୍କୁ ଧରି ତାଳଚେରସ୍ଥିତ ଶାଶୁଘରେ ପହଞ୍ଚିବା ପରେ ପୂରା ପରିବାର ଶୋକରେ ବୁଡି ଯାଇଥିଲା। ଗ୍ରାମବାସୀ, ସାମାଜିକ କର୍ମୀ, ରାଜନେତା ଓ ଏମ୍‌ସିଏଲ୍‌ର ପଦାଧିକାରୀମାନେ ଆସି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। କୋହଭରା କଣ୍ଠରେ ଶିବାଙ୍ଗୀ କହିଛନ୍ତି, ରାଣାପ୍ରତାପଙ୍କ ଅକାଳ ବିୟୋଗ ତାଙ୍କୁ ସ୍ତବ୍ଧ କରିଦେଇଛି। ସେ ତାଙ୍କ ସ୍ଥାନ ନେଇପାରିବେନି ସତ, ହେଲେ ଶାଶୁଘର ଲୋକଙ୍କୁ ରାଣାଙ୍କ ଅନୁପସ୍ଥିତି ଅନୁଭବ କରିବାକୁ ଦେବେନାହିଁ। ରାଣାଙ୍କ ପାର୍ଥିବ ଶରୀର କେବେ ତାଳଚେରରେ ପହଞ୍ଚିବ ସେ ନେଇ ସ୍ପଷ୍ଟ ସୂଚନା ପରିବାରକୁ ମିଳି ନ ଥିବାବେଳେ ସମସ୍ତେ ତାହାକୁ ଅପେକ୍ଷା କରି ରହିଛନ୍ତି। ଘର ନିକଟ ଏକ ସ୍ଥାନରେ ରାଣାଙ୍କ ଅନ୍ତିମ ସଂସ୍କାର ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଗ୍ରାମବାସୀ ଓ ଏମ୍‌ସିଏଲ୍ ପଦାଧିକାରୀମାନଙ୍କ ସହଯୋଗରେ ସ୍ଥାନ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।



ରାଣାପ୍ରତାପଙ୍କ ସ୍ତ୍ରୀ ଶିବାଙ୍ଗୀ ସିଂହଙ୍କ ସହ ବାପା ଶ୍ରୀବତ୍ସ ଏବଂ ଶ୍ୱଶୁର।

## ଏନ୍‌ଟିପିସିର ସଚେତନତା ପଦଯାତ୍ରା




ଏନ୍‌ଟିପିସି ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ତାଳଚେର/କଣିହାଁ,୧୦।୧୨(ନି.ପ୍ର.)

ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ଅବସରରେ ଶୁକ୍ରବାର ଏନଟିପିସି କଣିହାଁ ତରଫରୁ ଏକ ସଚେତନତା ପଦଯାତ୍ରା(ୱାକାଥନ୍) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ରାଓ ଏହାର ଶୁଭାରମ୍ଭ କରିବା ସହ ଶକ୍ତି ସଂରକ୍ଷଣ କରିବାକୁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଥିଲେ। ବ୍ୟବହାର ହେଉ ନ ଥିବାବେଳେ ବୈଦ୍ୟୁତିକ ଉପକରଣଗୁଡ଼ିକୁ ବନ୍ଦ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଡିଏଭି ସ୍କୁଲ ଠାରୁ ଏହି ସଚେତନତା ପଦଯାତ୍ରା ଆରମ୍ଭ ହୋଇ ମହାନଦୀ କ୍ଲବ ଠାରେ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ୍) ବିଜୟ ଗୋଏଲ, ଜିଏମ୍ (ମେଣ୍ଟେନାନ୍ସ) ଏଚ୍.ଏନ୍. ଚକ୍ରବର୍ତ୍ତୀ, ଜିଏମ୍ (ଆଶ୍ ଡାଏକ ମ୍ୟାନେଜମେଣ୍ଟ)ସରିତ ମାହେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆକାଉଣ୍ଟରୁ ୩୭ ହଜାର ଗାଏବ

କଣିହାଁ,୧୦।୧୨(ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନାରେ ଶୁକ୍ରବାର ଅନଲାଇନ ଠକେଇ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଟୋଲକବେଡା ଗ୍ରାମର ଜ୍ୟୋତିରଞ୍ଜନ ଜେନାଙ୍କ ନିକଟକୁ ୮ ତାରିଖରେ ଏକ ଫୋନ କଲ୍ ଆସିଥିଲା। ତାଙ୍କର ଲଟେରି ଉଠିଥିବାରୁ ଏକ ଆପ୍ଲିକେଶନ ଡାଉନଲୋଡ୍ କରିବାକୁ କୁହାଯାଇଥିଲା। ଏହା କରିବା ପରେ ଜ୍ୟୋତିରଞ୍ଜନଙ୍କ ଆକାଉଣ୍ଟରୁ ୫ ଥରରେ ୩୭ ହଜାର ଟଙ୍କା କଟିଯାଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୧୯୦/୨୦୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ଦୀପିକା ରାୟ ପ୍ରକାଶ କରିଛନ୍ତି। ଅଜଣା ବ୍ୟକ୍ତି କିମ୍ବା ଆସୁଥିବା ଫୋନ କଲ୍‌ରେ ପ୍ରଲୋଭିତ ହୋଇ କୋଣସି ଆପ୍ଲିକେଶନ ମୋବାଇଲରେ ଡାଉନଲୋଡ୍ କି ଆକାଉଣ୍ଟ ତଥ୍ୟ ନ ଦେବାକୁ ଆଇଆଇସି ପରାମର୍ଶ ଦେଇଛନ୍ତି।

## ଜେଏସ୍‌ପିଏଲ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ, ୧୦।୧୨

ତାମିଲନାଡୁରେ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ମୃତ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କ ସମେତ ସମସ୍ତ ୧୩ ଜଣଙ୍କୁ ଜେଏସ୍‌ପିଏଲ୍‌ର ଅନୁଗୋଳସ୍ଥିତ ପ୍ଲାଣ୍ଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ନେତୃତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଅଧିକାରୀଙ୍କ ସହ କର୍ମଚାରୀମାନେ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଜେଏସ୍‌ପିଏଲ୍ ଅଧକ୍ଷ ନବୀନ ଜିନ୍ଦଲ ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଜେନେରାଲ ବିପିନ ରାୱତ ଏବଂ ଅନ୍ୟ ସାହସୀ ଆତ୍ମାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏଥିସହ ଜୁନିୟର ୱାରେଣ୍ଟ ଅଫିସର ତାଳଚେରର ରାଣା ପ୍ରତାପ ଦାସଙ୍କ ବିୟୋଗରେ ମଧ୍ୟ ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଅଧିକାରୀ ଓ କର୍ମଚାରୀମାନେ।

## ୫ ହଜାର ଅସହାୟଙ୍କୁ ଦିଆଯିବ ବସ୍ତ୍ର

ତାଳଚେର,୧୦।୧୨(ନି.ପ୍ର.)

ଜେସିଆଇ ତାଳଚେରର ତୃତୀୟ ସ୍ଥାପନା ସମାରୋହ ଦେଉଳବେଡାସ୍ଥିତ ମଙ୍ଗଳମ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜୋନ୍ ସଭାପତି ରାଜେଶ ସରାଫ ମୁଖ୍ୟ ଅତିଥି, ଉପସଭାପତି ଶୁଭମ ଟିବ୍ରେୱାଲ ସମ୍ମାନିତ ଅତିଥି, ଆଶିଷ ଅଗ୍ରୱାଲ ଏବଂ ଡ. ରଶ୍ମି ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଜେସିଆଇ ତାଳଚେର ସଭାପତି ବାସୁଦେବ ସାହୁ ନବନିର୍ବାଚିତ ସଭାପତି ମନୀଷ ଅଗ୍ରୱାଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ୨୦୨୨ ମସିହାରେ ଜେସିଆଇ ପକ୍ଷରୁ ୫ ହଜାର ଅସହାୟ ଲୋକଙ୍କୁ ବସ୍ତ୍ର ପ୍ରଦାନ କରାଯିବ। ୫ଶହ ୟୁନିଟ୍ ରକ୍ତ ସଂଗ୍ରହ, ଏକ ହଜାର ଚାରା ରୋପଣ, ବିଭିନ୍ନ ବିଦ୍ୟାଳୟରେ ପିଇବା ପାଣି ମେଶିନ ସଂଯୋଗ, ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଆଦି ସାମାଜିକ ସହଯୋଗ କାର୍ଯ୍ୟ ଜାରି ରଖିବ ବୋଲି ସଭାପତି ଅଗ୍ରୱାଲ ସୂଚନା ଦେଇଥିଲେ। ନୂଆ କାର୍ଯ୍ୟକାରିଣୀରେ କୁଶାଳ ଅଗ୍ରୱାଲା, ହିତେଶ ଅଗ୍ରୱାଲ, ଡିମ୍ପଲ ଅଗ୍ରୱାଲ, ତନ୍ୟ ଅଗ୍ରୱାଲ୍, ମହେଶ ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ, ବିକାଶ ଅଗ୍ରୱାଲ, ସୁଶୀଲ ନନ୍ଦ, ନନ୍ଦଲାଲ ଅଗ୍ରୱାଲ ଏବଂ ପଲ୍ଲବୀ ଅଗ୍ରୱାଲ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାକେଶ ଗୁପ୍ତା, ସରୋଜ ଗିରି, ଶୁଭ ଆଚାର୍ଯ୍ୟଙ୍କ ସହ ତାଳଚେର ସମସ୍ତ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

## ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ ଅଫିସ, ୧୦।୧୨

ଡିସେମ୍ବର ୧୧ ତାରିଖରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡା, ଛେଣ୍ଡିପଦା ଓ ବଅଁରପାଳସ୍ଥିତ ସମସ୍ତ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ବିଚାରାଧୀନ ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ଆଦି ମୋକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ ବୋଲି ଆଇନ ସେବା ପ୍ରାଧିକରଣ ଅନୁଗୋଳ ଓ ତାଲୁକ ଆଇନ ସେବା କମିଟି ପକ୍ଷରୁ କୁହାଯାଇଛି।

## ବାହାରିଲେ ୯ ପଜିଟିଭ୍

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରେ ଉପରମୁହାଁ ହୋଇଛି ସଂକ୍ରମଣ। ଶୁକ୍ରବାର ଦିନକରେ ୯ ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୭୬ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକର ୬, ଓଡ଼ାପଡ଼ା ବ୍ଲକର ୨ ଏବଂ ଢେଙ୍କାନାଳ ପୌରାଞ୍ଚଳର ଜଣେ ରହିଛନ୍ତି। ଜିଲାରେ ଅଦ୍ୟାବଧି ୨୦ ହଜାର ୧୩ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୧୯ ହଜାର ୬୯୧ ସୁସ୍ଥ ହୋଇସାରିଲେଣି।

## ସଂକ୍ଷେପରେ

### ବସ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର




**ଭୁବନ, ୧୦।୧୨(ଡି.ଏନ୍.ଏ.):** ଭୁବନ ବ୍ଲକ ବଡ଼ମୁକ୍ତାପଶି ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ଶୁକ୍ରବାର ଅପରାହ୍ନ ୪ରେ ଘରୋଇ ବସ୍ 'ବିଷ୍ଣୁପ୍ରିୟା' ଧକ୍କାରେ ୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ନିରଞ୍ଜନ ଭୋଇ ଏବଂ ରତ୍ନାକର ଭୋଇ। ଉଭୟଙ୍କୁ ପ୍ରଥମେ ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉକ୍ତ ବସ୍ କଟକରୁ ଭୁବନ ଦେଇ କାମାକ୍ଷାନଗର ଯାଉଥିବାବେଳେ ମଠକରଗୋଳା ପଟରୁ ବାଇକ୍‌ରେ ଆସୁଥିବା ନିରଞ୍ଜନ ଏବଂ ରତ୍ନାକରଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ ବସ୍ ଭଙ୍ଗାରୁଜା କରିଛନ୍ତି। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ତଦନ୍ତ ଚଳାଇଛି।

### ମାନବାଧିକାର ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧୦।୧୨:** ଢେଙ୍କାନାଳ ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଭର୍ଚୁଆଲ ମୋଡ୍‌ରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ମାନବିକ ଅଧିକାର, ଦିବସ ପାଳନର ମହତ୍ତ୍ୱ, ସାମାଜିକ ଗଣମାଧ୍ୟମର ବ୍ୟବହାର ଏବଂ ନିରାପତ୍ତା ଉପରେ ଆଲୋକପାତ କରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର ଏବଂ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ।

# 'ମହିଳା ହିଂସା ସାମାଜିକ ବ୍ୟାଧି'




ମହିଳା ହିଂସା ବିରୋଧୀ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ବୃନ୍ଦ।

**ଢେଙ୍କାନାଳ ଅଫିସ, ୧୦।୧୨**

ମହିଳା ହିଂସା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ଏହାକୁ ରୋକିବା ଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ମହିଳା ଓ ବାଳିକାଙ୍କ ପ୍ରତି ଏଭଳି କ୍ରୂର ମନୋଭାବ ରୋକାଯାଇପାରିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ମହିଳା ହିଂସା ବିରୋଧୀ ୧୬ଦିନିଆ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ମତ ପ୍ରକାଶ ପାଇଛି। ୟୁଏନ୍‌ଏଫ୍‌ପିଏ, ଗଞ୍ଜାମର ପ୍ରେମ୍

### ୧୬ଦିନିଆ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଫାଉଣ୍ଡେଶନ ଏବଂ ଶୋଭା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଡିଓ କିଶୋର ସାହୁ, ସମ୍ମାନିତ ଅତିଥି ସିଡିପିଓ ଊର୍ମିଳା ଦେହୁରୀ, ସରପଞ୍ଚ ଶୁଭଦର୍ଶିନୀ ପରିଡା, ଡିଜିଟାଲ ମିଡିଆ ଆସୋସିଏଶନ ସଭାପତି ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ ମହିଳାଙ୍କୁ ସମ୍ମାନ, ସମବେଦନା, ସବୁ କ୍ଷେତ୍ରରେ ସ୍ୱାଧୀନତା ଏବଂ ସମାନତା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ବାଲ୍ୟବିବାହ, ଶିଶୁ ଶ୍ରମିକ, କନ୍ୟା ଭ୍ରୁଣ ହତ୍ୟା ରୋକିବା ଉପରେ ସଚେତନ କରାଯାଇଥିଲା। ଏବିଇଓ ଜ୍ୟୋତିର୍ମୟୀ ନାଥ, ମିଶନ ଶକ୍ତି ବିପିସି ସସ୍ମିତା ରାଉତ, ମିଶନ ଶକ୍ତି ବିପିଏମ୍ ବୀରକିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଂଯୋଜିକା ଶୁଭଶ୍ରୀ ପାଇଟଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏସ୍‌ଏଚ୍‌ଜି ସଦସ୍ୟ, କିଶୋରୀ ବାଳିକା, ଏଏନ୍‌ଏମ୍, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ମାନବାଧିକାର ଉଲ୍ଲଂଘନ ଚିନ୍ତାଜନକ

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍ଫୁଲ୍ଲ କାର୍ଯ୍ୟାଳୟରେ ଶୁକ୍ରବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଅନ୍‌ଲାଇନରେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସିବିଆଇ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ମାନବାଧିକାର ଉଲ୍ଲଂଘନ ଚିନ୍ତାଜନକ ବିଷୟ। ଅନେକ ଦେଶରେ ବିଭିନ୍ନ କାରଣରୁ ଲୋକଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ଏଥିପ୍ରତି ଗୁରୁତ୍ୱର ସହିତ ଚିନ୍ତା କରିବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ, ବଞ୍ଚିବା ଏବଂ ବଢ଼ିବା ମଣିଷର ମୌଳିକ ଧର୍ମ। ଜୀବନଜୀବିକା କ୍ଷେତ୍ରରେ ଜଣେ ଯେ କୌଣସି ଚାପର ସମ୍ମୁଖୀନ ହେଲେ ତାହାକୁ ମାନବିକ ଅଧିକାର କ୍ଷୁର୍ଣ୍ଣ ବୋଲି ବିବେଚନା କରାଯାଏ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଦିଲୀପ ନନ୍ଦ, ପରିବେଶବିତ୍ ଉପେନ୍ଦ୍ର ରାଉତ, ସମାଜବାଦୀ ନେତା ସରୋଜ ଶତପଥୀ, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ, ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପରିଚାଳକ ପୀତବାସ ସାହୁ, ଆଡ୍‌ଭୋକେଟ ବିଜେଶ ରାଉତ, ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ।

# ଲାଞ୍ଚ ମାମଲାରେ ଯନ୍ତ୍ରୀ ଦଣ୍ଡିତ

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ଭିଜିଲାନ୍ସ କୋର୍ଟରେ ଏକ ଲାଞ୍ଚ କାରବାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କାମାକ୍ଷାନଗର ସେକ୍ସନ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟର ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି ଏବଂ ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ (ଖଲାସି) ନିମାଇଁ ଚରଣ ବେହେରାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୨ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ ସହିତ ୫୦୦୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ୨୦୧୯ରେ ୩ ଲକ୍ଷ ୨୨ ହଜାର ୩୬୮ ଟଙ୍କାର ବିଲ୍ କରାଇଦେବା ଲାଗି ୧୭,୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଉଭୟେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ କଟକ ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା। ପୂର୍ବତନ ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ବେହେରା ଏହାର ତଦନ୍ତ କରିଥିଲେ। ମାମଲାକୁ ଭିଜିଲାନ୍ସ ସ୍ୱତନ୍ତ୍ର ପିପି କେ. ପଟ୍ଟନାୟକ ପରିଚାଳନା କରିଥିଲେ।

# ଯବାନଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି




ଶ୍ରଦ୍ଧାଞ୍ଜଳି ସଭାରେ ସଚେତନ ନାଗରିକ ଫୋରମ୍‌ର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୦।୧୨**

ତାମିଲନାଡୁ କୁନ୍ନୁରରେ ସେନା ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ସିଡିଏସ୍ ବିପିନ ରାୱତ, ତାଙ୍କ ସ୍ତ୍ରୀ, ତାଳଚେର ଅଞ୍ଚଳର ରାଣାପ୍ରତାପ ଦାସଙ୍କ ସମେତ ୧୩ଜଣଙ୍କୁ ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗୁରୁବାର ବାଜିଚୌକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର, ଉପସଭାପତି ଦୀପକ ପଟ୍ଟନାୟକ, ସମ୍ପାଦକ ଭରତ ଦାସ, ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଆଇନଜୀବୀ ଅମ୍ବିକା ପ୍ରସାଦ ମିଶ୍ର, ରଣଜିତ ପାଣିଗ୍ରାହୀ, ଶିଳ୍ପୀଶ୍ରୀ ହରିଚନ୍ଦନ, ପଙ୍କଜ ନାୟକ, ଉଦୟନାଥ ବେହେରା, ଜି. ମନ୍ମଥ ରାଓ, ଅଶୋକ ସ୍ୱାଇଁ, ସରୋଜ ଶତପଥୀ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

# ମଞ୍ଚେଶ୍ୱର ଫାଇନାଲରେ

**ଭୁବନ, ୧୦।୧୨(ଡି.ଏନ୍.ଏ.)**

ଭୁବନ ବ୍ଲକ ମାର୍ଥାପୁର ଖେଳପଡ଼ିଆରେ ଚାଲିଥିବା ଯୋଗମାୟା ଚ୍ୟାଲେଞ୍ଜ ଟ୍ରଫିର ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କଟକ ବୈଦେଶ୍ୱରକୁ ହରାଇ ଭୁବନେଶ୍ୱର ମଞ୍ଚେଶ୍ୱର ଫାଇନାଲରେ ପ୍ରବେଶ କରିଛି। ବୈଦେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା। ରାକେଶ ବେହେରା ୪୩ ରନ୍ କରିଥିଲେ। ଜବାବରେ ମଞ୍ଚେଶ୍ୱର ୧୮.୨ ଓଭରରେ ୭ ଉଇକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ୪୧ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ଅମିତାଭ ରାଉତ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସବ୍ୟସାଚୀ ସାହା, ଭୁବନେଶ୍ୱର ମିଶ୍ର ଅମ୍ପାୟାରିଂ କରିଥିବାବେଳେ ସୌମ୍ୟରଞ୍ଜନ ରାଉତ ଧାରାବିବରଣୀ ଦେଇଥିଲେ। ଶନିବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଏବଂ ୨ୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




ଅମିତାଭ ରାଉତଙ୍କୁ ପୁରସ୍କୃତ କରାଯାଉଛି।

**PARADIP PORT TRUST**
**e-Tender Call Notice**
**TD/TM/GEN-235(Vol-V)/21/2327 Dtd : 09.12.2021**
Name of the work : **"Allotment of 09 (Nine) nos. of Mechanical Iron Ore/Iron Ore Pellet plots at IOHP."**
License Fees : **Rs. 2,83,28,850/-.**
Wharfage Fees : **Rs. 15,28,690/-.**
Last date & time of submission of bid : **29.12.2021 up to 16:00 hrs.**
Date and time of opening (technical bid) : **29.12.2021 up to 16:00 hrs.**
Refer our website for details https://eprocure.gov.in/eprocure/app.
**Traffic Manager**
**PPT/PR/130/21-22 Dt. 10/12/2021**

**PANCHAYAT SAMITI OFFICE, SADAR, SUNDARGARH**
**NOTICE**
**No. 3571** **Date: 10.12.21**
Applications in prescribed format are invited through Courier/ Registered Post/Speed Post to reach the undersigned by Dt.22.12.2021 from willing and eligible person of Sadar Block, Sundargarh area for allotment of shops at Market Complex near **Parijat (Sankarshan) Park, Sankara** located in the revenue village **"Bhawanipur"** of Kirei GP in agreement with the terms and conditions available in Sundargarh district portal **https://sundargarh.nic.in**. The covering letter must be superscribed **"APPLICATION FOR ALLOTMENT OF SHOP AT PARIJAT PARK SANKARA"** alongwith due required documents specified in the aforesaid website. Applications in no other mode shall be received. Likewise applications received beyond the stipulated date shall not be entertained.
**Sd./- Block Development Officer**
**Sadar, Sundargarh**

**OFFICE OF THE MUNICIPAL COUNCIL, BALASORE**
**Tel & Fax No. 06782-251222**
**e-mail:-balasoremunicipality@rediffmail.com**
**No. 8617** **Date. 09.12.2021**
**QUOTATION CALL NOTICE**
No.C-1565:- The Executive Officer, Balasore Municipality on behalf of Municipality, Balasore invites sealed quotation from reputed Advertising Agencies / Firms / Contractors for supplying and fixing up the "JAGA MISSION HOARDINGS" in different prominent place in slum areas under Balasore Municipality whose details can be downloaded from www.baleswar.nic.in and www.balasoremunicipality.in.
**Sd./- Executive Officer, Balasore Municipality**
OIPR-13154/11/0034/2122

**Department of Water Resources**
**Odisha Community Tank Development Management Society**
**(FUNDED ACTIVITY: GCF-FP045)**
**7th Floor, Rajiv Bhawan, Bhubaneswar-751001**
**Ph. 0674-2512421, E-Mail: spuoiipcra.od@gov.in**
**Cancel Notice**
**OCTDMS/GCF-PROC-06/21, No.3959 Date: 07.12.21**
No.A-720:- The Expression of Interest for **"Preparation of Crop Water Budgeting, Water Sharing Master Plan and Livelihood Development Plan for GCF"** invited for EoI No.-GCF-EoI- 04/2021, dated 01.10.2021 by the Office of the Project Director, OCTDMS is hereby cancelled. This is for notice of all concerned.
**Sd./- Project Director, OCTDMS**
OIPR-32188/11/0007/2122

**OFFICE OF THE EXECUTIVE ENGINEER, L.I. DIVISION, NAYAGARH**
**E-mail: eeolicnayagarh@gmail.com, Ph.No.- 0671-252923**
**Bid Identification No.06/2021-22, OLIC, Nayagarh / Dt.08.12.2021**
No.CAD- 2247:- Executive Engineer, Lift Irrigation Division, Nayagarh invites sealed tender from eligible Bidders (Firms / Agencies) interested to provide "Facility Management Services" on outsourcing basis vide a service contract to be engaged at Lift Irrigation Division, Nayagarh.
Tender documents can be had from the Office of the Executive Engineer, Lift Irrigation Division, Nayagarh during office hours on working days from Dt.10.12.2021 to 20.12.2021 on application and payment of cost of tender paper Rs.2000.00 (Rupees two thousand) only (non-refundable) in shape of Bank Draft/ drawn on any Nationalized Bank in favour of Executive Engineer, Lift Irrigation Divsion, Nayagarh payable at Nayagarh.
The completed tender documents shall be received at L.I. Division, Nayagarh upto 02.00 P.M. of Dt.20.12.2021 which will be opened at Lift Irrigation, Nayagarh on the same day at 03.30 P.M. in presence of tenderers or their authorized representative if any.
The tender must be accompanied with all required documents / EMD as per DTCN in absence of which the tender will summarily be rejected.
The undersigned reserves the right to accept or reject any or all the tenders without assigning any reason thereof.
**Sd./- EXECUTIVE ENGINEER**
OIPR-32330/11/0002/2122

**OFFICE OF THE NOTIFIED AREA COUNCIL, BALLIGUDA KANDHAMAL**
Letter No. 2462//Date 8.12.2021
**QUOTATION CALL NOTICE**
No. C-1556:- Sealed quotations are invited from Manufacturers/ Authorized Dealers/ Suppliers for **"Supply, fitting & fixing of ACP Material at Main Gate of Trivedi Park in NAC, Balliguda"** as per Below Specification so as to reach before the undersigned by 3.30 PM on dated 20.12.2021 through Speed Post/ Regd. Post/ By hand, will be opened on dated 20.12.2021 at 5.15 PM at the office of the NAC, Balliguda in the presence of available bidders or their authorized representatives. The quotationers should quote their rate of the with transportation, installation charges & all taxes & duties. The quotationers should enclose the copy of PAN Card, GST registration Certificate. The quotationer should submit a paper cost of Rs.2240/- in shape of DD which is non refundable and EMD amount of Rs.3,000/- in shape of TDR in favour of **"Executive Officer, NAC, Balliguda,** Payable at Balliguda", The EMD amount will be refunded to the unsuccessful bidders as soon as the tender completed. The undersigned reserves the right to reject quotation without assigning any reasons thereof.

| Sl. No. | Particular | Rate per Sqft. in Rs./- |
|---|---|---|
| 1 | **Specifications:**<br>1. Channel Thickness under 1.5 mm<br>2. Channel weight 1.2 kg<br>3. Material installation with screw and fashner<br>4. Silicon Dowconic 789<br>5. VIVA ACP<br>(ACP calculated in 3" wastage as per size) | |

**Sd./- Executive Officer, NAC, Balliguda**
OIPR-13097/11/0019/2122

**CONTRACTUAL APPOINTMENT**
**ZILLA SWASTHYA SAMITI, CUTTACK**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**
**No. 17210/DPMU/NHM/2021** **Dates: 09.12.2021**
No. E-720: Applications are invited from eligible candidates for following posts under National Health Mission, Cuttack on contractual basis for a term of 11 months. The above mentioned postions are purely temporary & may vary as per approval/vacancy. Canvassing in any form will render the candidate disqualified for the position.
a. STS under RNTCP (01)
b. Case Registry Assistant under Mental Health Programme (01)
c. Pharmacist (12) & ANM (05) for MHT under RBSK.
d. Public Health Manager (02)
e. Pharmacist cum Logistic Assistant (01)
f. Dental Technician (01)
g. Counselor-cum-PRO-Mobile Blood Van (01)
Details on Qualification, eligibility criteria & upper age limit, experience, selection modalities and application form can be downloaded from the district website **www.cuttack.nic.in**. The completely filled in application forms along with other document should reach the office of the Chief District Medical Officer, Cuttack (At: Old Secretariat Campus, Cantonment Road, P.O.- Buxi Bazar, Dist.- Cuttack - 753001) on or before 27.12.2021 till 5 P.M. through Speed Post/Regd. Post only and the application should be superscribed with the name of the post applied for otherwise it will be rejected. The undersigned reserves the right to cancel any or all of the proposals without assigning any reason thereof.
**Sd./- Chief District Medical & Public Health Officer, Cuttack**
**OIPR-10022/11/0009/2122**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, CHHELIGADA CANAL DIVISION**
**Digapahandi, Dist: Ganjam, ODISHA. e-mail: ccddig@gmail.com**
**e-Procurement Notice No.:- SE-CCD-02/2021-22**
**No. A-718:-** Bid document consisting of work, estimated cost, cost of tender paper, time of completion, class of contractor, the set of terms and condition of contract and other necessary documents can be seen in e-procurement portal **http://tenderodisha.gov.in**
1. Type of the work : Road & Slope Protection Works.
2. No. of works : 02 Nos.
3. Class of contractor : "C" & "B" class
4. Bid identification No. : se-CCD-No. 03/2021-22 to se-CCD No.04/2021-22
5. Estimated cost : Rs.20.45 Lakh to 29.75 Lakh
6. Period of completion : 03 (Three) calendar months
7. Date & time of availability of bid documents in the portal : From 15.12.2021, 10.30 A.M. to 30.12.2021 upto 5.00 P.M.
8. Last date/time for receipt of bids in the portal. : 30.12.2021 upto 5.00 P.M.
9. Name of the officer inviting Bid. : Superintending Engineer, Chheligada Canal Division, Digapahandi, Ganjam, Odisha.
Any addendum/corrigendum/cancellation of tender can also be seen in the said Website.
**Date of opening of the Bid:- 31.12.2021 at 11.30 A.M.**
Further details can be seen from the Govt. website **www.tendersorissa.gov.in**
**Sd./- Superintending Engineer, Chheligada Canal Division, Digapahandi, Dist: Ganjam**
OIPR-32109/11/0004/2122

**GOVERNMENT OF ODISHA** No.A-714
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, SAMBALPUR**
**Phone No.(0663)-2412791 (Off.) E-mail: eemisbp@yahoo.co.in**
**No.3718/Date. 26.11.2021**
**e-PROCUREMENT NOTICE**
**BID REF No.: EE, MID, SBP/08/2021-22**

| | |
|---|---|
| Name of work | **Civil Construction works** |
| No. of Works | **02 (Two) Nos.** |
| Estimated Cost | Varies from Approximately **Rs.45.00** lakh to **Rs.76.00** lakh for **02** Nos. of works is **Rs.121.00** Lakh |
| Tender Paper Cost | Referred to DTCN. |
| Period of completion | Referred to DTCN. |
| Availability of bid through online | From **dt.13.12.2021 10.00 AM** to **dt.20.12.2021 up to 05.30 PM** in website (www.tendersorissa.gov.in) |
| Period of receipt of Bid through online | From **dt. 13.12.2021 10.00 AM** to **dt.20.12.2021 upto 05.30 PM** through online. |
| Date of opening of bid documents | On **dt.21.12.2021 at 11.00 AM** onwards. |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III. |

**The detail tender call notice can also be seen in the DOWR website - http://dowrorissa.gov.in**

| | |
|---|---|
| Name and Address of the OIT: | Executive Engineer, M.I. Division, Sambalpur, At- Motijharan, PO-B.S.S. Nagar, Dist:- Sambalpur PIN-768001, Ph- 0663-2412791, E-mail ID- eemisbp@yahoo.co.in |
| Further details can be seen from the e-Procurement market place | http://tendersorissa.gov.in |

**Sd./- 26.11.2021, Executive Engineer M.I. Division, Sambalpur**
OIPR-32036/11/0003/2122

**ତହସିଲଦାର କାର୍ଯ୍ୟାଳୟ, ପାତ୍ରପୁର**
ବିଜ୍ଞାପନ ସଂଖ୍ୟା: ସୈରାତ/ ତା୦୯।୧୨।୨୦୨୧ରିଖ
**ନିଲାମ ବିଜ୍ଞାପନ**
No. F-243: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପାତ୍ରପୁର ତହସିଲ ଇଲାକାରେ ଥିବା ୩ (ତିନି)ଗୋଟି ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ)ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ **www.ganjam.nic.in**ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ପାତ୍ରପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ପାତ୍ରପୁର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୧୦।୧୨।୨୦୨୧ରିଖଠାରୁ ତା୧୦।୦୧।୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୧୧।୦୧।୨୦୨୨ରିଖ ୧୧.୦୦ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ଦ୍ୱିତୀୟ ତା୧୭।୦୧।୨୦୨୨ରିଖ ୧୧.୦୦ ଘଟିକା ଏବଂ ଦ୍ୱିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା୨୪।୦୧।୨୦୨୨ରିଖ ୧୧.୦୦ ଘଟିକାରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

**ସୈରାତ ଉତ୍ସର ବିବରଣୀ**

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ (ପ୍ରତି ଘନ ମି.) | M.G.Q. ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରୀମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | ୫% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) (EMD) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ବୁଢ଼ାଗଡ଼ ପଥର ଖଣି | ବୁଢ଼ାଗଡ଼ | ୨୫୩ | ୫୦୯ | ୪.୭୫୦ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୬୨୦୦ | ୧୦୦୦ | ୭୧୩୦୦ |
| ୨ | ଗୋଠଗାଁ ପଥର ଖଣି | ଗୋଠଗାଁ | ୪୧୭ | ୨୩୪୬ | ୨.୮୭୫ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୦୦୦ | ୧୦୦୦ | ୧୧୫୦୦ |
| ୩ | ଖରଣିପଡ଼ା ପଥର ଖଣି | ଖରଣିପଡ଼ା | ୭୭୭ | ୩୪୯୩ | ୨.୨୧୫ | ପଥରବଣି | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୫୦୦ | ୧୦୦୦ | ୨୮୭୫୦ |

OIPR-24234/11/0002/2122 ସ୍ୱା./- ତହସିଲଦାର, ପାତ୍ରପୁର

See Career Appointment on every Wednesday & Saturday

# ଓଡ଼ିଆ ସଂସ୍କୃତିକୁ ଛାଡ଼ି ମୋର ଅସ୍ତିତ୍ୱ ନାହିଁ

## ସୃଜନ-ଆଳାପ



ଯଶୋଧାରା ମିଶ୍ର

ଯଶୋଧାରା ମିଶ୍ରଙ୍କ ଜନ୍ମ ୬ ଜାନୁୟାରୀ ୧୯୫୧ରେ, ସମ୍ବଲପୁରରେ। ଗଳ୍ପ, ଉପନ୍ୟାସ ଓ କବିତାରେ ସମ ଦକ୍ଷତାର ସହ ତାଙ୍କ ଲେଖନୀ ଗତିଶୀଳ। ପ୍ରକାଶିତ ପ୍ରମୁଖ ଗ୍ରନ୍ଥ: ଗଳ୍ପ– 'ସମୁଦ୍ରକୂଳ ଘର', 'ମୁହଁସଞ୍ଜ', 'ରେଖାଚିତ୍ର', 'ଦେଖଣାହାରୀ', 'ଜହ୍ନରାତି', 'ଦ୍ୱୀପ ଓ ଅନ୍ୟାନ୍ୟ ଗଳ୍ପ' ; ଉପନ୍ୟାସ– 'ହାତ ପାପୁଲିରେ ଖରା', 'ଇଷ୍ଟରୂପ', 'ପକ୍ଷୀଜନ୍ମ'। ଓଡ଼ିଆ କଥା ସାହିତ୍ୟକୁ ବିଶେଷ ଅବଦାନ ପାଇଁ ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'କଥା ପୁରସ୍କାର'ରେ ସମ୍ମାନିତା। କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶିତ 'Indian Literature' ପତ୍ରିକାର ସେ ଥିଲେ ପ୍ରଥମ ମହିଳା ସମ୍ପାଦକ। ଯଶୋଧାରାଙ୍କ ସହ ସାକ୍ଷାତ୍କାରରେ ଏଥର କବୟିତ୍ରୀ **ପ୍ରବାସିନୀ ମହାକୁଡ଼**।

**ପ୍ର:** ଅନେକ ବର୍ଷରୁ ଲେଖିଆସୁଛନ୍ତି ଆପଣ। ଆପଣଙ୍କ ଲେଖିବାର କ୍ରମିକତା ବିଷୟରେ କିଛି କହିବେ କି?

**ଉ:** ପିଲାଟି ଦିନୁ ଲେଖିବାକୁ ଭଲପାଇଛି। ଅତି ପିଲାଦିନେ ମୁଁ ପଦ ପକାଇ ଗୀତ ବୋଲୁଥିଲି ବୋଲି ସମ୍ପର୍କୀୟମାନଙ୍କଠୁ ଶୁଣିଛି। ସେଥିରୁ କେତୋଟି ନିରର୍ଥକ ପଦ ମନେରଖି ପରିବାର ଲୋକେ ମୋତେ ଚିଡ଼ାଉଥିଲେ ବି। ପରେ ସ୍କୁଲରେ ପଢ଼ିଲାବେଳେ ଛୋଟ ଛୋଟ ଗପ, କବିତା ଲେଖି ଲୁଚାଇ ରଖେ, କେବେ ଛପା ଯାଇନାହିଁ। ରେଭେନ୍ସା କଲେଜରେ ପାଦ ଦେଲା ପରେ ହଷ୍ଟେଲ ମାଗାଜିନରେ ପ୍ରଥମକରି ଛପା ଅକ୍ଷରରେ ନିଜ ଲେଖା ଦେଖିବାର ଆନନ୍ଦ ମିଳିଥିଲା। କଲେଜ, ହଷ୍ଟେଲ ଓ ନନ୍ଦନକାନନ ବୋଲି ଲେଖାଟିଏ ପ୍ରଫେସର କୁଞ୍ଜବିହାରୀ ଦାଶଙ୍କ ଦ୍ୱାରା ଅୟସ୍କାନ୍ତ ପତ୍ରିକାର ଶ୍ରେଷ୍ଠ ଲେଖା ବିବେଚିତ ହୋଇଥିଲା ଓ ବାର୍ଷିକ ସମାରୋହରେ ହରେକୃଷ୍ଣ ମହତାବଙ୍କ ହାତରୁ ପୁରସ୍କାର ନେଇଥିଲି।

**ପ୍ର:** ଆପଣ ଖୁବ୍ କମ୍ ଲେଖନ୍ତି, କିନ୍ତୁ ସେଇ କମ୍ ଲେଖାମାନ ଖୁବ୍ ସଫଳତା ପାଆନ୍ତି। ଏହାର କାରଣ କେବେ ଖୋଜିଛନ୍ତି କି?

**ଉ:** କମ୍ ଲେଖିବା ପଛରେ ଅନେକ କାରଣ ଥାଇପାରେ। ଚିରଦିନ ଓଡ଼ିଶା ବାହାରେ, ଯୋଗାଯୋଗର ବିଶେଷ ସୁବିଧା ନ ଥିବା ଯୁଗରେ ବନ୍ଧୁସ୍ୱଜନଙ୍କଠାରୁ ଦୂରରେ ସଂପୂର୍ଣ ଅଜଣା ଲୋକଙ୍କ ମଝିରେ ରହିବା, ନାନା ପରିସ୍ଥିତିରେ ପାରିବାରିକ ଓ ସାମାଜିକ ଦାୟିତ୍ୱ ତୁଲାଇବା ସହିତ ନିଜେ ଚାକିରି କରିବା ଆଦି ଭିତରେ ନିୟମିତ ଲେଖି ଛପାଇବା ସହଜ ନ ଥିଲା। ତଥାପି ମୋ' ଭିତରେ ଲେଖକଟିଏ ବଞ୍ଚି ରହିପାରିଛି ବୋଲି ଜୀବନ ପ୍ରତି ମୁଁ କୃତଜ୍ଞ। ଆଉ ସଫଳତା ବୋଲି ଯାହାକୁ କହୁଛନ୍ତି ତାହା ତ ଆପେକ୍ଷିକ ବୋଲି ମୁଁ କହିବି।

**ପ୍ର:** 'ଜହ୍ନରାତି' ଗଳ୍ପକୁ ଭାରତୀୟ ସାହିତ୍ୟରେ ଏକ ଅନନ୍ୟ ଗଳ୍ପ ଭାବେ ଗଣାଯାଏ। ଏନ୍ଏସ୍ଡିରେ ଏହାର ନାଟ୍ୟ ରୂପାନ୍ତର ହୋଇ ମଞ୍ଚସ୍ଥ ହୋଇଥିଲା ଓ ଦର୍ଶକମାନେ ଅଭିଭୂତ ହୋଇଥିଲେ। ଏ ବିଷୟରେ କିଛି କହିବେ?

**ଉ:** 'ଜହ୍ନରାତି' ଗଳ୍ପ ଛଡ଼ା ମୋର ଅନ୍ୟ କେତୋଟି ଗଳ୍ପ ମଧ୍ୟ ସଫଳତା ପାଇଛି। ଝଙ୍କାର ଓ କଥା ପୁରସ୍କାର ପାଇଥିବା 'ବର' ଗଳ୍ପଟି ୨୦୦୭ରେ ଇଣ୍ଡିଆନ୍ କ୍ଲାସିକ୍ ସିରିଜ୍‌ରେ ଦୂରଦର୍ଶନରୁ ଶ୍ରେଷ୍ଠ ଟେଲିଫିଲ୍ମ ଭାବେ ପୁରସ୍କୃତ ହୋଇଛି ଓ ଯାଦବପୁର ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ସାହିତ୍ୟ ପାଠ୍ୟକ୍ରମରେ ଦୀର୍ଘଦିନ ଧରି ରହିଛି। ୧୯୮୪ରୁ ମୋର ଅନେକ ଗଳ୍ପ ଧର୍ମଯୁଗ, ସାପ୍ତାହିକ ହିନ୍ଦୁସ୍ତାନ, ହଂସ ଓ ସମକାଳୀନ ଭାରତୀୟ ସାହିତ୍ୟ ଆଦିରେ ପ୍ରକାଶିତ ଓ ଚର୍ଚ୍ଚିତ ହୋଇଛି।

**ପ୍ର:** କଥା ଭିତରେ କଥା ପୂରେଇ ଆପଣ ସାନ ସାନ ଘଟଣାକୁ ଏଡ଼େ ସୁନ୍ଦର ମଜେଇ ରଖିଥା'ନ୍ତି ଯେ ପାଠକ ପଢ଼ୁପଢ଼ୁ ଗପ ଭିତରକୁ ପଶିଯାଏ। ନୁହେଁ?

**ଉ:** ଗପଟିଏ ଭଲ ଲାଗିଲେ ପାଠକ ବାରମ୍ବାର ଗପଟିକୁ ପଢ଼ିବାକୁ ଚାହେଁ, ଗପଟି ବିଷୟରେ ଭାବେ, ବାରମ୍ବାର ତା' ପାଖକୁ ଫେରିଯିବାକୁ ଚାହେଁ। ଭଲ ଗପଟିଏର ତାହା ହିଁ କଷଟି। ଅନ୍ୟପକ୍ଷରେ କେତେକ ଗଳ୍ପ ଏକା ନିଃଶ୍ୱାସକେ ପଢ଼ି ହେଇଯାଏ, ଲୋକପ୍ରିୟ ହୁଏ, କିନ୍ତୁ ହୁଏତ ପାଠକର ମନେ ରହେ ନାହିଁ, ତାକୁ ନେଇ ପାଠକର ମନରେ ପ୍ରଶ୍ନ ଉଠେ ନାହିଁ। ଗଳ୍ପ ଉପନ୍ୟାସର ଚିହ୍ନରା ପାଠକେ ଜାଣନ୍ତି ଯେ ପୁଣିଥରେ ପଢ଼ିଲା ବେଳେ ଆମ ଆଖିରେ ସେଇ ଲେଖାର ଆହୁରି କେଇ ପ୍ରସ୍ଥ ଅର୍ଥ ଧରାପଡ଼ିଯାଏ।

**ପ୍ର:** ଆପଣଙ୍କ ଗଳ୍ପ ଭିତରେ ଗୋଟେ ଦର୍ଶନ ଥାଏ, ପ୍ରେମ ଥାଏ, ମଣିଷର ପ୍ରାପ୍ତି ଅପ୍ରାପ୍ତି ଥାଏ। ମନ ଗହନର ଅବ୍ୟକ୍ତ କଥାସବୁ ଥାଏ। ଏତେ ସବୁ କଥାକୁ ଏକାବେଳେ କେମିତି ବ୍ୟକ୍ତ କରନ୍ତି?

**ଉ:** ଏସବୁ ଯାହା ଥାଏ ବୋଲି ଆପଣ କହିଲେ ତା' ତ ପାଠକୀୟ ଅଭିବ୍ୟକ୍ତି। ଲେଖକ କେବଳ ଚେଷ୍ଟାକରେ ନିଜ ଅନୁଭବ, ଚିନ୍ତନ, କଳ୍ପନାସବୁକୁ ନେଇ ଗଳ୍ପ ବା ଉପନ୍ୟାସର ଛାଞ୍ଚଟିଏରେ ଭାଷାର ମୂର୍ତ୍ତିଟିଏ ଗଢ଼ିଦେବାକୁ। ତା' କାମ ହେଉଛି ସାଧ୍ୟମତେ ନିଷ୍ଠା ଓ ଏକାଗ୍ରତା ଦେଇ ଗଢ଼ିବା।

**ପ୍ର:** ଓଡ଼ିଶାରେ ଜୀବନର କମ୍ ଦିନ ରହି ବି ଆପଣ ମାଟିମଗ୍ନ ହୋଇ ରହିଛନ୍ତି। ବାପା, ମା', ଅଜା ତଥା ପରିବାରର ପ୍ରଭାବ ନା ନିଜ ସାହିତ୍ୟାନୁରାଗର ପରିଣାମ ଏହାର କାରଣ?

**ଉ:** ପିଲାଦିନ, କୈଶୋର ଓ ଆଦ୍ୟ ଜୀବନରେ ପଡ଼ିଥିବା ସବୁ ପ୍ରକାର ପ୍ରଭାବ ହିଁ ତ ମଣିଷକୁ ଗଢ଼ିଥାଏ। ତା'ରି ଭିତରେ ଥାଏ ଆମ ଶିକ୍ଷାଦୀକ୍ଷା, ସାମାଜିକ ପରିବେଶ ଓ ଜୀବନରେ ସୁଖଦୁଃଖର ନାନା ଘଟଣା। ଓଡ଼ିଆ ଭାଷା ଓ ସଂସ୍କୃତି ମୋର ଅସ୍ଥି ମଜ୍ଜାଗତ, ତାକୁ ଛାଡ଼ି ମୋର ଅସ୍ତିତ୍ୱ ନାହିଁ।

**ପ୍ର:** ଆପଣ ତିନିଟି ଉପନ୍ୟାସ ଲେଖିଛନ୍ତି, ଯାହା ଖୁବ୍ ପାଠକୀୟ ସ୍ୱୀକୃତି ପାଇଛି। ଆଗକୁ ଉପନ୍ୟାସ ଲେଖିବାର ଯୋଜନା ଅଛି କି?

**ଉ:** ଗଳ୍ପ ଲେଖୁଲେଖୁ କେବେ ଉପନ୍ୟାସ ଲେଖିଛି। ପୁଣି ଉପନ୍ୟାସ ଆରମ୍ଭ କରି ପୂରା କରିପାରିନାହିଁ। ସତ କହିବାକୁ ଗଲେ ମୋ' ମନରେ ଉପନ୍ୟାସର ବିଷୟ ଓ ଚରିତ୍ରମାନେ ପ୍ରାୟତଃ ଘୂରି ବୁଲୁଥା'ନ୍ତି, ତେବେ ତାଙ୍କୁ ସୁବିଚାର ଦେଇପାରେ ନାହିଁ। କିଛି ଦିନ ଅପେକ୍ଷା କରି ସେଥିରୁ ଅନେକେ ମନରୁ ନିଷ୍କ୍ରାନ୍ତ ହେଇଯାଆନ୍ତି।

**ପ୍ର:** ଆପଣ କବିତା ମଧ୍ୟ ଲେଖନ୍ତି। କବିତା ବିଷୟରେ କିଛି କହିବେ? ଅନୁବାଦ ଆଦି ଅନ୍ୟ ଲେଖା ବି ଅଛି, ସେ ବିଷୟରେ କିଛି?

**ଉ:** କବିତା ଲେଖିବା କମ୍ ହେଲେ ବି ଆରମ୍ଭରୁ କିଛି କିଛି ଲେଖିଆସିଛି ଓ ସେଥିରୁ ବେଶ୍ ସନ୍ତୋଷ ପାଇଛି। ମୋର ଦ୍ୱିତୀୟ କବିତା ସଂଗ୍ରହ ପ୍ରକାଶନ ଲାଗି ପ୍ରସ୍ତୁତ। ଅନୁବାଦ ଅଳ୍ପ କରେ, ମୋତେ ଭଲ ଲାଗେ ବି, ତେବେ ସମୟ ମିଳେନାହିଁ।

**ପ୍ର:** ଲେଖକୀୟ ଅସନ୍ତୋଷ କିଛି ଅଛି କି?

**ଉ:** ନିଶ୍ଚୟ। ପ୍ରତି ନିଷ୍ଠାପର ଲେଖକ ସନ୍ତୋଷ ପାଇବାଯାଏଁ ପରିଶ୍ରମ କରନ୍ତି ସତ, କିନ୍ତୁ ସମ୍ପୂର୍ଣ ରୂପେ ସନ୍ତୁଷ୍ଟ ହୋଇପାରନ୍ତି ବୋଲି ମୁଁ ଭାବୁନାହିଁ। ଲେଖାଟିର ମୁଣ୍ଡି ମାରିସାରିଲା ପରେ ବି ଲାଗେ ଅନେକ କିଛି ଅକୁହା ରହିଗଲା।

**ପ୍ର:** ବଗିଚା କରିବା, ଚମତ୍କାର ରୋଷେଇ କରିବା, ଗୀତ ଶୁଣିବା, ବିଭିନ୍ନ ସ୍ଥାନକୁ ବୁଲିଯିବା– ଏ ସବୁ ବ୍ୟତୀତ ଆଉ କ'ଣ ସବୁ ଭଲ ଲାଗେ?

**ଉ:** ମୋ' ପିଲାଦିନୁ ମା'ବାପା ଉଭୟେ ପାଠପଢ଼ା ସହିତ ସାହିତ୍ୟ, ସଙ୍ଗୀତ, ଚିତ୍ରକଳା ତଥା ପ୍ରକୃତିର ଯାବତୀୟ ବିଭବରେ ରୁଚି ରଖିବାକୁ ଉତ୍ସାହିତ କରୁଥିଲେ। ତାହା କେବଳ ବ୍ୟକ୍ତିଗତ ଉଚ୍ଚାକାଂକ୍ଷା ଲାଗି ନୁହେଁ, ଜୀବନର ଶ୍ରେଷ୍ଠ ଉପହାର ସବୁକୁ ଜାଣିପାରିବା ଲାଗି। ପିଲାଦିନେ, ସାତ ବର୍ଷର ହେଇଥିବି, ମୋ' ଲାଗି ହାର୍‌ମୋନିୟମ ଓ ଡୁବିତବଲା କଲିକତାରୁ ମଗାଯାଇ ଘରେ ସଙ୍ଗୀତ ଶିକ୍ଷାର ବ୍ୟବସ୍ଥା ହୋଇଥିଲା। ଆଜି ବି ସଙ୍ଗୀତ ଶୁଣିବା ମୋ' ନିଶା, ବିଷାଦର ମହୌଷଧି। ଚିତ୍ରକଳା ବି ମୋର ପ୍ରିୟ, ଏକଦା ଆଙ୍କୁଥିଲି। ଦେଶ ବିଦେଶକୁ ଗଲେ ଆର୍ଟ ଗ୍ୟାଲେରି ସବୁକୁ ଯାଏ। ନାଟକ, ସିନେମା ସବୁ ମୋର ଅତି ପ୍ରିୟ। ପ୍ରକୃତି, ବନ୍ୟଜୀବନ, ସବୁ ତ ଅସରନ୍ତି ଆନନ୍ଦର ଭଣ୍ଡାର। କିଛି ନ ହେଲେ ସକାଳୁ ଘର ପାଖ ଗଛଙ୍କୁ ଚାହିଁଲେ ଚଢ଼େଇଙ୍କ ଉଚ୍ଚାଟ ମନ ଖୁସି କରିଦିଏ। ଆଧ୍ୟାତ୍ମିକ ଜୀବନ ବିଷୟରେ ମୋର ଅନୁସନ୍ଧିତ୍ସା ପିଲାଦିନୁ ଥିଲା ଓ ଆଜି ବି ରହିଛି।

**ପ୍ର:** ଏପରି ଜୀବନ ହୋଇ ନ ଥିଲେ ଆଉ କିପରି ଜୀବନ ପସନ୍ଦ କରିଥା'ନ୍ତେ?

**ଉ:** ପସନ୍ଦର, ଅଭିଳାଷର କ'ଣ ଶେଷ ଥାଏ? ନା କେଉଁ ଇଚ୍ଛାଟି ପରିପୂର୍ଣ ହୋଇଯାଏ ସତରେ? ଗାଲିବଙ୍କ ଜଣାଶୁଣା ଦି'ଧାଡ଼ି ମନେପଡ଼ିଯାଏ– ''ହଜାରୋଁ ଖ୍ୱାହିଶେଁ ଐସୀ, କେ ହର୍ ଖ୍ୱାହିଶେଁ ଦମ୍ ନିକ୍‌ଲେ''। ଅଜସ୍ର ଇଚ୍ଛା ଏପରି, ପ୍ରତିଟି କରେ ପ୍ରାଣାନ୍ତକ।

ମୋ:୯୮୬୮୫୪୫୯୦୦

## କବିତା

### ବୋଉ

ମଧୁସୂଦନ ଦାଶ

**ଯୋ**ଉଠି ଯୋଖିଲି ଆଖି
ସେ ଥିଲା ଭୟଙ୍କର
ଯୋଉଠି ମାଖିଲି ଦେହ
ସେ ଥିଲା ବିଷଧର।

ଯୋଉଠି ଥାପିଲି ପାଦ
ସେ ଥିଲା କଣ୍ଟକିତ
ଯୋଉଠି ରୋପିଲି ହୃଦ
ସେ ଥିଲା ବାଷ୍ପୀଭୂତ।

ଯୋଉଠି ଖୋଳିଲି ଗାତ
ସେ ଥିଲା ପଥୁରିଆ
ଯୋଉଠି ପାତିଲି ହାତ
ସେ ଥିଲା ଦେବାଳିଆ।

ଯୋଉଠି ଟାଣିଲି ଗାର
ସେ ଥିଲା ଜଳାଶୟ
ଯୋଉଠି ଗଣିଲି ସଂଖ୍ୟା
ସେ ଥିଲା ବୋଉମୟ।

ଯୋଉଠି ପୂଜିଲି ଦିଅଁ
ସେଠି ଥିଲା ମୋ' ବୋଉ
ଯୋଉଠି ଖୋଜିଲି ମୁହଁ
ସେ ଥିଲା ଝରା ଲହୁ।

ମୋ: ୯୪୩୭୩୩୨୪୯୮

### ଅଜବ ଦିନମାନଙ୍କରେ

ମାନସ ରଞ୍ଜନ ମହାପାତ୍ର

**ସ**ବୁ ଅତିଥି ମଞ୍ଚରେ
କେହି ଉପରେ, କେହି ତଳେ
କେହି ଆଖପାଖରେ

ତିଆରି ସରିଛି ଆଜିର ଭାଷଣ
ବଣ୍ଟା ଚାଲିଛି ଚାହା ଓ
ଖାଇବା ପ୍ୟାକେଟ୍
ମାଇକ୍ ଧରି ସାରିଲେଣି ମଞ୍ଚ ସଞ୍ଚାଳକ
ବସି ସାରିଲେଣି ସଭାପତି

ସଭା ଚାଲିଛି। ଚାଲୁ।

କାହା ପାଖେ ସମୟ ନାହିଁ ଶୁଣିବାକୁ
ଦେଖାହେବାକୁ, କଥାବାର୍ତ୍ତା ହେବାକୁ
ଏମିତି ସମୟ ଯେ
ନିଜ ନିଃଶ୍ୱାସ ଉପରୁ ବି
ମୁଖାପିନ୍ଧା ଲୋକମାନଙ୍କର
ହଜିଯାଇଛି ବିଶ୍ୱାସ

କେଡ଼େ ଅଜବ ଦିନ ସବୁ
ମୃତ୍ୟୁ ମହଲରେ ଆଜିକାଲି
କହିଲ!

ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ଼, ପୁରୀ

### ସେ ଜଣକ

ରାଜେଶ ପୂଜାରୀ

**ସେ** ଜଣକୁ ଅହରହ
ମୋ' ଶବ୍ଦମୋହ ଘାରେ
ମୋ' କବିପଣର ଆୟୁଷ ପାଇଁ
ଦୀପ ଜାଳେ, ବ୍ରତ କରେ

ପ୍ରତିଟି ଧାଡ଼ି
ତା' ଛାତିରେ ଛପା ହୁଅନ୍ତି
ଭୂଇଁରୁ ଆକାଶ
ତା' ପାଖୁ ମୋ' କବିତା ଶୁଣନ୍ତି
ତାକୁ ଚୁମା ଦେଇ ଫେରିଥିବା
ମେଘ ପବନ ମୋତେ କୁହନ୍ତି–
'ଲେଖ ଆହୁରି ଲେଖ
ତୁମର ସେ କହିଛନ୍ତି'

ଅନ୍ଧାରର ବିଛଣାକୁ
ଜହ୍ନ ଆଣିପାରେ
ମରିପାରେ, ମାରିପାରେ
ମୋ' କବିତା ବିନା ଆଉ
ଶ୍ରେଷ୍ଠ କିଛି ନାହିଁ ବୋଲି
ଘୋଷଣାପତ୍ର ଦେଇପାରେ

ମୁଁ ନ ଲେଖିଲେ
ତା' ମୁହଁ ଫୁଲେ, ଆଖି ଜଳେ
ତା' ବଗିଚାରେ ଲକ୍ଷେ କଣ୍ଟା ଫୁଟେ
ପାଦକେ ପାଦକେ ଝୁଣ୍ଟେ
ଲୁହଲହୁ ଧାର ଛୁଟେ
ସେ ଧୀରେ ଧୀରେ
ବରଫ ପାଲଟେ।

ମୁଁ ତାକୁ ଖୋଜେ
ସେ ହଜି ହଜି ଯାଏ
ବାରମ୍ବାର ପଚାରେ ନିଜକୁ
ଜଣେ ସତରେ ଥାଏ କି ସେମିତି
ଦେଖିନି, ଭେଟିନି ମୋତେ ଯିଏ
କିନ୍ତୁ ମୁଁ ତା' ପାଖେପାଖେ ରୁହେ?

ଉତ୍ତର ମିଳେନାହିଁ ଆଉ
ସ୍ୱାର୍ଥପର ସ୍ୱାର୍ଥପର ଲାଗେ
ଭାବେ, ଥାଉ କି ନ ଥାଉ
ସେ ଜଣକ ଥିବାର
ଆଶା ଟିକକ ଚିରକାଳ ରହୁ...

ମୋ: ୮୧୪୪୭୭୯୦୬୧

## ପୁସ୍ତକ ପରିଚୟ

### ଚିହ୍ନ: ୩୯





**ସମ୍ପାଦକ:** ବସନ୍ତ ମାଝି
**ସାଇଜ୍:** ଏ/୮ ଡିମାଇ, **ପୃ:** ୩୦୪,
**ମୂଲ୍ୟ:** ଟ. ୧୦୦/–

ପ୍ରଚ୍ଛଦରେ ପ୍ରୟାତ ମନୋଜ ଦାସଙ୍କ ଫଟୋ ଓ ତା'ର ପୃଷ୍ଠଭୂମିରେ ରହିଛି ଦୁଇଟି ପାଦଚିହ୍ନ, ଯାହା ପାଠିକାପାଠକଙ୍କୁ ସ୍ପର୍ଶ କରେ। 'ଆକାଶବାଣୀ ସୌଜନ୍ୟ'ରୁ ଆନୀତ ମନୋଜ ଦାସଙ୍କର ଏକ ସାକ୍ଷାତ୍କାର ଏଥିରେ ସ୍ଥାନିତ ହୋଇଛି, ଯହିଁରେ ମନୋଜ କହିଛନ୍ତି: ''ମନୋଜ ଦାସ ଜଣେ ବିବର୍ତ୍ତନଶୀଳ ଆତ୍ମା। କେତେ ଜନ୍ମରେ କେତେ ଦାସ, କେତେ ମହାପାତ୍ର କି କେତେ ଜନ୍, କେତେ ରବିନ୍‌ସନ୍, କେତେ କ'ଣ ହୋଇଥିବ ସେ ଏବଂ ଆଉ କେତେ ହେବ ତାହା ମୁଁ ଜାଣେନି। ଦେଖନ୍ତୁ, ମୁଁ ଆଉ ମନୋଜ ଦାସ ସହିତ ଏକାତ୍ମ ହୋଇ ରହିନାହିଁ'', ଯାହା ଖୁବ୍ ହୃଦୟସ୍ପର୍ଶୀ ଓ ବାରମ୍ବାର ଆଉ ନ ଥିବା ମନୋଜଙ୍କ ସ୍ମୃତି ପାଠକଙ୍କ ମନକୁ ଆଣେ।

### ନମସ୍ୟ





ପ୍ରକାଶକ: ମହତାବ ସ୍ମୃତି ସଂସଦ, ମାର୍କୋଣା, ବାଲେଶ୍ୱର
**ସମ୍ପାଦକ:** ସାଧୁଚରଣ ମହାପାତ୍ର, କୃତ୍ତିବାସ ପଣ୍ଡା ଓ ଚିତ୍ତରଞ୍ଜନ ମହାନ୍ତି

'ନମସ୍ୟ' ମହତାବ ସ୍ମୃତି ସଂସଦ, ମାର୍କୋଣା (ବାଲେଶ୍ୱର)ର ବାର୍ଷିକ ମୁଖପତ୍ର। ପତ୍ରିକାଟିର ପ୍ରତିଷ୍ଠାତା ହେଉଛନ୍ତି ପ୍ରୟାତ ଶିକ୍ଷକ ଓ ଲେଖକ ବଙ୍କିମ ଚନ୍ଦ୍ର ମହାରଣା। ପତ୍ରିକାଟିର ବିଭିନ୍ନ ବିଭାଗ ଯଥା: ମହତାବୀ ମହଲ, ମହତାବୀୟ କବିତା, ପ୍ରବନ୍ଧ, ପୌରାଣିକ, ଗଳ୍ପ, ବିଜ୍ଞାନ, ବ୍ୟଙ୍ଗ କବିତା, କବିତା ଓ ମହନୀୟ ମହେନ୍ଦ୍ର (ମହେନ୍ଦ୍ର ପ୍ରସାଦ ବାରିକଙ୍କ ସ୍ମୃତିରେ) ଇତ୍ୟାଦିରେ ସ୍ଥାନୀୟ ଓ ସ୍ଥାନାନ୍ତରର ବହୁ ଲେଖିକାଲେଖକ ଯୋଗଦେଇ ନିଜ ନିଜର ରଚନାରେ ପତ୍ରିକାଟିକୁ ପରିଶୋଭିତ କରିଛନ୍ତି।

### ସ୍ମରଣୀୟେଷୁ... ପୀତାମ୍ବର ମିଶ୍ର





ପ୍ରକାଶ ପାଇଛି 'ବିଦ୍ୟାପୁରୀ' ପ୍ରକାଶନ ସଂସ୍ଥା (କଟକ)ର ଖ୍ୟାତନାମା ପ୍ରକାଶକ ପୀତାମ୍ବର ମିଶ୍ରଙ୍କର ସ୍ମରଣ ସଂଖ୍ୟା, ଯେଉଁଥିରେ ସ୍ୱର୍ଗତ ମିଶ୍ରଙ୍କୁ ନେଇ ସ୍ମୃତିଚାରଣ କରିଛନ୍ତି ଓଡ଼ିଶାର ବହୁ ଲେଖିକାଲେଖକ, ତାଙ୍କର ବ୍ୟକ୍ତିଗତ ସମ୍ପର୍କୀୟ, ପରିବାରର ସଦସ୍ୟାସଦସ୍ୟ ଓ ପ୍ରିୟଜନ। ପତ୍ରିକାରେ ସ୍ଥାନିତ ଏକାଧିକ ଆଲୋକଚିତ୍ରରେ କବିଙ୍କର ସ୍ମୃତି ସଜଳ ହୋଇଉଠିଛି। ପ୍ରାୟ ୨୫୦ ପୃଷ୍ଠାର ଏହି ସ୍ମୃତି-ସଂଖ୍ୟାଟି ପୀତାମ୍ବରଙ୍କ ଜୀବନ, ତାଙ୍କ ସାଧନା ଓ ଓଡ଼ିଶା ପୁସ୍ତକ ପ୍ରକାଶନ କ୍ଷେତ୍ରକୁ ତାଙ୍କର ଜୀବନବ୍ୟାପୀ ଅବଦାନ ସମ୍ପର୍କରେ ବହୁ ଜଣାଅଜଣା ତଥ୍ୟ ଜନ-ମାନସରେ ପହଞ୍ଚାଇବାରେ ସହାୟକ ହୋଇଛି।

## ମିନି ଗଳ୍ପ

### ଚିନି ଓ ଗୁଡ଼

ଶ୍ରୁତକୀର୍ତ୍ତି ତ୍ରିପାଠୀ

**ବ**ନ୍ଧୁମିଳନର ବାଆସର। ବହୁବର୍ଷ ପରେ ପୁରୁଣା ସାଙ୍ଗମାନଙ୍କ ସହିତ ଦେଖାସାକ୍ଷାତ୍। ତନ୍ମଧ୍ୟରୁ କିଏ ପ୍ରତିଷ୍ଠିତ, କିଏ ମଧ୍ୟମ ତ କିଏ ସାଧାରଣ ବର୍ଗର। ଏତେ ଦିନ ପରେ ଏକାଠି ସମସ୍ତଙ୍କ ସମାଗମ ହୋଇଥାଏ। ପୁରୁଣା ବନ୍ଧୁଙ୍କ ଗହଣରେ ସମସ୍ତେ ପିଲାଦିନ କଥା ମନେପକେଇ ଖୁସି ହଉଥା'ନ୍ତି। ହେଲେ ମଧ୍ୟମ ଏବଂ ସାଧାରଣ ଗୋଷ୍ଠୀ ଅନ୍ତର୍ଭୁକ୍ତ ବନ୍ଧୁମାନେ ପ୍ରତିଷ୍ଠିତ ବନ୍ଧୁଙ୍କ ସହିତ ଖୋଲାଖୋଲି ଭାବରେ ମିଶିବାରେ, କଥା ହେବାରେ ସଙ୍କୋଚ କରୁଥା'ନ୍ତି। କହିବାବାହୁଲ୍ୟ ଟିକେ ଦୂରେଇ ରହୁଥା'ନ୍ତି।

ଏକୁଟିଆ ବସିଥିବା ବନ୍ଧୁ ଚନ୍ଦ୍ରକାନ୍ତ ପାଖକୁ ସହରର ପ୍ରତିଷ୍ଠିତ ବ୍ୟବସାୟୀ ବନ୍ଧୁ ଭୂପେନ ଆସି ପଚାରିଲେ, 'ଆରେ ସାଙ୍ଗ, ଆଉ ସବୁ କେମିତି ଚାଲିଛି? କେବେ ସୁବିଧା ଦେଖି ଘରକୁ ଆସ। ଛୁଟିଦିନ ସବୁରେ ମିଳିମିଶି ଖୁସିଗପ ହେବା।' ଚନ୍ଦ୍ରକାନ୍ତ କହିଲେ, ''ସାଙ୍ଗ, ତୋର ବ୍ୟସ୍ତବହୁଳ ଜୀବନ ଭିତରେ ପିଲାଦିନ ସାଙ୍ଗମାନଙ୍କ ପାଇଁ ସ୍ଥାନ ଅଛି? ତା' ପରେ ତୋର ତ ଗୁଡ଼ାଏ ନୂଆ ବନ୍ଧୁ ହୋଇ ସାରିଥିବେ!''

ଧାରେ ହସ ଫୁଟେଇ ଭୂପେନ କହିଲେ, ''ନୂଆ ବନ୍ଧୁମାନେ ସ୍ୱାଦିଷ୍ଟ ମିଷ୍ଟାନ୍ନ ହୋଇପାରନ୍ତି, ହେଲେ ପୁରୁଣା ବନ୍ଧୁମାନେ ସବୁବେଳେ 'ଚିନି' ଓ 'ଗୁଡ଼' ସଦୃଶ। ବିନା ଚିନି ଓ ଗୁଡ଼ରେ କୌଣସି ମିଷ୍ଟାନ୍ନ କେବେ ସୁସ୍ୱାଦୁ ହେଲାଣି ନା ହବ?''

ମୋ: ୬୩୭୦୫୧୬୪୭୮



## କାଳକାଳକୁ

''ସ୍ୱର୍ଗକୁ ନର୍କରେ ଓ
ନର୍କକୁ ସ୍ୱର୍ଗରେ
ପରିଣତ କରିପାରେ
ମଣିଷର ମନ।''
– ଜନ୍ ମିଲଟନ୍



**ଜନ୍ ମିଲଟନ୍‌ଙ୍କ** ଜନ୍ମ ୯ ଡିସେମ୍ବର ୧୬୦୮ରେ ଓ ପରଲୋକ ୮ ନଭେମ୍ବର ୧୬୭୪ରେ, ଲଣ୍ଡନରେ। ଉଇଲିୟମ୍ ସେକ୍ସପିୟରଙ୍କ ପରେ ଇଂଲିଶ୍ ଭାଷାର ସବୁଠୁଁ ଉଲ୍ଲେଖନୀୟ କବି ମିଲଟନ୍। ତାଙ୍କ ସାରସ୍ୱତ କୃତିଗୁଡ଼ିକ ମଧ୍ୟରେ 'ପାରାଡାଇଜ୍ ଲଷ୍ଟ' ମହାକାବ୍ୟ ହେଉଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ଯାହା କବିଙ୍କୁ ବିଶ୍ୱବିଦିତ କରିଛି। ତାଙ୍କ ବିଚାରରେ 'ବିବେକର ସ୍ୱାଧୀନତା' ହେଉଛି ମଣିଷ ପାଇଁ ଖୁବ୍ ମୂଲ୍ୟବାନ୍। ସେ ହିଁ ତାଙ୍କ 'ପାରାଡାଇଜ୍ ଲଷ୍ଟ' ମହାଗ୍ରନ୍ଥରେ କହିଥିଲେ: ''ଆଲୋକିତ ହୋଇଉଠ, ମୋ' ଭିତରେ ଥିବା ସବୁତକ ଅନ୍ଧାର।''

## ଉପହାର

କବିତା ମିଶ୍ର

ଗଳ୍ପ

**ସୀ**ମାର ଏକବିଂଶ ଜନ୍ମଦିବସ। ପରିବାରରେ ସମସ୍ତେ ଖୁସି। କୋଭିଡ୍ କଟକଣା, ଚାରିଆଡ଼େ ଲକ୍‌ଡାଉନ୍। ସପ୍ତାହରେ ଦୁଇଦିନ ଶଟ୍‌ଡାଉନ୍। ମା' ସକାଳୁ ନିତ୍ୟକର୍ମ ସାରି ଶୁଭକଳସ ବସାଇ ଘରଦିଅଁଙ୍କୁ ପୂଜା କଲେ। ମନ୍ଦିର ନନାଙ୍କୁ ଫୋନ୍ କଲେ ପୂଜା ଅର୍ଚ୍ଚନା କରି ଶିବଙ୍କ ମସ୍ତକରେ ଝିଅ ନାଁରେ ଜଳଲାଗି କରିବାକୁ। ଗୋଟିଏ ଝିଅ। ତା'ର ସବୁକଥା ଫୁଲ୍‌ଫିଲ୍ କରି ଦିଅନ୍ତି ବାବା ମାମା। ଝିଅର ଜନ୍ମଦିନ ଉପଲକ୍ଷେ ବାବା ଶୁଭାଶିଷ ପ୍ରଦାନ କରି ଦୁଇହଳ ଡ୍ରେସ୍ ସହିତ ସୁନା ଚେନ୍ ଉପହାର ଦେଲେ। ମା' ଖିରି, ପିଠା, କାନିକା, ଡାଲି, ତରକାରି ସହିତ ଅନେକ ଆଇଟମ୍ ତିଆରି କରିଛନ୍ତି। ଏତେ ଖୁସିରେ ସୀମାର ମନଦୁଃଖ। ଆଜି ପର୍ଯ୍ୟନ୍ତ ତା' ଜନ୍ମଦିନ ଜାକଜମକରେ ପାଳନ ହୋଇଆସୁଥିଲା। ଏ ବର୍ଷ ମହାମାରୀ କରୋନା ପାଇଁ ସବୁ ବନ୍ଦ। ସାଙ୍ଗମାନେ ସମସ୍ତେ ଯାହା ଫୋନ୍‌ରେ ଉଇସ୍ କରୁଛନ୍ତି, ମେସେଜ୍ ଦେଉଛନ୍ତି।

ସୀମା ସମସ୍ତଙ୍କ ଫୋନ୍ ରିସିଭ୍ କରୁଛି। ମାତ୍ର ଅପେକ୍ଷା କରିଛି ସିଦ୍ଧାନ୍ତଙ୍କ ଫୋନ୍ ଏବଂ ମେସେଜ୍‌କୁ। ମୋର ଆଜି ବାର୍ଥଡେ ବୋଲି ବହୁତ ଆଗରୁ କହିଥିଲି। ସେ ନିଶ୍ଚୟ ଆସିବେ ବୋଲି କହିଥିଲେ। ସକାଳୁ ଏ ପର୍ଯ୍ୟନ୍ତ ତାଙ୍କ ଫୋନ୍ ସୁଇଚ୍‌ଅଫ୍। ଆଜି ଶଟ୍‌ଡାଉନ୍ ହୋଇ ନ ଥିଲେ ସେ ନିଶ୍ଚୟ ଆସିଥା'ନ୍ତେ। ନିଜ ହାତରେ ପ୍ରଥମ ଗିଫ୍‌ଟ ଦେଇଥା'ନ୍ତେ। ମୁଁ ଖୁସି ହୋଇ ବାବା ମାଆଙ୍କ ସହିତ ତାଙ୍କୁ ପରିଚିତ କରାଇଥା'ନ୍ତି। ତାଙ୍କୁ କେକ୍ ଖୁଆଇଥା'ନ୍ତି। ଏମିତି ଅନେକ ଭାବନା ତାଙ୍କୁ ଆନନ୍ଦ ଦେଉଥିଲା। ଚାରିଟା ବାଜିଲାଣି। ସୀମା ସ୍ଥିର ହୋଇ ରହିପାରିଲା ନାହିଁ। ନୂଆ ଡ୍ରେସ୍ ସାଙ୍ଗକୁ ମ୍ୟାଚିଂ ମାସ୍କ ମୁହଁରେ ବାନ୍ଧିଲା। ସାନିଟାଇଜରରେ ହାତ ସଫାକରି ମୋବାଇଲ୍ ଧରି ବାହାରି ପଡ଼ିଲା। ମା' ବ୍ୟସ୍ତ। ସୁନାଚେନ୍ ପିନ୍ଧିଛୁ। ଶଟ୍‌ଡାଉନ୍ ପାଇଁ ଚାରିଆଡ଼େ ନିଶୂନ୍। ଏକୁଟିଆ କୁଆଡ଼େ ଯିବୁ? ସୀମା କହିଲା– ବେକରେ ଚୂନ୍‌ରି ଘୋଡ଼ାଇ ଦେବି। ବୁଦ୍ଧ ପାର୍କରୁ ଟିକେ ବୁଲି ଆସୁଛି।

ସିଦ୍ଧାନ୍ତ ପାର୍କକୁ ଆସନ୍ତେ କି? ତାଙ୍କୁ ମେସେଜ୍ ଦେଲା ସୀମା। ହଠାତ୍ ରନିର କଲ୍। ତା' ସହିତ କଥା ହେଲା। ସେ ପଚାରିଲା ସିଦ୍ଧାନ୍ତ ଆସିଥିଲା କି? ପାର୍କର ସିମେଣ୍ଟ ବେଞ୍ଚରେ ବସି ସୀମା ସାଙ୍ଗମାନଙ୍କ ସହିତ କଥା ହେଉଛି। ମନ ତା'ର ସିଦ୍ଧାନ୍ତ ପାଖରେ। ଅନ୍ୟମନସ୍କ ହୋଇ ତା' ବେକରୁ ଚୂନ୍‌ରି ଖସିଯାଇଛି। ସନ୍ଧ୍ୟା ହୋଇ ଆସୁଛି। ସୀମା ଲୋହିତ ବର୍ଣ୍ଣ ପଶ୍ଚିମ ଦିଗକୁ ଚାହିଁ ରହିଛି। ଆଃ... ଆକାଶ କି ସୁନ୍ଦର ଦିଶୁଛି! ହଠାତ୍ ତା' ବେକରୁ ଚେନ୍‌ଟି ଝାମ୍ପିନେଇ ବାଇକ୍‌ରେ ଚାଲିଗଲା ଯୁବକଟି। ବାଇକ୍ ନମ୍ବର ପ୍ଲେଟ୍‌ରେ କଳା କାଗଜ ପେଷ୍ଟ କରାଯାଇଛି। ସୀମା ଚିତ୍କାର କରି ଉଠିଲା। ମୋ' ଚେନ୍... ମୋ' ଚେନ୍...। ପିସିଆର ଗାଡ଼ି ସାଇରନ୍ ମାରି ପହଞ୍ଚିଗଲା। ବାଇକ୍ ପଛରେ ପିଛାକରି ପୋଲିସ୍ ଯୁବକଟିକୁ ଧରିନେଲା। ସୀମା ଦୌଡ଼ିଦୌଡ଼ି ତାଙ୍କ ପାଖକୁ ଗଲା। ଯୁବକ ମୁଣ୍ଡରେ ହେଲ୍‌ମେଟ୍, ମୁହଁରେ ଡବଲ ଶକ୍ତ ମାସ୍କ। ହାତରେ ଗ୍ଲୋବ୍‌ସ। ଆଖିରେ କଳା ଚଷମା। ପୋଲିସ ତା' ମୁଣ୍ଡରୁ ହେଲ୍‌ମେଟ୍ ମୁହଁରୁ ତୁଣ୍ଡି ଖୋଲିଦେଲା। ଆରେ ତୁ? ଏ ସହରର ପ୍ରଖ୍ୟାତ ଚେନ୍ ଚୋର। ଆଙ୍ଗୁଠିରେ ଗଣିଗଣି କହ ତୋ' ନାଁରେ କେତେ ମାମଲା? ସୀମା ଆଶ୍ଚର୍ଯ୍ୟ ଏବଂ ଲଜ୍ଜିତ। ସିଦ୍ଧାନ୍ତ ତୁମେ ପୁଣି ଏତେ ନୀଚକାମ କରିପାର? ସିଦ୍ଧାନ୍ତ ମୁହଁ ତଳକୁ କରି କହିଲା– ତୁମ ଜନ୍ମଦିନରେ ଦାମୀ ଉପହାର ଦେବାକୁ। ସରି ତୁମେ ସୀମା ବୋଲି ମୁଁ ଜାଣିପାରି ନ ଥିଲି। ପୋଲିସ ସୀମା ହାତକୁ ଚେନ୍‌ଟି ବଢ଼ାଇ ଦେଇ ଯୁବକକୁ ପିସିଆର୍ ଭ୍ୟାନ୍‌ରେ ବସାଇଲା।

ସୀମାର ମନ, ହୃଦୟ ଆନ୍ଦୋଳିତ ହୋଇଉଠିଲା। ତା' କଣ୍ଠରୁ ଝରି ଆସିଲା ଉପରକୁ ସୁନ୍ଦର, ସରଳ ଦିଶୁଥିବା ମଣିଷର ଧମନୀରେ ଏପରି ବିଷାକ୍ତ ରକ୍ତ ସଞ୍ଚାଳିତ ହୋଇପାରେ। ମିଛ ଉପହାରର ପ୍ରଲୋଭନ ଦେଖାଇ କେତେ ଝିଅଙ୍କୁ ଭୁଲାଇ ପାରନ୍ତି ଏମାନେ? ଆଖିରେ ଉଷୁମ ଲୁହ, ହୃଦୟ କ୍ରୋଧରେ ଜର୍ଜରିତ। ଦୀର୍ଘ ପ୍ରଶ୍ୱାସ ଛାଡ଼ି ଚାହିଁଲା। ପିସିଆର ଭ୍ୟାନ୍ ଦ୍ରୁତଗତିରେ ଆଗକୁ ଚାଲିଯାଉଛି।

ମୋ: ୯୯୩୭୦୩୩୭୫୦



**ପ୍ରଥମ ପୃଷ୍ଠାରୁ...**

## କଂଗ୍ରେସ ଭବନରେ...

ଏଥିସହ ବାଇକ୍ ରାଲି ମଧ୍ୟ ସହର ବୁଲିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂହ ସାଲୁଜାଙ୍କ ସମେତ ବହୁ କଂଗ୍ରେସ ନେତା ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ଅପରାହ୍ନ ପ୍ରାୟ ୧ଟାରେ ସେମାନେ ବିଧାନସଭା ଘେରାଉ ପାଇଁ ଯାଉଥିବାବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲା। ପୋଲିସ ସେମାନଙ୍କୁ ଅଟକାଇବାରୁ କଂଗ୍ରେସ କର୍ମୀମାନେ ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ। ଏଥିସହ ବ୍ୟାରିକେଡ ଭାଙ୍ଗି କେତେଜଣ ବିଧାନସଭା ଆଡକୁ ମାଡିଯିବା ସହ କଡ଼ା ସୁରକ୍ଷା ବଳୟ ଡେଇଁ ମୁଖ୍ୟ ଫାଟକ ନିକଟତର ହେଉଥିବାବେଳେ ପୋଲିସ ଅଟକାଇଥିଲା। ଏହା ଭିତରେ ପୋଲିସ ସହ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଆରମ୍ଭ ହୋଇଯାଇଥିଲା। ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରି ଭ୍ୟାନ୍‌କୁ ନେଉଥିବାବେଳେ ଏହି ସମୟରେ ଗାଡ଼ି ତଳେ ନିଆଁ ଜଳୁଥିବା ଦେଖି ପୋଲିସ ଉତ୍ତେଜିତ ହୋଇପଡିଥିଲା। ଏହାପରେ ପୋଲିସ ଲାଠିଚାର୍ଜ ଆରମ୍ଭ କରିଥିଲା। ଭୟରେ କଂଗ୍ରେସ କର୍ମୀମାନେ ଛତ୍ରଭଙ୍ଗ ଦେବା ସହ ଯିଏ ଯୁଆଡେ ପାରିଲେ ଦୌଡ଼ିଥିଲେ ମଧ୍ୟ ପୋଲିସ ଖୋଜିଖୋଜି ପିଟିଥିଲା। ଏପରିକି ଧଳାପୋଷାକ ପିନ୍ଧା ସାଧାରଣ ଲୋକ ମଧ୍ୟ ପୋଲିସ ମାଡ଼ରୁ ବର୍ତ୍ତି ନ ଥିଲେ। ତେବେ କେତେଜଣ ଆନ୍ଦୋଳନକାରୀ କଂଗ୍ରେସ ଭବନକୁ ପଶିଯାଇଥିଲେ। ଏହା ଜାଣିବା ପରେ ପୋଲିସ ସଂଘବଦ୍ଧ ହୋଇ ହଠାତ୍ କଂଗ୍ରେସ ଭବନ ଭିତରକୁ ଯାଇ ଲାଠି ଚାର୍ଜ କରିଥିଲା। ବନ୍ଦ ଥିବା ଘର କବାଟକୁ ଗୋଇଠା ଓ ଧକ୍କା ମାରି ଖୋଲିବାକୁ ଉଦ୍ୟମ କରିବା ସହ ବାହାରୁ ଖିଡିକି ଲଗାଇ ଦେଇଥିଲା। ପୋଲିସର ଏଭଳି ରକ୍ତମୁଖା ଦେଖି କଂଗ୍ରେସ ଭବନ ପରିସରରେ ଥିବା କେତେଜଣ କର୍ମୀ ଉପରକୁ ହାତ କରି ସରେଣ୍ଡର କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପୋଲିସର ଏଭଳି ବର୍ବରତା ପ୍ରତିବାଦରେ ଛାତ୍ର କଂଗ୍ରେସ ସଭାପତି ୟାସିରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀ ମାଷ୍ଟରକ୍ୟାଣ୍ଟିନ ଛକରେ ଧାରଣା ଦେଇଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଅଟକି ରହିଥିଲା। ଏଥିରେ ଦଳୀୟ ନେତାମାନେ ମଧ୍ୟ ସାମିଲ ହୋଇଥିଲେ। ଡିସିପି ଉମାଶଙ୍କର ଦାଶ ଓ ଅନ୍ୟ କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏନେଇ ଡିସିପି ଦାଶ କହିଛନ୍ତି, ଦୁଇଟି ଭ୍ୟାନ୍ ଟାୟାରରେ କଂଗ୍ରେସ କର୍ମୀମାନେ ପେଟ୍ରୋଲ ପକାଇ ନିଆଁ ଲଗାଇଦେଇଥିଲେ, ଯାହା ବିସ୍ଫୋରଣ ହେବାର ସମ୍ଭାବନା ରହିଥିଲା। ତେଣୁ ଗାଡ଼ି ଭିତରେ ଥିବା ଗିରଫ ଆନ୍ଦୋଳନକରୀଙ୍କୁ ବାହର କରିବା ସହ ତୁରନ୍ତ ବଳପୂର୍ବକ ଧାରଣାସ୍ଥଳକୁ ଖାଲି କରିବାକୁ ପୋଲିସ ଉଦ୍ୟମ କରିଥିଲା। ସିସିଟିଭି ଫୁଟେଜ୍ ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ନୂଆବର୍ଷରେ ସାଧାରଣ...

ଦ୍ୱାର ବନ୍ଦ ରହିବ, ମାତ୍ର ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ମିଳିପାରିବ। ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନ ସହ ଗରୁଡ଼ସ୍ତମ୍ଭ ଦର୍ଶନ କରିପାରିବେ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପୂର୍ବଭଳି ଜାନୁୟାରୀ ମାସର ସମସ୍ତ ରବିବାର ସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଗହଳିକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧, ଜାନୁୟାରୀ ୧ତାରିଖ ନୂଆବର୍ଷ ଏବଂ ୨ତାରିଖରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଡିସେମ୍ବର ୨୫ ସମେତ ଅନ୍ୟ ଦିନରେ ଦର୍ଶନ ବ୍ୟବସ୍ଥା ଚାଲୁ ରହିବ। ଆଗାମୀ ୧୬ ତାରିଖରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ଏହି ସମୟରେ ସକାଳ ୫ଟା ୩୦ରୁ ରାତ୍ର ୯ଟା ୩୦ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରିପାରିବେ। ସେହିଭଳି ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ବିଚାର ଚାଲିଛି। ବରିଷ୍ଠ ସେବାୟତଙ୍କ ସହ ଏ ସମ୍ପର୍କରେ ଆଲୋଚନା ହୋଇଛି। ପଶ୍ଚିମଦ୍ୱାରରେ ଦର୍ଶନ ବ୍ୟବସ୍ଥା ହୋଇଥିବାବେଳେ ଉତ୍ତର ଦ୍ୱାର ର୍‍ୟାମ୍ପ ବ୍ୟବସ୍ଥାରେ କିଛି ସମସ୍ୟା ରହିଛି। ତୁରନ୍ତ ସମାଧାନ ପାଇଁ ଚେଷ୍ଟା ଚାଲିଛି। ଅନ୍ୟପକ୍ଷରେ ଓମିକ୍ରନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କୋଭିଡ୍ କଟକଣାକୁ ପ୍ରାଥମିକତା ଦେଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ପୂର୍ବରୁ ଡିସେମ୍ବର ମାସରେ ଶ୍ରଦ୍ଧାଳୁଙ୍କ ପାଇଁ ବାଧତାମୂଳକ ଥିବା ଡବଲ୍ ଡୋଜ୍ ଓ ଭାକ୍ସିନେଶନ୍ କଟକଣା ଉଠାଇବା ନେଇ ଆଲୋଚନା ଚାଲିଥିବା ବେଳେ ଓମିକ୍ରନ୍ ଭାରିଏଣ୍ଟକୁ ଦେଖି ପ୍ରଶାସନ କଟକଣାକୁ ବଳବତ୍ତର ରଖିବାକୁ ନିଷ୍ପତ୍ତି ନେଇଛି। ଜାନୁୟାରୀ ଗାଇଡ୍‌ଲାଇନ ଦେଖି ପୁଣି ଦର୍ଶନ ବ୍ୟବସ୍ଥା କଟକଣା ଉପରେ ବିଚାର କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଉକ୍ତ ବୈଠକରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିଥିବାବେଳେ ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଛତିଶା ନିଯୋଗ ଏବଂ ନୀତି ସବ୍‌କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ୨୪୬ ନମୁନାରେ...

ସ୍କୁଲରେ କରୋନା ସଂକ୍ରମଣକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ସ୍କୁଲ ଅପେକ୍ଷା ହଷ୍ଟେଲରେ ପଜିଟିଭ ରିପୋର୍ଟ ଅଧିକ ରହିଛି। କେତେଜଣ ଶିକ୍ଷକ ଓ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ସ୍କୁଲରୁ ଯେଉଁ ପଜିଟିଭ ରିପୋର୍ଟ ଆସିଛି ସବୁ ଲକ୍ଷଣବିହୀନ ରହିଛି। ସେମାନଙ୍କୁ ଡାକ୍ତରଖାନା ଯିବାକୁ ଦରକାର ପଡୁନାହିଁ କି ଆଡ଼ମିଶନ ହେବାକୁ ପଡୁନାହିଁ। ଏଥିପାଇଁ ଆତଙ୍କିତ ହେବାର କୌଣସି କାରଣ ନାହିଁ। ଶିକ୍ଷକ ଓ କର୍ମଚାରୀ ଟିକା ନେଇଛନ୍ତି। ଯେଉଁମାନେ ନେଇ ନାହାନ୍ତି ସେମାନଙ୍କୁ ଟିକା ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷା ବିଭାଗକୁ ଏସ୍‌ଓପି କଡ଼ାକଡ଼ି ପାଳନ କରିବା ପାଇଁ କୁହାଯାଇଛି। ଏହାସହ କଲେଜରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଛାତ୍ରୀଛାତ୍ରଙ୍କୁ ଟିକା ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାର ଲକ୍ଷଣ ବାହାରୁଛି ତାଙ୍କୁ ସ୍କୁଲ ଛାଡ଼ନ୍ତୁ ନାହିଁ। ହଷ୍ଟେଲରେ ଛାତ୍ରୀଛାତ୍ରଙ୍କ ଲକ୍ଷଣ ଥିଲେ ସେମାନଙ୍କୁ ସଙ୍ଗରୋଧରେ ରଖିବା ପାଇଁ ନିରଞ୍ଜନ ମିଶ୍ର କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, କେତେକ ସ୍କୁଲରେ କାଁଭାଁ ସଂକ୍ରମିତ ଥିବା ନଜରକୁ ଆସିଛି। ଥଣ୍ଡା ଜ୍ୱର ବା ସାମାନ୍ୟ ଲକ୍ଷଣ ଥିଲେ ତୁରନ୍ତ ଟେଷ୍ଟିଂ କରାଯାଉଛି। ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏସ୍‌ଓପିକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ସ୍କୁଲ ଆସିବାକୁ ନେଇ ଅଭିଭାବକ ସହମତି ପାଇଁ ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥା ନେଇଛନ୍ତି। ସ୍କୁଲ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିଛି। ସଂକ୍ରମଣ ରୋକିବା ଦିଗରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବା ମନ୍ତ୍ରୀ କହିଛନ୍ତି।

## ଛୁଟିରେ ସୁମିତ...

ହୋଇ ନ ଥିବା ବେଳେ ସ୍ୱାମୀ ଶୁକ୍ରବାର ଚିନିଶିଳ୍ପ ଅତିଥି ଭବନକୁ ଫେରି ନ ଥିବାରୁ ତପସ୍ୱିନୀ ବିଭିନ୍ନ ଆଶଙ୍କାରେ ରହିଛନ୍ତି। ସୁମିତଙ୍କୁ ଅପହରଣ ସମ୍ପର୍କରେ କୌଣସି ଅଭିଯୋଗ ଆସିନି। ତପସ୍ୱିନୀ ଏ ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରିବା ପରେ ତଦନ୍ତ କରାଯାଇଥିଲା। ଡାକ୍ତର ସୁମିତ ଛୁଟିରେ ଥିବା ଜଣାପଡିଛି ବୋଲି ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମାଶଙ୍କର ମିଶ୍ରଙ୍କୁ ପଚାରିବାରେ ଡା. ସୁମିତ ସାହୁ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯାଇଥିବା କହିଛନ୍ତି।

ସୂଚନାଯୋଗ୍ୟ, ଛତ୍ରପୁରର ତପସ୍ୱିନୀ ଓ ବ୍ରହ୍ମପୁରର ଯୁବ ଡାକ୍ତର ସୁମିତଙ୍କ ପ୍ରେମ ସମ୍ପର୍କ ରହିଥିଲା। ଗତବର୍ଷ କୋର୍ଟରେ ବିବାହ କରିବା ପରେ ଉଭୟେ ଏକାଠି ରହିଥିଲେ। ଗତ କିଛିମାସ ହେବ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ତାଙ୍କୁ ନିର୍ଯାତନା ଦେଇଥିବା ନେଇ ତପସ୍ୱିନୀ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଡାକ୍ତରଙ୍କ ପରିବାର ଲୋକେ ମାମଲା ଉଠାଇବା ପାଇଁ ବୋହୂଙ୍କୁ ମନାଇବା ସହ ବାହାଘର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୨୨ ତାରିଖରେ ବାହାଘର ଲଗ୍ନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶ୍ୱଶୁର ଘର ଲୋକେ କୌଣସି ଆୟୋଜନ କରି ନ ଥିବାରୁ ତପସ୍ୱିନୀ ବଧୂ ବେଶରେ ବ୍ରହ୍ମାନଗର ସ୍ଥିତ ଶ୍ୱଶୁର ଘର ଆଗରେ ଧାରଣା ଦେଇଥିଲେ। ନ୍ୟାୟ ନ ମିଳିବାରୁ ଶେଷରେ କୋର୍ଟର ଆଶ୍ରୟ ନେଇଥିଲେ।

## କାର୍ଯ୍ୟାନୁଷ୍ଠାନ ଭୟ...

ତଥ୍ୟ ପ୍ରଦାନରେ ବାରମ୍ବାର ବିଳମ୍ବ ହେଉଥିବାରୁ ଗତ ୪ ତାରିଖରେ ଜେଏମ୍‌ଏଫ୍‌ସି ମାହାଙ୍ଗା ଥାନା ଅଧିକାରୀଙ୍କ ଉପରେ କଡା ଆଭିମୁଖ୍ୟ ନେବାକୁ ସ୍ପଷ୍ଟ କରିଥିଲେ। ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଡିସେମ୍ବର ୧୦ ସକାଳ ୧୦ଟା ୩୦ ସୁଦ୍ଧା ଉପରୋକ୍ତ ରିପୋର୍ଟ ଦାଖଲ ନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଥାନା ଅଧିକାରୀଙ୍କ ପକ୍ଷରୁ ଜେଏମ୍‌ଏଫ୍‌ସିଙ୍କ ଆଦେଶକୁ ପୁନର୍ବିଚାର କରିବା ନିମନ୍ତେ ୭ ତାରିଖରେ ୨ଟି ରିଭିଜନ ପିଟିଶନ ଏଡିଜେ କୋର୍ଟଙ୍କ ନିକଟରେ ଦାଏର କରାଯାଇଥିଲା। ମାତ୍ର ୮ ତାରିଖରେ ଏଡିଜେ ଏହାକୁ ଖାରଜ କରିଦେଇଥିଲେ। ଫଳରେ ଥାନା ଅଧିକାରୀ ଅନ୍ୟ କୌଣସି ବାଟ ନ ପାଇ ଶୁକ୍ରବାର ସକାଳ ୧୦ଟା ୩୦ ପୂର୍ବରୁ ସମସ୍ତ ଦସ୍ତାବିଜ ସହ କୋର୍ଟରେ ହାଜର ହୋଇଛନ୍ତି। ଏଥିସହ ମଗାଯାଇଥିବା ସିଡିଆର୍ ଏସ୍‌ପିଙ୍କ ନିକଟରୁ ଗ୍ରହଣ କରି ସଂରକ୍ଷଣ କରାଯାଇଛି ବୋଲି କୋର୍ଟକୁ ଜଣାଇଛନ୍ତି।

ପ୍ରକାଶ ଯେ, ଚଳିତବର୍ଷ ଜାନୁୟାରୀ ୨ରେ ମାହାଙ୍ଗା ଥାନା ନୃତ୍ତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳକୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତଙ୍କ ତାଲିକାର ୧୩ ନମ୍ବର ସ୍ଥାନରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ପୋଲିସ ତାଙ୍କ ନାମକୁ ଚାର୍ଜଶିଟରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଉକ୍ତ ପିଟିଶନର ଶୁଣାଣି କରି ଅଗଷ୍ଟ ୨୬ରେ ସାନି ତଦନ୍ତ ରିପୋର୍ଟ ଦାଖଲ ପାଇଁ ମାହାଙ୍ଗା ଥାନା ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମନ୍ତ୍ରୀ ଜେନାଙ୍କ ୨ ସହଯୋଗୀ ତଥା ପିଏ ଉମାକାନ୍ତ ବିଶ୍ୱାଳ (ବାପି), ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ଓ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର୍ ସହ କେସ୍ ଡାଏରି ଦାଖଲ କରିବାକୁ ଆଦେଶ ଦେଇଥିଲେ। ହେଲେ ମାହାଙ୍ଗା ଥାନା ଅଧିକାରୀ ଏହାକୁ ଦେବାରେ ବିଳମ୍ବ କରିବାରୁ ଜେଏମ୍‌ଏଫ୍‌ସି ଅସନ୍ତୋଷ ବ୍ୟକ୍ତ କରିବା ସହ ପୋଲିସକୁ ଭର୍ତ୍ସନା କରିଥିଲେ।

## ବରଗଡ଼ ଧନୁଯାତ୍ରା...

ପ୍ରସ୍ତୁତି ସାଧାରଣତଃ ଦୁଇମାସ ପୂର୍ବରୁ ଚାଲିଥାଏ। କିନ୍ତୁ ଏଥିପାଇଁ ଜାନୁୟାରୀ ମାସର କୋଭିଡ୍ ଗାଇଡ୍ ଲାଇନକୁ ଅପେକ୍ଷା କରାଯିବା ଏବଂ ତିଥି ଅନୁଯାୟୀ ସେହି ମାସ ପ୍ରଥମ ସପ୍ତାହରେ ଏହି ମହୋତ୍ସବ ପଡୁଥିବାରୁ ଗତଥର ଭଳି ଏଥର ମଧ୍ୟ ଧନୁଯାତ୍ରା ବାତିଲ ହେବା ସମ୍ଭାବନା ରହିଛି। ବୈଠକରେ ସମିତିର ସମ୍ପାଦକ ତଥା ଆବାହକ ସୁରେଶ୍ୱର ଶତପଥି, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ତହସିଲଦାର ସଞ୍ଜୀବ ମେହେର, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଡିଆଇପିଆର୍‌ଓ କଲ୍ୟାଣୀ ଦାଶ, ଓକିଲ ସଂଘର ସଭାପତି କୁଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ଝୁଲନ୍ତା...

ବିବେକାନନ୍ଦ ଗତ ମଙ୍ଗଳବାରଠାରୁ ବାଇକ୍‌ରେ କୌଣସି କାର୍ଯ୍ୟରେ ଯାଇ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ମିଳି ନ ଥିଲା। ଏ ନେଇ ସ୍ତ୍ରୀ ଶାରଳା ବୁଧବାର କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିଖୋଜ ସରପଞ୍ଚଙ୍କ ସନ୍ଧାନ ମିଳିଲେ ଥାନାକୁ ଜଣାଇବାକୁ ଥାନାଧିକାରୀ ସୁନୀଲ କର ନିବେଦନ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଗ୍ରାମଠାରୁ ୭କିମି ଦୂର ମହୁଲପାଳ ବିଜାଡିହ ଜଙ୍ଗଲରୁ ତାଙ୍କର ଗଳିତ ମୃତଦେହ ଏକ ପ୍ଲାଷ୍ଟିକ୍ ରଶିରେ ଝୁଲୁଥିବା ସ୍ଥାନୀୟ ବାସିନ୍ଦା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳଠାରୁ ଅନତି ଦୂରରୁ ବାଇକ୍ ଜବତ କରାଯାଇଛି। ବିବେକାନନ୍ଦଙ୍କ ଦୁଇ ଝିଅପୁଅ ଅଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପ୍ରସୂତିଙ୍କୁ ଏକ୍ସପାଏରି...

ଏକ୍ସପାଏରି ହୋଇଯାଇଥିବା ଆଶାକର୍ମୀ ଜାଣିବାକୁ ପାଇଥିଲେ। ନଭେମ୍ବର ୨୧ତାରିଖରେ ଏହି ସାଲାଇନ୍‌ର ଅବଧି ଶେଷ ହୋଇଯାଇଥିଲା। ଏନେଇ ଆଶାକର୍ମୀ ଜଣକ ଦାୟିତ୍ୱରେ ଥିବା ନର୍ସଙ୍କୁ ଜଣାଇଥିଲେ। ତେବେ ନର୍ସମାନେ ଓଲଟି ତାଙ୍କ ସହିତ ଯୁକ୍ତିତର୍କ କରିଥିଲେ। ପୂର୍ବରୁ ପ୍ରସୂତିମାନଙ୍କୁ ଦିଆଯାଇଥିବା ସାଲାଇନ୍‌ଗୁଡ଼ିକ ମଧ୍ୟ ସମୟ ଅତିକ୍ରାନ୍ତ ହୋଇଥିବା ନେଇ ଅଭିଯୋଗ ହେବାରୁ ଆଶାକର୍ମୀ ସଂଘର ସମ୍ପାଦିକା ରେବତୀ ପରିଡ଼ାଙ୍କ ସମେତ ଅନ୍ୟମାନେ ପହଞ୍ଚି ହୋହଲ୍ଲା କରିଥିଲେ। ଭୁଲ୍ ତ୍ରୁଟି ଦେଖାଇଲେ ଚାକିରିରୁ ବାହାର କରି ଦିଆଯିବ ବୋଲି ନର୍ସ ଧମକ ଦେଉଥିବା ଆଶାକର୍ମୀମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାର ତଦନ୍ତ ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଶାକର୍ମୀ ସଂଘ ଦାବି କରିଛି। ଏ ସଂକ୍ରାନ୍ତରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରତିଭା ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

## ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତକୁ ବିଶ୍ୱରେ ଅଗ୍ରଣୀ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ପ୍ରଣୀତ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି–୨୦୨୦(ଏନଇପି) ଭାରତକୁ ବିଶ୍ୱରେ ଅଗ୍ରଣୀ କରିବ। ଶୁକ୍ରବାର ଉତ୍ତରପ୍ରଦେଶର ଗୋରଖପୁରଠାରେ ମହାରଣା ପ୍ରତାପ ଶିକ୍ଷା ପରିଷଦର ପ୍ରତିଷ୍ଠା ସପ୍ତାହ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଇପି ପ୍ରଣୟନ କରାଯାଇଛି। ଏହା ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଦେଶର ଯୁବକଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିବ। ଗୋରଖପୁରର ଅଧ୍ୟାତ୍ମିକ ଚେତନାକୁ ଆଗକୁ ନେବା ପାଇଁ ଆଗାମୀ ଦିନରେ ଏହାକୁ 'ସ୍ପେଶାଲ ଏଜୁକେଶନ ଜୋନ୍' ଭାବେ ବିକଶିତ କରାଯିବ। ଏହି ଅବସରରେ ଧର୍ମେନ୍ଦ୍ର ତାମିଲନାଡୁର କୁନ୍ନୁର ଠାରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ ବିପିନ ରାୱତ, ତାଙ୍କ ଧର୍ମପତ୍ନୀ ଏବଂ ଭାରତୀୟ ସେନାର ୧୧ ବୀର ଯବାନଙ୍କୁ ଏକ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



























# ଆଶା ଆଶଙ୍କାରେ ଓଡ଼ିଶାର ସ୍ନୋ ଗର୍ଲ

**ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ସ୍ନୋ ଗର୍ଲ ରଞ୍ଜିତା ବେହେରା। ପ୍ରତିକୂଳ ପରିବେଶରେ ବଢ଼ି ଆସିଥିଲେ ହେଁ ଅଦମ୍ୟ ଇଚ୍ଛାଶକ୍ତି ଏବଂ ନିଷ୍ଠା ବଳରେ ସ୍ନୋ ସ୍ପୋର୍ଟ୍ସ ପରି ଗେମ୍‌ରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଥିବା ଏହି ସାହସୀ ବାଳିକା ଅଷ୍ଟ୍ରିଆରେ ୨୦୨୨ ମାର୍ଚ୍ଚ-ଏପ୍ରିଲରେ ହେବାକୁଥିବା ଅନ୍ତର୍ଜାତୀୟ ସ୍କି ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ କି ନାହିଁ ସେ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇପାରୁ ନାହାନ୍ତି। "ମୁଁ ଏକ ବ୍ୟୟବହୁଳ କ୍ରୀଡ଼ାକୁ କ୍ୟାରିୟର କରିଛି। ଅନେକ ଅର୍ଥ ଖର୍ଚ୍ଚ କରି ମୁଁ ଏତେବାଟ ଆସିଛି। ଅଷ୍ଟ୍ରିଆରେ ହେବାକୁଥିବା ଅନ୍ତର୍ଜାତୀୟ ସ୍କି ରେସ୍‌ଗୁଡ଼ିକ ପାଇଁ ଯୋଗ୍ୟତା ଅର୍ଜନ କରିଛି ସତ, ମାତ୍ର ସେଠାକୁ ଯାଇ ପାରିବି କି ନାହିଁ ତାହା ଭାବିପାରୁନି। ଅଷ୍ଟ୍ରିଆ ପ୍ରତିଯୋଗିତାରେ ଭାଗ ନେବାକୁ ହେଲେ ବହୁ ଅର୍ଥ ଆବଶ୍ୟକ। ଅତିକମ୍‌ରେ ପ୍ରତିଯୋଗିତାଗୁଡ଼ିକ ପୂର୍ବରୁ ସେଠାରେ ମାସେ ଟ୍ରେନିଂ ନେବାକୁ ପଡ଼ିବ। ମାତ୍ର ଟ୍ରେନିଂ ପାଇଁ ଦିନକୁ ଅତିକମ୍‌ରେ ୨.୫୦ ୟୁରୋ ଖର୍ଚ୍ଚ ହେବ, ଯାହାକି ମୋ ପକ୍ଷରେ ଅସମ୍ଭବ। ରାଜ୍ୟ ସରକାରଙ୍କ ସମର୍ଥନ ନ ମିଳିଲେ ମୁଁ କିଛି କରିପାରିବିନି। ଏଥିପାଇଁ ସ୍ପୋନସରଶିପ୍ ମଧ୍ୟ ଆବଶ୍ୟକ। ନ ହେଲେ ମୁଁ ସେଠାକୁ ଯାଇ ପ୍ରତିଯୋଗିତାରେ ଭାଗନେବା ସମ୍ଭବ ନୁହେଁ" ବୋଲି ଦୁଃଖର ସହ କହିଛନ୍ତି ରଞ୍ଜିତା। ମୁଁ ଯୋଗ୍ୟତା ଅର୍ଜନ କରିଛି ସତ, ମାତ୍ର ଖୁସି ହୋଇପାରୁନି କି ଦୁଃଖ ମଧ୍ୟ ପ୍ରକାଶ କରିପାରୁନି। ଦେଖାଯାଉ କ'ଣ ହେଉଛି। ତେବେ ସେ ପ୍ରତିଯୋଗିତାରେ ଭାଗ ନେବାକୁ ମୋର ବହୁତ ଇଚ୍ଛା ରହିଛି। ଅଷ୍ଟ୍ରିଆରେ ଉଚ୍ଚମାନର ଟ୍ରେନିଂ ସୁବିଧା ଅଛି। ସେଠାରେ କିଛିଦିନ ଟ୍ରେନିଂ କରିପାରିଲେ ମୁଁ ନିଶ୍ଚିତ ରାଜ୍ୟ ଓ ଦେଶର ଟେକ ରଖି ପାରିବି ବୋଲି ଆତ୍ମବିଶ୍ୱାସର ସହ ରଞ୍ଜିତା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ବରଫ ପରିବେଷ୍ଟିତ ଅଞ୍ଚଳ ବାହାରେ ବଢ଼ିଥିବା ପିଲାଙ୍କ ପାଇଁ ସାଧାରଣତଃ ଆଇସ୍ ସ୍କେଟିଂ, ସ୍କିଇଂ, ସ୍ଲେଡିଂ, ସ୍ନୋବୋର୍ଡିଂ, ସ୍ନୋମୋବିଲିଂ ଆଦି କ୍ରୀଡ଼ାକୁ କ୍ୟାରିୟର କରିବା ସ୍ୱପ୍ନଭଳି। ମାତ୍ର ଓଡ଼ିଶାର ସାହସୀ ବାଳିକା ରଞ୍ଜିତା ବେହେରା ଏଥିରେ ଏକ ବ୍ୟତିକ୍ରମ। ଚ୍ୟାଲେଞ୍ଜପୂର୍ଣ୍ଣ ହେଲେ ମଧ୍ୟ ଏହି ଗେମ୍‌କୁ ନେଇ ସେ ଅନେକ ସ୍ୱପ୍ନ ଦେଖିଛନ୍ତି। ରାଉରକେଲାବାସୀ ଅନ୍ନପୂର୍ଣ୍ଣା ଓ ରଘୁନାଥ ବେହେରାଙ୍କ ଏହି ସାହସୀ କନ୍ୟା ପାଲଟି ଯାଇଛନ୍ତି ଓଡ଼ିଶାର 'ସ୍ନୋ ଗର୍ଲ'। ପିଲା ଦିନରୁ ଦୁଃସାହସିକ କ୍ରୀଡ଼ାପ୍ରତି ଆଗ୍ରହ ଯୋଗୁ ସେ ପର୍ବତାରୋହଣ ଏବଂ ସ୍ନୋ ସ୍ପୋର୍ଟ୍ସକୁ କ୍ୟାରିୟର କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ଏବଂ ଦେଶକୁ ଗୌରବାନ୍ୱିତ କରିବାକୁ ସେ ଦୃଢ଼ ପରିକର। ଜମ୍ମୁ କଶ୍ମୀରର ଗୁଲମାର୍ଗରେ ୨୦୨୧ ଫେବୃୟାରୀ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରି ମନ ଜିତିଥିଲେ ଓଡ଼ିଶାର ଏହି 'ସ୍ନୋ ଗର୍ଲ'। ପ୍ରତିଯୋଗିତାରେ ରଞ୍ଜିତା ଆଲ୍‌ପାଇନ୍ ସ୍କି'ର ସାଲାଲମ ଓ ଜ୍ୟାଣ୍ଟ ସାଲାଲମ ବିଭାଗରେ ଭାଗ ନେଇଥିଲେ। ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି) ଓ ଆର୍ମିର ପ୍ରଶିକ୍ଷିତ ପ୍ରତିଯୋଗୀଙ୍କ ଉପସ୍ଥିତିରେ ରଞ୍ଜିତା ଯଦିଓ ପଦକ ହାସଲ କରିପାରି ନ ଥିଲେ ତେବେ ଉପସ୍ଥିତ ସ୍ନୋ ସ୍କିୟର୍ସ ଏବଂ ଅଲିମ୍ପିଆନଙ୍କ ଦୃଷ୍ଟିଆକର୍ଷଣ କରିପାରିଥିଲେ। ଓଡ଼ିଶା ଭଳି ବରଫବିହୀନ ରାଜ୍ୟରୁ ଆସି ଅନ୍ୟ ହିମପାତ ରାଜ୍ୟର ଖେଳାଳି ଏବଂ ଆଇଟିବିପି ଓ ଆର୍ମି ପ୍ରତିଯୋଗୀଙ୍କ ସହିତ ସମକକ୍ଷ ପ୍ରତିଦ୍ୱନ୍ଦ୍ୱିତା କରିପାରିଥିବାରୁ ଉପସ୍ଥିତ ଦର୍ଶକ ଓ ସ୍ନୋ ସ୍କିୟର୍ସମାନେ ରଞ୍ଜିତାଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ। ଇସ୍ପାତ ସହର ରାଉରକେଲାର ରଞ୍ଜିତା ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଜଣେ ସି-ସାର୍ଟିଫିକେଟଧାରୀ ମଧ୍ୟ।




■ ଅଷ୍ଟ୍ରିଆରେ ସ୍କି ରେସ୍ ପାଇଁ ଯୋଗ୍ୟତା
■ ଅର୍ଥ ସାଜିଛି ପ୍ରତିବନ୍ଧକ, ସ୍ପୋନ୍‌ସର ଆବଶ୍ୟକ



କଟକରେ ଚାଲିଥିବା ନାଲ୍‌କୋ କପ୍ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର କେନ୍ଦୁଝର ଓ କଟକ ମଧ୍ୟରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚ। (ଫଟୋ-ରାଜକିଶୋର ମହାନ୍ତି)

## ଓଡ଼ିଶା ଉଷୁ ଖେଳାଳିଙ୍କୁ ୨ ବ୍ରୋଞ୍ଜ

**ଭୁବନେଶ୍ୱର, ୧୦।୧୨ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶରେ ଚଳିତ ମାସ ୪ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ୩୦ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୨ ଖେଳାଳି ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଜିଙ୍ଗୟିକ୍ୱାନ ବିଭାଗରେ ଦିବ୍ୟ ମୋହନ ପ୍ରଧାନ ଏବଂ ତାଓଲୁ ବିଭାଗରେ ସତ୍ୟ ନାରାୟଣ ମହାରଣା ଏହି ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ ଖେଳାଳି ଓ ୫ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଦ୍ୟୁମ୍ନ ବେହେରା ଚାମ୍ପିୟନଶିପ୍‌ରେ ଅନ୍ୟତମ ମୁଖ୍ୟ ଜଜ୍ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହନ୍ତ ଓ ଅନୁରାଧା ଦୋରା ଟିମ୍ ମ୍ୟାନେଜର ଥିଲେ। ଓଡ଼ିଶା ଦଳର ସଦସ୍ୟମାନେ ୧୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।



ଅତିଥିଙ୍କ ସହ ଦିବ୍ୟ ମୋହନ ପ୍ରଧାନ ଓ ସତ୍ୟ ନାରାୟଣ ମହାରଣା।

## ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଲେ ମାରିନ

**ନୂଆଦିଲ୍ଲୀ,୧୦।୧୨:** ସ୍ପେନ୍ ମହିଳା ବ୍ୟାଡ୍‌ମିଣ୍ଟନ ତାରକା କରୋଲିନା ମାରିନ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ୩ଥର ଟାଇଟଲ ହାସଲ କରିଥିବା ମାରିନ୍ ଆଣ୍ଠୁରେ ଦେଖା ଦେଇଥିବା ଆଘାତ ସମସ୍ୟା କାରଣରୁ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ ନାହିଁ। ସୁଇସ୍ ଓପନ ଖେଳିବା ଅବସରରେ ୨୮ ବର୍ଷୀୟା ମାରିନ ଆହତ ହୋଇଥିଲେ ଓ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରୁ ମଧ୍ୟ ଓହରିଯାଇଥିଲେ। ତେବେ ସେ ସ୍ପେନର ହୁଏଲଭାରେ ଆୟୋଜନ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଘୋଷଣା କରିଥିଲେ। ମାନସିକ ଓ ଶାରୀରିକ ଭାବେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ନ ଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ପୂର୍ବରୁ ୨୦୧୯ ଜାନୁୟାରୀରେ ଇଣ୍ଡୋନେସିଆ ମାଷ୍ଟର୍ସ ଖେଳିବା ଅବସରରେ ମାରିନ ଆହତ ହୋଇଥିଲେ।

## ଯଶ ଧୁଲ ଭାରତ ଅଧିନାୟକ

**ନୂଆଦିଲ୍ଲୀ,୧୦।୧୨**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଡିସେମ୍ବର ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଶୁକ୍ରବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ଦଳ ଘୋଷଣା କରିଛି। ଦିଲ୍ଲୀର ଯଶ ଧୁଲଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଟୁର୍ନାମେଣ୍ଟ ପୂର୍ବରୁ ବେଙ୍ଗାଲୁରୁରେ ଏକ ପ୍ରସ୍ତୁତି ଶିବିରର ଆୟୋଜନ କରାଯିବ। ଏଥିରେ ୫ଜଣ ଷ୍ଟାଣ୍ଡବାଇ ଖେଳାଳିଙ୍କ ସମେତ ୨୫ ଜଣିଆ ଦଳ ଯୋଗ ଦେବ। ଅଲ୍ ଇଣ୍ଡିଆ ଜୁନିୟର ସିଲେକ୍ସନ କମିଟି ଏହି ଦଳ ଚୟନ କରିଛି। ଏସିଆନ କ୍ରିକେଟ କାଉନସିଲ (ଏସିସି) ୧୯ ବର୍ଷରୁ କମ୍ ଏସିଆ କପ୍ ଏଥର ୟୁଏଇରେ ଆୟୋଜନ ହେବ ବୋଲି କହିଛି। ଚଳିତ ବର୍ଷ ଅନୁଷ୍ଠିତ ବିନୁ ମଙ୍କଡ ଟ୍ରଫିରେ ଧୁଲ ସର୍ବାଧିକ ରନ ସଂଗ୍ରହ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ତରଫରୁ ଧୁଲ ପ୍ରତିନିଧିତ୍ୱ କରି ୫ଟି ମ୍ୟାଚ୍ ଖେଳିଥିଲେ ଓ ୭୫.୫୦ ରନ ହାରରେ ମୋଟ ୩୦୨ ରନ ସଂଗ୍ରହ କରିଥିଲେ। ତେବ ଆସନ୍ତାବର୍ଷ ଜାନୁୟାରୀ-ଫେବୃୟାରୀରେ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ପାଇଁ ଦଳ ପରେ ଘୋଷଣା କରାଯିବ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ଗତ ଦୁଇବର୍ଷ କ୍ରମାଗତ ଭାବେ ଟାଇଟଲ ହାସଲ କରିଥିବା ଭାରତ ୧୯ ବର୍ଷରୁ କମ୍ ଏସିଆ କପ୍‌ର ଗତ ୮ଟି ସଂସ୍କରଣରେ ୬ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି।

**୧୯ ବର୍ଷରୁ କମ୍ ଏସିଆ କପ୍**



ଯଶ ଧୁଲ

**୧୯ ବର୍ଷରୁ କମ୍ ଭାରତୀୟ ଦଳ** ଯଶ ଧୁଲ (ଅଧିନାୟକ), ହରନୁର ସିଂ ପାନ୍ନୁ, ଅଙ୍ଗକ୍ରିସ ରଘୁବଂଶୀ, ଅନ ଗୋସାଇ, ଏସ୍.କେ. ରସିଦ, ଅନେଶ୍ୱର ଗୌତମ, ସିଦ୍ଧାର୍ଥ ଯାଦବ, କୌଶାଲ ତାମ୍ବେ, ନିଶାନ୍ତ ସିନ୍ଧୁ, ଦୀନେଶ ବନ (ଉଇକେଟକିପର), ଆରାଧ୍ୟ ଯାଦବ (ଉଇକେଟ କିପର), ରାଜଅଙ୍ଗଦ ବାୱା, ରାଜବର୍ଦ୍ଧନ ହାନଗରଗେକର, ଗର୍ବ ସାଙ୍ଗୱାନ, ରବି କୁମାର, ରିଷିଥ ରେଡ୍ଡୀ, ମାନବ ପରଖ, ଅମ୍ରିତ ରାଜ ଉପାଧ୍ୟାୟ, ଭିକିଓଷ୍ଟୱାଲ, ବାସୁଭଟ୍ଟ। **ଷ୍ଟାଣ୍ଡବାଇ ଖେଳାଳି:** ଆୟୁଷ ସିଂ ଠାକୁର, ଉଦୟ ସହରନ, ଶାଶ୍ୱତ ଡଙ୍ଗୱାଲ, ଧନୁଷ ଗୌଡା ଓ ପି.ଏମ୍. ରାଠୋର।

## ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ



ଓଡ଼ିଶା ରଗ୍‌ବୀ ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ**

**ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)**

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ (୧୮ ବର୍ଷରୁ କମ୍ ବାଳିକା ଓ ବାଳକ) ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। କିଟ୍ ରଗ୍‌ବୀ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୧ ମହିଳା ଓ ୨୪ ପୁରୁଷ ଦଳରେ ମୋଟ ୬୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶା ବାଳକ ଦଳ ଛତିଶଗଡ଼ ଓ ମଧ୍ୟପ୍ରଦେଶ ବିପକ୍ଷରେ ଏବଂ ବାଳିକା ଦଳ ଛତିଶଗଡ଼ ଓ ପଣ୍ଡିଚେରୀ ବିପକ୍ଷରେ ସମସ୍ତ ପୁଲ୍ ମ୍ୟାଚ ଜିତି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ନିଜ ପୁଲ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଦିବସ ମ୍ୟାଚ ଅବସରରେ ରଗ୍‌ବୀ ଇଣ୍ଡିଆର ବୋର୍ଡ ସଦସ୍ୟ ତଥା ଅଭିନେତା ରାହୁଲ ବୋଷ, ଓଡ଼ିଶା ରାଜ୍ୟ ହାଉସିଂବୋର୍ଡ ଚେୟାରମ୍ୟାନ ତଥା ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ପାଇଁ ନିଃସର୍ତ୍ତ ସମର୍ଥନ ଯୋଗାଇ ଦେଇଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ରଗ୍‌ବୀ ଇଣ୍ଡିଆ ଏବଂ ରାଜ୍ୟ ଆସୋସିଏଶନର ସମସ୍ତ ସଦସ୍ୟ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆର୍ଥିକ ସମର୍ଥନ ଦେଉଛନ୍ତି। ଓଡ଼ିଶା ଦଳର ଭଲ ପ୍ରଦର୍ଶନ ପାଇଁ ଅଚ୍ୟୁତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। **ଓଡ଼ିଶା ବାଳିକା ଦଳ:** ଆରତି ମୁର୍ମୁ, ବର୍ଷା ବନି ମାଝି, ମାମା ନାଏକ, ନିର୍ମାଲ୍ୟ ରାଉତ, ପୁଷ୍ପାଞ୍ଜଳି ଭୋତ, ପ୍ରଭାତି ହାଁସଦା, ପଲକ ମଞ୍ଜରି ମହାନ୍ତି, ରଞ୍ଜିତା ନାଏକ, ସୁନନ୍ଦା ସିଂ, ସସ୍ମିତା ବାରିକ, ତରୁଲତା ନାଏକ, ତିଲୋତ୍ତମା ସାହୁ। ଓଡ଼ିଶା ବାଳକ ଦଳ: ମର୍କଣ୍ଡ ପ୍ରଧାନ, ରାମଚନ୍ଦ୍ର ହାଁସଦା, ଲକ୍ଷ୍ୟ ଟୁଡୁ, ବିନୁ ଟୁଡୁ, ବିନୁ ମାରାଣ୍ଡି, ଅଶୋକ ହାଁସଦା, ଗଣେଶ ଧଙ୍ଗଦ ମାଝି, ଗୁରୁ ମାଣ୍ଡୀ, ଲକିମ ସିସା, ଦୀପ୍ତି ରଞ୍ଜନ ପ୍ରଧାନ, ଜୀତେନ୍ଦ୍ର ସିଂ, ଜୟପାଲ ମୁଣ୍ଡା, ଆକାଶ କୁମାର ସାହୁ।



କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଶୁକ୍ରବାର ଅନୁଷ୍ଠିତ ବାଳିକା ବିଭାଗ ମ୍ୟାଚ।

## ଯୁବ ଖେଳାଳିଙ୍କ ପାଇଁ ଭଲ ସୁଯୋଗ: ମନପ୍ରୀତ

**ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)**



ଶୁକ୍ରବାର ଢାକା ଯାତ୍ରା ପୂର୍ବରୁ ଭାରତୀୟ ସିନିୟର ହକି ଦଳ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଟାଇଟଲ ବଜାୟ ରଖିବା ଉଦ୍ଦେଶ୍ୟରେ ଭାରତୀୟ ହକି ଦଳ ଶୁକ୍ରବାର ଢାକା ଯାତ୍ରା କରିଛି। ଢାକାରେ ଏହି ପ୍ରତିଯୋଗିତା ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହେବ। ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ପରେ ଭାରତୀୟ ସିନିୟର ହକି ଦଳର ଏହା ପ୍ରଥମ ଟୁର୍ନାମେଣ୍ଟ। ଏହି ମହାଦେଶୀୟ ପ୍ରତିଯୋଗିତାରେ ଭାରତୀୟ ଦଳର ଭଲ ପ୍ରଦର୍ଶନ ଆଶା କରିଛନ୍ତି ଟୋକିଓ ଅଲିମ୍ପିକ୍ସରେ ନିଜ ନେତୃତ୍ୱରେ ଭାରତକୁ ବ୍ରୋଞ୍ଜ ପଦକ ବିଜୟୀ କରାଇଥିବା ଅଧିନାୟକ ମନପ୍ରୀତ ସିଂ। "ଟୋକିଓ ଅଲିମ୍ପିକ୍ସ ପରେ ବିଦେଶରେ ଏହା ଆମର ପ୍ରଥମ ଟୁର୍ନାମେଣ୍ଟ। ତେଣୁ ଖେଳାଳିଙ୍କ ମନରେ ଉତ୍ସାହଭାବ ଜାଗ୍ରତ ହେବା ସ୍ୱାଭାବିକ। ଆମେ ଭୁବନେଶ୍ୱରରେ ଟ୍ରେନିଂ କ୍ୟାମ୍ପରେ ଭଲଭାବେ ଅଭ୍ୟାସ କରିଛୁ। ଭୁବନେଶ୍ୱର ଜଳବାୟୁ ସହିତ ଢାକା ଜଳବାୟୁ ସମାନ ରହିଥିବ ବୋଲି ଆଶା କରୁଛୁ। ତେଣୁ ସେଠାକାର ପରିବେଶ ସହିତ ଅଭ୍ୟସ୍ତ ହେବାକୁ ବେଶି ସମୟ ଲାଗିବ ନାହିଁ" ବୋଲି ମନପ୍ରୀତ ପ୍ରକାଶ କରିଛନ୍ତି। ଏସିଆ ମହାଦେଶର ଶ୍ରେଷ୍ଠ ୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଖେଳିଥିବା ଦଳରୁ ମାତ୍ର ୮ ଜଣ ଖେଳାଳି ଏସିଆନ ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷିତ ଦଳରେ ସାମିଲ ହୋଇଛନ୍ତି। ତାରକା ଗୋଲକିପର ପି.ଆର. ଶ୍ରୀଜେଶଙ୍କ ପରି ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ତେଣୁ ଯୁବ ଖେଳାଳିଙ୍କ ପାଇଁ ଏହି ଟୁର୍ନାମେଣ୍ଟ ସୁବର୍ଣ୍ଣ ସୁଯୋଗ ବୋଲି ଅନୁଭବ କରୁଛନ୍ତି ମନପ୍ରୀତ। "ଟୋକିଓ ଅଲିମ୍ପିକ୍ସରେ ଖେଳିଥିବା ଦଳରୁ ପାଖାପାଖି ୧୦ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ତେଣୁ ବଡ଼ ଟୁର୍ନାମେଣ୍ଟରେ ପ୍ରଦର୍ଶନ ପାଇଁ ସୁଯୋଗ ପାଉ ନ ଥିବା ଏବଂ ଯୁବ ଖେଳାଳିଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ। ସେମାନେ ନିଜର ପ୍ରତିଭା ଏବଂ ସ୍ୱାଭାବିକ ଖେଳ ଦେଖାଇବା ପାଇଁ ଏହା ହେଉଛି ପ୍ରକୃତ ପ୍ଲାଟଫର୍ମ" ବୋଲି ମନପ୍ରୀତ କହିଛନ୍ତି। ଭାରତୀୟ ଦଳରେ ୩ ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପସାନ ତିର୍କୀ, ନିଲମ ସଞ୍ଜୀପ୍ ଖେସ୍ ଓ ଶୀଳାନନ୍ଦ ଲାକ୍ରା। ଡିସେମ୍ବର ୧୪ରେ କୋରିଆ ବିପକ୍ଷରେ ଭାରତ ଏହାର ପ୍ରଥମ ମ୍ୟାଚ ଖେଳିବା ପରେ ୧୫ରେ ବାଂଲାଦେଶ, ୧୭ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୧୮ରେ ମାଲେସିଆ ଓ ୧୯ରେ ଜାପାନକୁ ଭେଟିବ। ସେମିଫାଇନାଲ ଡିସେମ୍ବର ୨୧ ଏବଂ ଫାଇନାଲ ୨୨ ତାରିଖରେ ଅନୁଷ୍ଠିତ ହେବ। ଏସିଆନ ଚାମ୍ପିୟନ୍ସ ଟ୍ରଫିର ପୂର୍ବ ସଂସ୍କରଣ ଓମାନର ମସ୍କଟରେ ଖେଳା ଯାଇଥିଲା। ଫାଇନାଲ ମ୍ୟାଚ ଦିନ ପ୍ରବଳ ବର୍ଷା ହେବାରୁ ଭାରତ ଓ ପାକିସ୍ତାନକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ଏହା ବ୍ୟତୀତ ଭାରତ ପୂର୍ବରୁ ୨୦୧୧ ଓ ୨୦୧୬ ଏବଂ ପାକିସ୍ତାନ ୧୦୧୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିଲା। ବାଂଲାଦେଶ ଏଥର ପ୍ରଥମଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା ଖେଳିବ।

**ଭାରତୀୟ ଦଳ**

ଗୋଲକିପର: କ୍ରିଷ୍ଣନ ବାହାଦୂର ପାଠକ, ସୂରଜ କରକେରା
ଡିଫେଣ୍ଡର: ହରମନପ୍ରୀତ ସିଂ (ଉପ-ଅଧିନାୟକ), ଗୁରିନ୍ଦର ସିଂ, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ବରୁଣ କୁମାର, ନିଲମ ସଞ୍ଜୀପ୍ ଖେସ, ମନଦୀପ ମୋର।
ମିଡ୍‌ଫିଲ୍ଡର: ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ (ଅଧିନାୟକ), ଜସକରଣ ସିଂ, ସୁମିତ, ରାଜକୁମାର ପାଲ, ଆକାଶଦୀପ ସିଂ, ସମସେର ସିଂ।
ଫରୱାର୍ଡ: ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ, ଗୁରସାହିବଜିତ ସିଂ, ଶିଳାନନ୍ଦ ଲାକ୍ରା।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ